୬ ଭାରତୀୟ ହକି ଦଳର ଅଷ୍ଟ୍ରେଲିଆ ଗସ୍ତ
ଓଡ଼ିଶାରୁ ଅମିତ, ସଞ୍ଜୀପ, ଶିଳାନନ୍ଦ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୮୯ ● ୬ ଅଗଷ୍ଟ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-189 ● 6th August 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀ

# ଦୁର୍ନୀତିରୁ ଦୂରରେ ରହିବାକୁ ଅଧିକାରୀଙ୍କୁ ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୮
ନ୍ୟୁଜ୍ ବ୍ୟୁରୋ

ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିଭଳି ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରନ୍ତୁ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଲୋକସେବା ଭବନ କନଭେନ୍ସନ୍ ସେଣ୍ଟରରେ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବନ ଅଧିକାରୀମାନଙ୍କୁ କହିଥିଲେ ଯେ, ଆମ ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ।




ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ସେମାନଙ୍କ ପାଇଁ ସଂଘର୍ଷହୀନ ସହାବସ୍ଥାନ ସୃଷ୍ଟି ଓ ସେମାନଙ୍କ ସୁରକ୍ଷା କରିବା ହେଉଛି ସରକାରଙ୍କ ନୈତିକ ଦାୟିତ୍ୱ। ବନ ଅଧିକାରୀମାନେ ସମସ୍ତେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ମିଳାମିଶା କରୁଛନ୍ତି। ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନ ଚାଷ କରିବା ପାଇଁ ବିଭାଗକୁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ। ବୃକ୍ଷରୋପଣ ସହିତ ତା'ର ସୁରକ୍ଷା, ପରିଚାଳନା ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ। ଏଥିସହିତ (ପୃଷ୍ଠା ୭ରେ)

# ବାଦଲ ଫଟା ବର୍ଷା : ୪ ମୃତ, ୫୦ ନିଖୋଜ

## ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦୁଃଖ ପ୍ରକାଶ : ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ

ଉତ୍ତରକାଶୀ, ୫।୮

ମଙ୍ଗଳବାର ଅଚାନକ ବାଦଲଫଟା ବର୍ଷା ଯୋଗୁ ଉତ୍ତରକାଶୀ ଜିଲ୍ଲାର ହର୍ଷିଲ୍ ଅଞ୍ଚଳର ଧରାଳି ଗାଁରେ ଖୀରଗଙ୍ଗା ନଦୀରେ ବନ୍ୟା ଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଅଞ୍ଚଳରେ ଭୂସ୍ଖଳନ ଘଟିବାରୁ ୨୦ରୁ ଅଧିକ ହୋଟେଲ୍ ଓ ହୋମ୍‌ଷ୍ଟେ ଧ୍ୱଂସ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତତ୍କାଳ ସହାୟତା ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେନା, ଏସଡିଆରଏଫ, ଏନଡିଆରଏଫ, ଜିଲ୍ଲା ପ୍ରଶାସନ ଓ ଅନ୍ୟ ଅନୁସୂଚିତ ଟିମ୍‌ମାନେ ଘଟଣା ସ୍ଥଳରେ ସହାୟତା ଓ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ନିଖୋଜ ହୋଇଛନ୍ତି। ସଂପୃକ୍ତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହିତ ମାଟିଅତଡା ଖସି ବନ୍ୟାପାଣିରେ ଅନେକ ଭାସି ଯାଇଥିବାରୁ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରକାଶୀର ଧରାଳିରେ ଘଟିଥିବା ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସେ ଏହି ଘଟଣାରେ ପ୍ରଭାବିତ ସମସ୍ତଙ୍କର ମଙ୍ଗଳ କାମନା (ପୃଷ୍ଠା ୭ରେ)



## ଉତ୍ତରାଖଣ୍ଡରେ ୮-୧୦ ଯବାନ ନିଖୋଜ

ଉତ୍ତରକାଶୀ, ୫।୮

ଉତ୍ତରାଖଣ୍ଡର ଉତ୍ତରକାଶୀରେ ମଙ୍ଗଳବାର ହୋଇଥିବା ବାଦଲଫଟା ବର୍ଷା ଘଟଣା ସମ୍ପର୍କରେ ଏକ ବଡ଼ ଖବର ଆସିଛି। ଜଣେ ଭାରତୀୟ ସେନା ଅଧିକାରୀ କହିଛନ୍ତି ଯେ ତଳ ହର୍ଷିଲ ଘାଟି ଅଞ୍ଚଳର ଏକ ସେନା ଶିବିରରୁ ୮-୧୦ ଜଣ ଭାରତୀୟ ସେନା ଯବାନ ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ଏକ ବଡ଼ ଧରଣର ତଲାସୀ ଅଭିଯାନ ଆରମ୍ଭ କରାଯାଇଛି। କେବଳ ସେନା ଯବାନ ନୁହନ୍ତି ନିଖୋଜ ଗ୍ରାମବାସୀଙ୍କ ତଲାସୀ ପାଇଁ ବଡ଼ ଅଭିଯାନ ଚାଲିଛି ବୋଲି ସେ କହିଛନ୍ତି । ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟରର ବ୍ୟବହାର କରାଯାଉଛି ।

ଭାରତୀୟ ସେନାର ବ୍ରିଗେଡ କମାଣ୍ଡର ବ୍ରିଗେଡୀୟ ମାନଦୀପ ଢିଲୋଁ କହିଛନ୍ତି, 'ମଙ୍ଗଳବାର ଧରାଳି ଗାଁରେ ଭୂସ୍ଖଳନ ଏବଂ ହିମସ୍ଖଳନ ଘଟିଛି। ହର୍ଷିଲ ପୋଷ୍ଟରେ ଅବସ୍ଥିତ ଭାରତୀୟ ସେନା ପ୍ରଥମେ ପ୍ରତିକ୍ରିୟା ପ୍ରକାଶ କରିଥିଲା ଏବଂ ୧୦ ମିନିଟ୍ ମଧ୍ୟରେ ଗାଁରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଚାଲିଛି। ପ୍ରାୟ ୨୦ ଜଣଙ୍କୁ ଉଦ୍ଧାର କରାଯାଇଛି (ପୃଷ୍ଠା ୭ରେ)

## ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୮
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ତାଙ୍କ ସହ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆଦିଲ୍ଲୀରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନେଇ କେନ୍ଦ୍ରମନ୍ତ୍ରୀ ଓ ଜାତୀୟ ନେତାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ତାଙ୍କର ଏହି ଗସ୍ତ ସମୟରେ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟି ପାରନ୍ତି । ରାଜ୍ୟରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେବା ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଦଳୀୟ ନେତୃତ୍ୱଙ୍କ ସହ ଆଲୋଚନା କରିପାରନ୍ତି। ଆସନ୍ତା ଗୁରୁବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଆସିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

## ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି : ଆଜି ପଞ୍ଜିକରଣ

ଭୁବନେଶ୍ୱର, ୫।୮
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୧ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୧ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି (ପୃଷ୍ଠା ୭ରେ)

# ୨୪ ଘଣ୍ଟାରେ ଭାରତ ଉପରେ ପ୍ରବଳ ଶୁଳ୍କ ବସାଇବି

ୱାଶିଂଟନ, ୫।୮

ଆମେରିକାକୁ ଭାରତର ବଡ଼ ଜବାବ ପରେ ବିଗିଡ଼ିଯାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ମଙ୍ଗଳବାର ଏକ ବଡ଼ ଘୋଷଣା କରି କହିଛନ୍ତି ଯେ ସେ ୨୪ ଘଣ୍ଟା ମଧ୍ୟରେ ଭାରତ ଉପରେ ପ୍ରବଳ ଶୁଳ୍କ ଲାଗୁ କରିବେ। ରୁଷକୁ ଏକ ଯୁଦ୍ଧ ମେସିନ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଭାରତ ଏହାକୁ ଇନ୍ଧନ ଦେଉଛି।

ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, 'ଭାରତ ଏକ ଭଲ ବାଣିଜ୍ୟିକ ଅଂଶୀଦାର ନୁହେଁ କାରଣ ସେମାନେ ଆମ ସହିତ ବହୁତ ବାଣିଜ୍ୟ କରନ୍ତି, କିନ୍ତୁ ଆମେ ସେମାନଙ୍କ ସହିତ ଅଧିକ ବାଣିଜ୍ୟ କରୁନାହୁଁ। ତେଣୁ ଆମେ ୨୫ ପ୍ରତିଶତ ଶୁଳ୍କ ଉପରେ ରାଜି



ହୋଇଥିଲୁ, କିନ୍ତୁ ମୁଁ ଭାବୁଛି ମୁଁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହାକୁ ବହୁତ ବୃଦ୍ଧି କରିବି କାରଣ ସେମାନେ ରୁଷଠାରୁ ତେଲ କିଣୁଛନ୍ତି।'

ସୋମବାର ମଧ୍ୟ ଟ୍ରମ୍ପ ଭାରତକୁ ଧମକ ଦେଇଥିଲେ । ଏହା ପରେ ଭାରତ ପକ୍ଷରୁ ଏକ ଜବାବ ଦିଆଯାଇଥିଲା ଯେ ଉଭୟ ଆମେରିକା ଓ ୟୁରୋପ ରୁଷରୁ ବିଭିନ୍ନ ସାମଗ୍ରୀ ଖରିଦ କରୁଛନ୍ତି, କିନ୍ତୁ ଅକାରଣ ଭାରତକୁ ଟାର୍ଗେଟ କରାଯାଉଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ଏକ ବୟାନ ଜାରି କରି କହିଥିଲା ଯେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ତୈଳର ପାରମ୍ପରିକ ଯୋଗାଣଗୁଡ଼ିକ ୟୁରୋପ ଆଡ଼କୁ ଚାଲିଯାଇଥିଲା। ଏହା ପରେ ଭାରତ ବାଧ୍ୟ ହୋଇ ରୁଷରୁ ଆମଦାନୀ କରିଥିଲା । ବିଶ୍ୱ ତୈଳ ବଜାରରେ ଭାରସାମ୍ୟ ରକ୍ଷା କରିବାକୁ ଭାରତର ଏହି ପଦକ୍ଷେପକୁ ସେତେବେଳେ ଆମେରିକା ମଧ୍ୟ ସମର୍ଥନ କରୁଥିଲା ।

# ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ୪ଟି ପ୍ରସ୍ତାବ

ପୁରୀ, ୫।୮
ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିରରେ ଆଇନ ବ୍ୟବସ୍ଥା ନେଇ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ସୁରକ୍ଷା ନେଇ ବୈଠକ ଶେଷ ହେଲା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି।

ଡ. ପାଢ଼ୀ କହିଛନ୍ତି, କୌଣସି ବ୍ୟକ୍ତି ମୋବାଇଲ ଫୋନ୍ ଜାଣତରେ ବ୍ୟବହାର କରୁଛନ୍ତି ତେବେ ଦଣ୍ଡବିଧାନର ପ୍ରସ୍ତାବ ରହିବ। ବର୍ତ୍ତମାନ ଏହା ୧୦୦୦ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି। ଦ୍ୱିତୀୟ ପ୍ରସଙ୍ଗ ହେଲା ହେଉଛି କୌଣସି ହିସାବରେ ମହାପ୍ରଭୁଙ୍କ ସଂସ୍କୃତି ଗାରିମା ଜାଣତରେ



କେହିବି କ୍ଷୁଣ୍ଣ କରିପାରିବେନି। ସୋସିଆଲ ମିଡିଆରେ ଭାବାବେଗକୁ ଆଘାତ ଭଳି କୌଣସି ପୋଷ୍ଟ କରିବେନି। ଯଦି ଏଭଳି ହୁଏ କଠୋର ଦଣ୍ଡବିଧାନ ହେବ ଏବଂ ଗିରଫ ପରୱାନା ୭ ବର୍ଷ ପର୍ଯ୍ୟନ୍ତ ପାଇଁ ହୋଇପାରେ। ତୃତୀୟ ବିନ୍ଦୁ ହେଉଛି ଅନଧିକୃତ ଭାବେ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡାଇଲେ କଠୋର ଦଣ୍ଡବିଧାନ ସହ (ପୃଷ୍ଠା ୭ରେ)

## ଚଞ୍ଚକତା କରି ଶ୍ରୀମନ୍ଦିର ଫଟୋ ଉଠାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୫।୮
ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିରକୁ ସ୍ପାଇ କ୍ୟାମେରା ଧରା ପଡ଼ିବା ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ,ଏ ବାବଦରେ ସରକାର ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି । କେମିତି କଠୋର ଚେକିଂ ହେବ ସେ ନେଇ ପ୍ରକ୍ରିୟା ଆରମ୍ଭ ହେବ । ଏହାସହ ଯେଉଁମାନେ ଚଞ୍ଚକତା କରି ଶ୍ରୀମନ୍ଦିର ଫଟୋ (ପୃଷ୍ଠା ୭ରେ)

# ଶୋଭନା ମହାନ୍ତି ମହିଳା କମିଶନ ଓ ବବିତା ପାତ୍ର ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ନିଯୁକ୍ତ





ଭୁବନେଶ୍ୱର, ୫।୮ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଶୋଭନା ମହାନ୍ତିଙ୍କୁ ମହିଳା କମିଶନର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି ହୋଇଛି। ବାଲେଶ୍ୱର ଜିଲ୍ଲା (ପୃଷ୍ଠା ୭ରେ)

# ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ନୂଆଦିଲ୍ଲୀ, ୫।୮

ଭାରତ ଓ ଫିଲିପାଇନ୍ସ ମଧ୍ୟରେ ରାଜନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ଅବସରରେ ଭାରତ ଗସ୍ତରେ ଆସିଥିବା ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନେଣ୍ଡ ଆର. ମାର୍କୋସ୍ ଜୁନିଅର୍ ମଙ୍ଗଳବାର ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି।

ଭାରତ ଗସ୍ତରେ ଆସିଥିବା ସମୟରେ ରାଷ୍ଟ୍ରପତି ମାର୍କୋସ୍ ପ୍ରଥମେ ରାଜଘାଟ୍‌କୁ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର



ଦ୍ୱିପକ୍ଷୀୟ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଉଭୟ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ, ପ୍ରତିରକ୍ଷା, ବ୍ୟାପାର ଓ ଡିଜିଟାଲ୍ ପ୍ରଯୁକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବିଷୟରେ ଆଲୋଚନା ହୋଇଥିଲା।

## ମାଓବାଦୀ ରେଳଧାରଣା ଉଡ଼ାଇବା ଘଟଣା: ଅତିରିକ୍ତ ଡିଜିଙ୍କ ସ୍ଥିତି ଅନୁଧ୍ୟାନ

ଭୁବନେଶ୍ୱର, ୫।୮
ନ୍ୟୁଜ୍ ବ୍ୟୁରୋ

ମାଓବାଦୀମାନେ ରେଳ ଲାଇନ ଉଡାଇବା ଘଟଣା ନେଇ ଅତିରିକ୍ତ ଡିଜି ସଞ୍ଜୀବ କୁମାର ପଣ୍ଡା ରାଉରକେଲା ଏସପି ଓ ପଶ୍ଚିମାଞ୍ଚଳ ପୋଲିସ ଡ଼ିଆଇଜିଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଉରକେଲା ପୋଲିସ ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି ବୋଲି କହିଛନ୍ତି ଅତିରିକ୍ତ ଡିଜି। ୨୦୧୮ ମସିହା ପରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇଥିଲା। ଏବେ ଗତ କିଛି ଦିନ ହେଲା ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ମାଓବାଦୀ ମୁକାବିଲା କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସର୍କାର ପୂରା ରାଗିପାଚି ଲାଲ୍
ଧରିବେ ଏଥର ଚୁଟି
ଦୋନମ୍ବରୀ ଧନ୍ଦା କରୁଥିଲେ ବାବୁ
ଦେବେ ପୂରାପୂରି ଘାଣ୍ଟି
ଜଙ୍ଗଲି ବାବୁଙ୍କ ଶୁଖିଲା ତଣ୍ଟି
ତାଙ୍କ ଦେଖାଦେଖି ଅନ୍ୟ ବିଭାଗରେ
ବାଜଇ ସତର୍କ ଘଣ୍ଟି।

# ଓଡ଼ିଶାକୁ ସୁନାମୀ ଭୟ



ନୂଆଦିଲ୍ଲୀ, ୫।୮

ସୁନାମୀ ବିପଦ ମୁଖ୍ୟତଃ ଭୂମିକମ୍ପ, ସାମୁଦ୍ରିକ ଜ୍ୱାଳାମୁଖୀ କିମ୍ବା ଭୂସ୍ଖଳନ ଦ୍ୱାରା ସୃଷ୍ଟି ହୁଏ।

ଋଷିଆରେ ଏକ ବଡ଼ ଭୂମିକମ୍ପ ହେବା ପରେ, ଜାପାନ ଓ ଆମେରିକୀୟ ଏଜେନ୍ସିଗୁଡ଼ିକ ମଧ୍ୟ ସୁନାମୀ ସତର୍କତା ଜାରି କରିଥିଲେ। ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ବିପଦ ମୁଖ୍ୟତଃ ଭୂମିକମ୍ପ, ସାମୁଦ୍ରିକ ଜ୍ୱାଳାମୁଖୀ କିମ୍ବା ଭୂସ୍ଖଳନ ଭଳି ପ୍ରାକୃତିକ କାରଣ ଯୋଗୁଁ ହୋଇପାରେ। ଭାରତର କେଉଁ ସହରଗୁଡ଼ିକ ସୁନାମୀର ଅଧିକ ସମ୍ଭାବନା ରହିଛି ସେ ସମ୍ପର୍କରେ ଜଣାପଡିଛି ଯେ ଉପକୂଳ ଓଡ଼ିଶାର ବହୁ ଅଞ୍ଚଳ ଏହି ତାଲିକାରେ ରହିଛି।

ବୈଜ୍ଞାନିକଙ୍କ ସୂଚନା ଅନୁସାରେ ଓଡ଼ିଶା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଯେପରିକି ପୁରୀ, କୋଣାର୍କ, ବାଲେଶ୍ୱର ଏବଂ ଗଞ୍ଜାମ ଜିଲ୍ଲାର କିଛି ଅଞ୍ଚଳ ସୁନାମୀ ପ୍ରଭାବକୁ ଅଧିକ ପ୍ରତିକ୍ରିୟାଶୀଳ ହେବାର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଅବସ୍ଥିତ ପୁରୀ, ଘୂର୍ଣ୍ଣିଝଡ଼ ଓ ସୁନାମୀ ଭଳି ସାମୁଦ୍ରିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ। ତେବେ, ସୁନାମୀର ପ୍ରଭାବ କେବଳ ଓଡ଼ିଶା ନୁହେଁ, ଭାରତର ଅନ୍ୟ କିଛି ରାଜ୍ୟ ଓ ସହରକୁ ମଧ୍ୟ (ପୃଷ୍ଠା ୭ରେ)

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା: ବୋର୍ଡ ସଭାପତିଙ୍କୁ କ୍ରାଇମବ୍ରାଞ୍ଚର ଜେରା

କଟକ, ୫।୮ : ନ୍ୟୁଜ୍ ବ୍ୟୁରୋ

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆହୁରି ଅଧିକ ଲୋକ ସମ୍ପୃକ୍ତ ଥିବା ଜଣାଯାଇଛି। ଏହି ମାମଲାରେ ଗିରଫଦାରୀ ସଂଖ୍ୟା ଆହୁରି ବଢିବ ବୋଲି କୁହାଯାଉଛି। ଏଣେ ଏନେଇ ବୋର୍ଡ ସଭାପତିଙ୍କୁ ଚାରି ଥର ଜେରା କଲାଣି କ୍ରାଇମବ୍ରାଞ୍ଚ। ଗିରଫ ଓ ସନ୍ଦେହରେ ଥିବା ଅଭିଯୁକ୍ତଙ୍କ ଆର୍ଥିକ କାରବାରର ଛାନଭିନ ଚାଲିଛି ।

ସୂଚନାଯୋଗ୍ୟ, ୨୦୨୨ରେ ଓଟିଇଟି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଉଠିଥିଲା। ଏନେଇ କିନ୍ତୁ ବୋର୍ଡ ପକ୍ଷରୁ କୌଣସି ଅଭିଯୋଗ କରାଯାଇନଥିଲା ବୋଲି କ୍ରାଇମ ବ୍ରାଞ୍ଚ ଯାଞ୍ଚ ପରେ ଜଣାପଡିଛି। ମାତ୍ର ସେତେ ବେଳେ ଅଭିଯୋଗ ହୋଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଆର୍ଥିକ କାରବାର ଦିଗକୁ ନେଇ ଯାଞ୍ଚ ଚାଲିଥିବାରୁ ପୂର୍ବରୁ ହୋଇଥିବା ଅନିୟମିତତା ତଦନ୍ତ ପରିସରକୁ କ୍ରାଇମ ବ୍ରାଞ୍ଚ ଆଣିଛି। ସେହିପରି ଏଥର ଅନିୟମିତତାରେ ମୁଖ୍ୟ ଅଭିଯୁକ୍ତମାନଙ୍କ ଆର୍ଥିକ ଯାଞ୍ଚ କରାଯାଉଛି। ସେ ସମ୍ପର୍କିତ ଅନେକ ଦସ୍ତାବିଜ୍ କ୍ରାଇମ ବ୍ରାଞ୍ଚ ହାତରେ ଲାଗିଛି। ସେହିପରି ଅଧିକ ତଥ୍ୟ ଲାଗି ଦରକାର ପଡ଼ିଲେ ବୋର୍ଡ ସଭାପତିଙ୍କୁ ପୁନର୍ବାର ତଦନ୍ତ ପାଇଁ ଡକାଯିବ। ଏନେଇ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।





# ଭୂତକୋଠି ପାଲଟିଥିବା ଗିରିସୋଲା ପାନ୍ଥିକା କାର୍ଯ୍ୟକ୍ଷମ ହେବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନିର୍ମାଣର ୬ ବର୍ଷ ବିତିଗଲାଣି । ହେଲେ ୪ କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲ୍ଲାର ଭାଲିଆଗଡ଼ ନିକଟରେ ଥିବା ଗିରିସୋଲା ପାନ୍ଥିକା ବ୍ୟବହୃତ ନହୋଇ ଭୂତକୋଠି ପାଲଟିଥିଲା । ତେବେ ଖବର ପ୍ରକାଶ ପାଇବା ପରେ ଏବେ ପ୍ରଶାସନର ଚେତା ଉଠିଛି । ପାନ୍ଥିକାକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ଆରମ୍ଭ କରିଛି ପର୍ଯ୍ୟଟନ ବିଭାଗ । ପାନ୍ଥିକାକୁ ସଫା କରିବା ସହ ତାହାର ରକ୍ଷଣାବେକ୍ଷଣ ପାଇଁ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଅନୁଦାନ ୪ କୋଟି ବ୍ୟୟରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏହାକୁ ନିର୍ମାଣ କରିଥିଲା । ୨୦୧୬ ମସିହାରେ ଜାତୀୟ ରାଜପଥ-୧୬ କଡ଼ରେ ୪ ଏକର ଜମିରେ ସ୍ଥାୟୀ ପଥପାର୍ଶ୍ୱ ବିଶ୍ରାମ କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇ ୨୦୧୯ ମସିହାରେ ନିର୍ମାଣ କାର୍ଯ୍ୟ ସରିଥିଲା । କିନ୍ତୁ ତାହା କାର୍ଯ୍ୟକ୍ଷମ କରାଯାଇନଥିଲା । ମାସ ମାସ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହି ଏଠାକାର କେତେକ କୋଠାରେ ଉଈ ଲାଗିଯାଇଥିଲା । ଏହା ପରିସରରେ ଥିବା ମୂଲ୍ୟବାନ୍ ଆଲୋକ ସଜ୍ଜା ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା । ଉକ୍ତ କେନ୍ଦ୍ର ପରିସରରେ ପର୍ଯ୍ୟଟକଙ୍କ ରହଣି ନିମନ୍ତେ କଟେଜ୍, ଦୋକାନ ଗୃହ ସମେତ ରୋଷେଇ ଗୃହ ନିର୍ମାଣ ହୋଇଥିଲେ ବି ଲୋକଙ୍କ କାମରେ ଆସୁନଥିଲା । ପ୍ରକାଶଥାଉକି, ପାନ୍ଥିକାର ପୁରାତନ କୋଠା ନିର୍ମାଣ ସକାଳେ ୧୯୯୩ ମସିହାରେ ତତ୍କାଳୀନ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ୨୦ ଲକ୍ଷ ଟଙ୍କା ବ୍ୟୟରେ କାମ ଆରମ୍ଭ ହୋଇ ୨୦୦୨ ମସିହା ବେଳକୁ ସରିଥିଲା । ସେତେବେଳେ ପାନ୍ଥିକାରେ ୪ଟି ଶୀତତାପ ନିୟନ୍ତ୍ରିତ କୋଠରୀ ଥିଲା ୪ଟି । ପରେ ୪ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରାଯାଇଥିଲା । ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପହଞ୍ଚି ଯାଇଥିଲା । ଉଈ ହୁଙ୍କା ଖେଳିଯାଇଥିଲା । ୨୦୧୬ ମସିହାରେ ସେହି ପରିସରରେ ନୂଆ କୋଠା ନିର୍ମାଣ ଆରମ୍ଭ ହୋଇଥିଲା । ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ୨୦୧୬ ଅକ୍ଟୋବର ୧୮ରେ ଶିଳାନ୍ୟାସ କରିଥିଲେ । ଏତେ ଅର୍ଥ ବ୍ୟୟ ଓ ରାଜପଥ କଡ଼ରେ ବ୍ୟାପକ ଭିତ୍ତିଭୂମି ଥିବା ସତ୍ତ୍ୱେ ପାନ୍ଥିକା ଅବ୍ୟବହୃତ ହୋଇ ପଡ଼ିରହିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇ ଚାଲିଥିଲା । ଏ ସଂକ୍ରାନ୍ତରେ ଗତ ମାର୍ଚ୍ଚ ମାସରେ ଖବର ପ୍ରକାଶ ପାଇଥିଲା । ଏହି କେନ୍ଦ୍ରରେ ବିବାହ, ବ୍ରତ, ସାମାଜିକ ଉତ୍ସବ ଏବଂ ଭୋଜି ନିମନ୍ତେ ବ୍ୟବହାର ହେଉ ବୋଲି ଅଞ୍ଚଳବାସୀ ଦାବି କରିଥିଲେ । ନଚେତ୍ ଲାଇବ୍ରେରୀ ଖୋଲି ନିକଟସ୍ଥ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାର ହେଉ ବୋଲି ମଧ୍ୟ ସାଧାରଣରେ ମତ ପ୍ରକାଶ ପାଇଥିଲା । ଏବେ ପର୍ଯ୍ୟଟନ ବିଭାଗ ଏହାର ପୁନରୁଦ୍ଧାର କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ଆରମ୍ଭ କରିଛି । ଶୀଘ୍ର ବିଦ୍ୟୁତ୍ ସଂଯୋଗ ପରେ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ ବୋଲି ବିଭାଗ ତରଫରୁ ଜଣାଯାଇଛି ।

## ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ପରେବି ଗାଁକୁ ବିଦ୍ୟୁତ୍ ସେବା ଅପହଞ୍ଚ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଭାରତବର୍ଷ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ପରେବି ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ଜିଲ୍ଲା କୁଜୁମୁରା ବ୍ଲକର ଏକ ଗ୍ରାମରେ ବିଦ୍ୟୁତ୍ ସେବା ଅପହଞ୍ଚ । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଜନସଂଖ୍ୟାଗତ ରୂପରେଖା (ପ୍ରୋଫାଇଲ) ସୂଚନା ଅନୁଯାୟୀ, ଓଡ଼ିଶା ରାଜ୍ୟରେ ମୋଟ୍ ଗ୍ରାମ ସଂଖ୍ୟା ୫୩,୮୪୫ ଯେଉଁଥିରୁ ୪୭,୫୨୯ ଗ୍ରାମ ହେଉଛି ଜନବସତି ଗ୍ରାମ ଯେଉଁଠାରେ ହାରାହାରି ୩୮.୭୬ ପ୍ରତିଶତ ଲୋକ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଅଟନ୍ତି । ସରକାରୀ ସୂତ୍ର ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର ସ୍ଥିତି ଅନୁଯାୟୀ, ସମସ୍ତ ୪୭,୫୨୯ ଗ୍ରାମକୁ ବିଦ୍ୟୁତୀକରଣ କରାଯାଇଛି । ହେଲେ ସମ୍ବଲପୁର ଜିଲ୍ଲା କୁଜୁମୁରା ବ୍ଲକ, ସାଲେଭଟ୍ଟି ପଡ଼ା, ପୋଷ୍ଟ/ପଞ୍ଚାୟତ/ଗ୍ରାମ ଲିପିଣ୍ଡାର ଅନୁସୂଚିତ ଜାତି ବର୍ଗର ପ୍ରାୟ ୨୫ ପରିବାରର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଉକ୍ତ ଗ୍ରାମର ଅଗଣାରେ ଜଙ୍ଗଲକୁ ଲାଗି ବାସ କରୁଛନ୍ତି ଏବଂ ସେମାନଙ୍କ ଅଞ୍ଚଳରେ କୌଣସି ବିଦ୍ୟୁତୀକରଣର ସୁବିଧା ନାହିଁ । ୪ ତାରିଖର ପତ୍ର ମାଧ୍ୟମରେ ସେମାନେ ସମ୍ବଲପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳଙ୍କୁ, ବ୍ଲକ-କୁଜୁମୁରା, ଲିପିଣ୍ଡା ଗ୍ରାମର ସାଲେଭଟ୍ଟି ପଡ଼ାରେ ବିଦ୍ୟୁତୀକରଣର ସୁବିଧା ସକାଶେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି ।



## ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ବିଦ୍ୟାଳୟ ମାନଙ୍କର ଭିତ୍ତିଭୂମିର ବିକାଶ ଓ ୟୁଏସଏ ଆପ୍ ବ୍ୟବହାର ସଂପର୍କିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣୀ ମାନସ କୁମାର ସାହୁଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଥିଲେ । ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ଠିକ୍ ନଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଥିବା ବେଳେ ନେଟୱର୍କ ଅଭାବରୁ ୟୁଏସଏ ଆପ୍ ବ୍ୟବହାର ମଧ୍ୟ ହୋଇପାରୁନାହିଁ । ତୁରନ୍ତ ଭିତ୍ତିଭୂମିର ବିକାଶ ସହିତ ନେଟୱର୍କ ବ୍ୟବସ୍ଥା କରିବାକୁ ଦାବି କରିଥିବାବେଳେ ଭିତ୍ତିଭୂମିର ବିକାଶ ନହେବାଯାଏ ୟୁଏସଏ ଆପରେ ତଥ୍ୟ ପଠାଇବା ବନ୍ଦ ପରିବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ଅବସରରେ ଅଞ୍ଚଳର ବିଭିନ୍ନ ଶିକ୍ଷକ ସଂଘ ତରଫରୁ ସୁଶିଳ କୁମାର ପୋଡ଼, ବୃନ୍ଦାବନ ଧରୁଆ, ଜିତେନ୍ଦ୍ର ପଣ୍ଡା, ଆଲୋକ ମେହେର, ମିଠାଲାଲ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

# ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଜିଲ୍ଲାର ଉନ୍ନୟନ ସମ୍ପର୍କିତ କିଛି ପଦକ୍ଷେପ ଗ୍ରହଣ ପାଇଁ ଦୃଷ୍ଟି ଆକର୍ଷଣ ସହ ସ୍ଥାନୀୟ ବସ୍‌ଷ୍ଟାଣ୍ଡର ଦୁରାବସ୍ଥା ସମ୍ପର୍କରେ କହି ଯାତ୍ରୀ ବିଶ୍ରାମାଗାର ନଥିବା ହେତୁ ଯାତ୍ରୀ ଭୋଗୁଥିବା ଅକଥନୀୟ ଦୁର୍ଦ୍ଦଶା ସଂପର୍କରେ ସୂଚନା ଦେବାପରେ ହଠାତ୍ ସକାଳୁ ହିଁ ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡକୁ ଅଚାନକ୍ ପରିଦର୍ଶନରେ ଆସି ଉପସ୍ଥିତ ଯାତ୍ରୀ, ବୁଦ୍ଧିଜୀବୀ, ଅଟୋ, ବସ୍ ମାଲିକ, ସାମ୍ବାଦିକ, ପୌର ପରିଷଦ ଅଧିକାରୀ, ଯନ୍ତ୍ରୀ ଓ ପ୍ରାକ୍ତନ ପୌର ଅଧ୍ୟକ୍ଷଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବସ୍‌ଷ୍ଟାଣ୍ଡରେ ଖାଲ ଖମାକୁ ମରାମତି କରିବା ସହ ତୁରନ୍ତ ଏକ ଅସ୍ଥାୟୀ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରିବାକୁ ପୌରପରିଷଦ ଅଧିକାରୀ ଓ ବିଭିନ୍ନ ଅଧିକାରୀଙ୍କୁ ସ୍ପଷ୍ଟରୁ ନିର୍ଦ୍ଦେଶ କରିଥିଲେ । ନିକଟସ୍ଥ ଶୌଚାଳୟକୁ ପରିଦର୍ଶନ କରି ଏହାର ସଫା ସୁତରା ଦେଖି ପରିଚାଳକଙ୍କୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ । ନୂଆ ବସ୍‌ଷ୍ଟାଣ୍ଡର ଟେଣ୍ଡର ପ୍ରକ୍ରିୟା ବିଷୟରେ ଏଠାରେ ଲୋକଙ୍କ ସମ୍ମୁଖରେ ଅଧିକାରୀଙ୍କୁ ବୁଝିଥିଲେ ଜିଲ୍ଲାପାଳ ଓ ଏହାର ପ୍ରକ୍ରିୟା ସରିଯାଇଥିବା ଓ ଶୀଘ୍ର କାମ ଆରମ୍ଭ ହେବାକୁଥିବା ବିଷୟ ଜିଲ୍ଲାପାଳଙ୍କୁ ସୂଚନା ଦେଇଥିଲେ ଅଧିକାରୀ । ପରେ ପରେ ବିଜୁ ପଟ୍ଟନାୟକ ମହିଳା କଲେଜକୁ ପହଞ୍ଚି ଛାତ୍ରୀ ଓ ଅଧ୍ୟାପକଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ ଓ ନିର୍ମାଣାଧୀନ ନୂଆ କଲେଜର କାର୍ଯ୍ୟ କିଭଳି ଶୀଘ୍ର ସମ୍ପୂର୍ଣ୍ଣ ହେବ ଓ ସେଠାରେ ଥିବା କଲେଜକୁ ରାସ୍ତା ସମସ୍ୟା ଉପରେ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀମାନେ ଅବଗତ କରାଇଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତକୁ କଲେଜ୍ ଛାତ୍ରୀ ଓ ଅଧ୍ୟାପକ ସମେତ ବସ୍‌ଷ୍ଟାଣ୍ଡର ବସ୍‌ଯାତ୍ରୀ ଓ ବୁଦ୍ଧିଜୀବୀ ଖୁବ୍ ପ୍ରଶଂସା କରିଥିଲେ । ଦୀର୍ଘବର୍ଷର ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାକୁ ଥିବା ବିଷୟ ଶୁଣି ସାଧାରଣ ଲୋକଙ୍କ ମଧ୍ୟରେ ଆଶା ଉଜ୍ଜୀବିତ ହୋଇଥିବା ଜଣାଯାଇଛି ।

# ଚଟାଣରୁ ବାହାରିଥିବା ଶିବଲିଙ୍ଗର କଳେବର ବଢୁଛି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ବରପାଲି ପଡ଼ା ପ୍ରଦୀପ ବେହେରାଙ୍କ ଘରେ ଦେବାଧି ଦେବ ମହାଦେବ ଆବିର୍ଭାବ ହୋଇଛନ୍ତି, ତାଙ୍କର ଘର ସିମେଣ୍ଟ ଚଟାଣ ଫଟେଇ ଗତ ମଇ ୨୮ ତାରିଖ ପବିତ୍ର ଶୀତଳ ଷଷ୍ଠି ଦିନ ଅର୍ଦ୍ଧ ରାତ୍ରରେ ଲିଙ୍ଗ ଆବିର୍ଭାବ ହୋଇଛି । ଏହି ଲିଙ୍ଗ ପ୍ରତ୍ୟହ ଦିନକୁ ଦିନ ବୃଦ୍ଧି ପାଇ ବଡ ଆକାର ଧାରଣ କରୁଛି । ଏହି ଦିନ ପ୍ରଦୀପଙ୍କ ଧର୍ମପତ୍ନୀଙ୍କ ଜନ୍ମଦିନ ଥିବାରୁ ତାଙ୍କର ଝିଅ ଘର ବାଡ଼ି ପଟେ ଏକ କେକ୍ ଲୁଚାଇ ରଖିଥିଲେ । ଠିକ୍ ରାତି ୧୨ଟା ପରେ ଏହି କେକ୍ ଆଣିବାକୁ ଗଲାବେଳେ କ୍ଷୀର ବାହାରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ, ସମଗ୍ର ଅଞ୍ଚଳ କ୍ଷୀର ବାସ୍ନା ସହିତ ଦେବାଳୟ ଭଳି ସୁଗନ୍ଧିତ ହୋଇଉଠିଥିଲା । ପ୍ରଦୀପଙ୍କ ପୁଅ ସେହି କ୍ଷୀର ଧାରକୁ ସଫା କରିବା ବେଳେ ସେଠାରେ ଗୋଟିଏ କଳା ପଥର ଆକୃତି ଛୋଟ ଲିଙ୍ଗ ବାହାରିଥିଲା । ବିଜୁଳି ବେଗରେ କଥା ରାଷ୍ଟ୍ର ହୋଇଯିବା ସହିତ ସେଠାରେ ସ୍ୱୟଂ ମହାଦେବ ଆବିର୍ଭାବ ହୋଇଥିବାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଥିଲା । ପରଦିନ ସକାଳ ଠାରୁ ଶ୍ରଦ୍ଧାଳୁ ନର ନାରୀ ମାନଙ୍କ ଭିଡ଼ ଲାଗିରହୁଛି । ଶ୍ରାବଣ ମାସ ମହାଦେବଙ୍କ ମାସ ହୋଇଥିବା ଯୋଗୁଁ ପ୍ରତ୍ୟହ ଲୋକଙ୍କ ଭିଡ ଲାଗି ରହିଥିଲା । ଶ୍ରାବଣ ମାସର ଶେଷ ସୋମବାର ଦିନ ଲୋକଙ୍କ ଭିଡ଼ ଅଧିକ ଥିଲା । ସନାତନ ଧର୍ମରେ ଭଗବାନଙ୍କ ସତାକୁ ବିଶ୍ୱାସ କରାଯାଏ । ଏହି ସ୍ଥାନଟି ଦୁଇ ଘର ମଝିରେ ସଂକୀର୍ଣ୍ଣ ଗଳି ରାସ୍ତାରେ ଥିବାରୁ ଏବେ ରାସ୍ତାକୁ ବନ୍ଦ କରାଯାଇ ଲୋକ ଗଳିରେ ଯାଇ ଦର୍ଶନ ପରେ ଫେରୁଛନ୍ତି । ଘର ପଛପଟେ ଗୋଟାଏ ଫାଟ କରାଯାଇ ବାଟ ହୋଇଥିବାରୁ ଘର ଲୋକେ ସେହି ବାଟରେ ଯିବା ଆସିବା କରୁଛନ୍ତି । ବାସଗୃହ ଥିବା ଏହି ସ୍ଥାନ ମନ୍ଦିର କରିବା ସମ୍ଭବ ହେଉନଥିବାରୁ ଚିନ୍ତାରେ ଘର ମାଲିକ ।

## ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ଦାବିରେ ଆଜିଠୁ ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

୬୬୨ ବର୍ଗ +୨ ଓ +୩ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସଂଘର ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିବା ୬୬୨ ବର୍ଗ କଲେଜ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କର ଚାକିରୀ ସର୍ତ୍ତାବଳୀ ଓ ପେନ୍‌ସନ୍ ଦାବିରେ ଆସନ୍ତା ୬ ତାରିଖ ଦିନ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବାପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ଦିନ ଜଗତସିଂହପୁର ଜିଲ୍ଲାର ୬୬୨ ବର୍ଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଗୋଟିଏ ଦିନ ଇଚ୍ଛାଧୀନ ଛୁଟି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବେ । ସରକାର ସଂଘ ସହିତ ଆଲୋଚନା କରି ସମାଧାନର ବାଟ ବାହାର ନକଲେ ତେବେ ଅଗଷ୍ଟ ୧୬ ତାରିଖ ଦିନ ଦାବି ଦିବସରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ କରାଯିବ ବୋଲି ରାଜ୍ୟ ସଂଘର ନିଷ୍ପତ୍ତିକୁ ବୈଠକରେ ସମର୍ଥନ କରାଗଲା । ଏହି ବୈଠକରେ ଜଗତସିଂହପୁର ଜିଲ୍ଲା ସଂଘ ସମ୍ପାଦକ ଡ଼ଃ. ସୁଧୀର କୁମାର ମହାନ୍ତି, ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକ, ମିହିର କୁମାର ଦାସ, ସଂଘ କୋଷାଧ୍ୟକ୍ଷ ଭାରତୀ ବେହେରା, ଅଧ୍ୟାପକ ଆଶିଷ ମହାପାତ୍ର, ପ୍ରତାପ କୁମାର ମିଶ୍ର, ପବିତ୍ର ମୋହନ ଶତପଥି, ଦିଲ୍ଲୀପ କୁମାର ନନ୍ଦ, ଅଧ୍ୟାପିକା ସୌଦାମିନୀ ମହାନ୍ତି, ଅଧ୍ୟକ୍ଷ ଲୋଚନ କୁମାର ପତି, ସୁରେନ୍ଦ୍ର କୁମାର ବେହେରା, ଦେବେନ୍ଦ୍ର କୁମାର ମୁଦୁଲି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜାତୀୟ ଶିକ୍ଷାନୀତି ଅଧିନିୟମର ଫଳପ୍ରଦ ପ୍ରଣୟନ ଉପରେ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**




ଧରଣୀଧର ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦ ଓ ପରୀକ୍ଷା ନିୟନ୍ତ୍ରଣ ପରିଷଦ ତରଫରୁ ଅଗଷ୍ଟ ୧ ଓ ୨ ତାରିଖରେ ଜାତୀୟ ଶିକ୍ଷାନୀତି-୨୦୨୦ ଓ ଜାତୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦର ଅନୁମୋଦନ ସମ୍ପର୍କିତ ପଦକ୍ଷେପ ଉପରେ ଏକ ଦୁଇଦିନିଆ କର୍ମଶାଳା ବିଶ୍ୱବିଦ୍ୟାଳୟର ଦକ୍ଷିଣ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ କର୍ମଶାଳାର ଉଦ୍ଘାଟନ କରିଥିବା ବେଳେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ପଇଁତିରିଶ ମହାବିଦ୍ୟାଳୟର ଅଧ୍ୟକ୍ଷ, ଏକାଡେମିକ୍ ବରସାର ଭାରପ୍ରାପ୍ତ ପରୀକ୍ଷା ଅଧିକାରୀମାନେ ଯୋଗଦେଇଥିଲେ । କର୍ମଶାଳାର ପ୍ରଥମ ଦିନରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ତରଫରୁ ଡ. ମିହିର କୁମାର ଦାସ ଓ ଡ. ପ୍ରଦୀପ କୁମାର ବେହେରା ସଂସାଧନ ବିଶେଷଜ୍ଞ ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତିର ଅଧିନିୟମ ଗୁଡିକର ଫଳପ୍ରଦ ପ୍ରଣୟନ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟନିର୍ବାହୀ ଡ. ସସ୍ମିତ୍ କୁମାର ପାଣି, ନାକ୍ ଅନୁମୋଦନ ପାଇଁ ଆବଶ୍ୟକ ପଦକ୍ଷେପ ସଂପର୍କରେ ମାର୍ଗଦର୍ଶନ ସହ ନାକ୍ ଅନୁମୋଦନ ପାଇଁ ପ୍ରସ୍ତୁତ ହେବାକୁ ନିବେଦନ କରିଥିବା ବେଳେ ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶକ ଡ. ଦାମୋଦର ସାହୁ ଓ ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଅଧ୍ୟକ୍ଷ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମାଧ୍ୟମରେ ସନ୍ଦେହ ମୋଚନ କରିଥିଲେ । କର୍ମଶାଳାର ଦ୍ୱିତୀୟ ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରତୀୟ ରିଜର୍ଭ ବ୍ୟାଙ୍କ ଚେୟାରର ପ୍ରଫେସର ଡ. ସୁଧାକର ପାତ୍ର କେନ୍ଦୁଝର ଜିଲ୍ଲାର ମହାବିଦ୍ୟାଳୟ ମାନଙ୍କରେ ଜାତୀୟ ଶିକ୍ଷାନୀତିର ପ୍ରଣୟନ କ୍ଷେତ୍ରରେ ଥିବା ଆହ୍ୱାନ୍ ସମ୍ପର୍କରେ ସଚେତନ କରିବା ସହ ତାଙ୍କ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟରେ ଜାତୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦର ଅନୁମୋଦନ ଲାଭ କରିବାର ବିଧି ସମ୍ପର୍କରେ ମତ ରଖିଥିଲେ ।

## ମହିଳାଙ୍କୁ ଯୌତୁକ ହତ୍ୟା ଅଭିଯୋଗ ଆଣିଲେ ବାପା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ଅନ୍ତର୍ଗତ ତୁଣ୍ଡା ଅଞ୍ଚଳରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ବାପା । ମୃତ ମହିଳାଙ୍କ ନାମ ରାଜଲକ୍ଷ୍ମୀ ନାୟକ । ଗୋବିନ୍ଦପୁର ଥାନା ଅନ୍ତର୍ଗତ ତୁଣ୍ଡା ଅଞ୍ଚଳରୁ ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ରାଜଲକ୍ଷ୍ମୀଙ୍କ ବିବାହର ୩ ବର୍ଷ ପରେ ଶାଶୁ ଘର ଲୋକେ ଯୌତୁକ ପାଇଁ ବଡଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ବାପା ରମେଶ ନାୟକ । ଅଭିଯୋଗ ମୁତାବକ ସ୍ୱାମୀ ଦେବାଶିଷ ମଲ୍ଲିକ, ଶାଶୂ ଝରଣା ମଲ୍ଲିକ ଓ ଶଶୁର ବିଭୁପ୍ରସାଦ ମଲ୍ଲିକ ମିଳିତ ଭାବରେ ବଡଝିଅ ରାଜଲକ୍ଷ୍ମୀଙ୍କୁ ବିବାହ ପରଠାରୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ । ଏନେଇ ଆଗରୁ ବାପଘର ଲୋକେ ନିଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଓ ଅଭିଯୋଗ ମୁତାବକ ସ୍ୱାମୀ ଦେବାଶିଷ ମଲ୍ଲିକଙ୍କୁ କୋର୍ଟ ଚାଲାଣ କରିଥିଲା ପୋଲିସ । ପରେ ଉଭୟ ପରିବାରର ସହମତିରେ କୋର୍ଟରେ ସମାଧାନ ହୋଇଥିଲା । ଯେହେତୁ ରାଜଲକ୍ଷ୍ମୀ ଗର୍ଭବତୀ ଥିଲେ, ତେଣୁ ପିଲା ଓ ମା'କୁ ମାରିଦେବା ପାଇଁ ଶାଶୂଘର ଲୋକେ ବାରମ୍ବାର ଚେଷ୍ଟା କରୁଥିବା ନେଇ ଅଭିଯୋଗ କରିଛନ୍ତି ବାପା । ହଠାତ୍ ରାଜଲକ୍ଷ୍ମୀ ଆତ୍ମହତ୍ୟା କରିଥିବା କଥା ଫୋନ୍ ଯୋଗେ ଜ୍ୱାଇଁଙ୍କ ଠାରୁ ଖବର ପାଇବା ପରେ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଖବରପାଇ ଗୋବିନ୍ଦପୁର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ତଦନ୍ତ ଆରମ୍ଭ କରିଛି ।

## ଧରାପଡ଼ିଲା ୫ ଫୁଟିଆ କୁମ୍ଭୀର

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଶେଷରେ ଧରାପଡିଲା ୫ ଫୁଟିଆ କୁମ୍ଭୀର । ଏକ ଜାଲ ଦ୍ୱାରା କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଧରାଯାଇଛି । ଘଡ଼ିଆଳ ପ୍ରଜାତିର ଏହି କୁମ୍ଭୀରକୁ ବନ ବିଭାଗ କର୍ମଚାରୀ ଏକ ଯନ୍ତାରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛାଡିବାକୁ ନେଇଛନ୍ତି । ଗତ କିଛି ଦିନ ହେଲା ମାଲକାନଗିରି କାଲିମେଲା ବ୍ଲକ ଏମ୍‌ପିଭି ୮୩ରେ ଆତଙ୍କ ଖେଳାଇଥିଲା ଏହି ବଉଳା କୁମ୍ଭୀର । କୁମ୍ଭୀରଟିକୁ ଧରିବାକୁ ବନ ବିଭାଗ ନାକେଦମ୍ ହୋଇପଡିଥିଲା । ବଡ଼ ଜାଲ ସହାୟତାରେ କୁମ୍ଭୀରକୁ ଧରିବାକୁ ଚେଷ୍ଟା କରାଯାଇଥିଲା । କିନ୍ତୁ କୁମ୍ଭୀର ଜାଲ ତଳେ ଖସିଯାଇଥିଲା । ପୋଖରୀରେ ପ୍ରାୟ ୧୫ ଫୁଟ୍ ପାଣି ରହିଥିବାରୁ କୁମ୍ଭୀରକୁ ଧରିବାରେ ସମସ୍ୟା ଦେଖାଦେଇଥିଲା । ପୋଖରୀରୁ ପାଣି କଢ଼ାଯିବା ପରେ କୁମ୍ଭୀରକୁ ଧରାଯାଇପାରିଥିଲା ।

## ମାଲକାନଗିରି ଆଦର୍ଶ ବିଦ୍ୟାଳୟର ୬ ଜଣ ଛାତ୍ରୀ ଅସୁସ୍ଥ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଆଦର୍ଶ ବିଦ୍ୟାଳୟର ୬ ଜଣ ଛାତ୍ରୀ ଅସୁସ୍ଥ । ସନ୍ଧ୍ୟାରେ ବ୍ରେଡ କ୍ଷୀର ଖାଇ ଅସୁସ୍ଥ ହେବାପରେ ସମସ୍ତ ଅସୁସ୍ଥ ଛାତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ସଦର ବ୍ଲକରେ ଥିବା ଆଦର୍ଶ ଆବାସିକ ବିଦ୍ୟାଳୟରେ ସନ୍ଧ୍ୟାରେ ନିତିଦିନ ପରି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ତେବେ ଏହି ଖାଦ୍ୟ ଖାଇ ହଠାତ୍ ୬ ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ । ତୁରନ୍ତ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଭର୍ତି କରିଥିବାବେଳେ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । କିଛି ଛାତ୍ରୀ ଚିକିତ୍ସା ପରେ ସୁସ୍ଥ ହୋଇ ବିଦ୍ୟାଳୟକୁ ଫେରିଥିବା ଜଣାପଡିଛି ।

## ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଔଷଧୀୟ ଚାରା ରୋପଣ



**ରାଉରକେଲା, ନ୍ୟୁଜ୍**

ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକ୍ରୀଷ୍ଣଜୀଙ୍କ ଜନ୍ମ ଦିବସକୁ ଜଡ଼ିବୁଟି ଦିବସ ରୂପେ ପ୍ରତି ବର୍ଷ ଅଗଷ୍ଟ ମାସ ୪ ତାରିଖରେ ପତଞ୍ଜଳି ଯୋଗ ପରିବାର ତରଫରୁ ସମଗ୍ର ଦେଶରେ ପାଳନ କରାଯାଉଛି । ସୁନ୍ଦରଗଡ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ତରଫରୁ ଜଡ଼ିବୁଟି ଦିବସ ସେକ୍ଟର-୧୬ ଡି ବ୍ଲକ ସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଆସିବା ମାତ୍ରେ ତାଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସୁନ୍ଦରଗଡ ଜିଲ୍ଲା ଯୋଗ ପରିବାର ତରଫରୁ ରାଜ୍ୟ ସହ ପ୍ରଭାରୀ ଅଙ୍କୁର ମାର୍ଥା ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଶ୍ରୀ ତନ୍ତୀ ତାଙ୍କ ବକ୍ତବ୍ୟରେ ଆଚାର୍ଯ୍ୟ ବାଳକ୍ରୀଷ୍ଣଜୀ ଆୟୁର୍ବେଦକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରି ଭାରତର ଗୌରବ ଓ ସଂସ୍କୃତି ବଜାୟ ରଖିଥିବାରୁ ତାହାର ଭୂୟସୀ ପ୍ରଶଂସା କରିଥିଲେ ଏବଂ ସମସ୍ତେ ଏହାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଦିବସରେ ଆମ ଔଷଧୀୟ ବୃକ୍ଷ ରୋପଣ କରିବା ସହିତ ଏହାର ଯତ୍ନ ନେବା । ପ୍ରତ୍ୟେକ ବ୍ୟକ୍ତି କମ ସେ କମ ଏକ ବୃକ୍ଷ ରୋପଣ କରିବା, ଯାହାଦ୍ୱାରା ଆମ ଆଗାମୀ ପିଢ଼ି ପିଠିରେ ଅମ୍ଳଜାନ ପାଇଁ ଅକ୍ସିଜେନ୍ ସିଲିଣ୍ଡର ବୋହିବାକୁ ପଡ଼ିବନାହିଁ । ରାଜ୍ୟ ସହ ପ୍ରଭାରୀ ଅଙ୍କୁର ମାର୍ଥା ଏହି ଦିବସ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଓ ସମସ୍ତେ ନିରୋଗ ଜୀବନ ଯାପନ କରନ୍ତୁ ବୋଲି କାମନା କରିଥିଲେ ଏବଂ ଜଡ଼ିବୁଟି ଦିବସର ମହତ୍ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନି ସ୍ୱାଇଁ, ଜିଲ୍ଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଓ ଜିଲ୍ଲା ମହିଳା ସୋସିଆଲ୍ ମିଡ଼ିଆ ପ୍ରଭାରୀ ଆରତୀ କର ଜଡ଼ି ବୁଟି ଦିବସ ଉପରେ ତାଙ୍କର ବକ୍ତବ୍ୟ ଦେଇଥିଲେ । ଏହାପରେ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକ୍ରୀଷ୍ଣଜୀଙ୍କ ଦୀର୍ଘଜୀବନ କାମନା କରାଯାଇ ସମସ୍ତଙ୍କ ମଙ୍ଗଳାର୍ଥେ ବିଭିନ୍ନ ଜଡି ବୁଟି ଚାରା ଯଥା- ହରିଡା, ବାହାଡା, ନିମ୍ବ, ଅଁଳା, ପିଜୁଳି, ଅଶ୍ୱଗନ୍ଧା, ଗଙ୍ଗ ଶିଉଳି, ଭୁର୍ସୁଙ୍ଗା ଆଦି ଚାରା ରୋପଣ କରାଯାଇଥିଲା ।

## ବିକ୍ରମ ପଣ୍ଡା ବିଜେଡ଼ିର ଗଞ୍ଜାମ ଜିଲ୍ଲା ସଭାପତି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ସୋମବାର ବିଜେଡି ନୂତନ ଜିଲ୍ଲା ସଭାପତି ଭାବେ ବିକ୍ରମ ପଣ୍ଡାଙ୍କ ନାମ ଘୋଷଣା ପରେ ଗଞ୍ଜାମ ଏନ୍‌ଏସି ବିଜେଡ଼ିରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ନୂତନ ଜିଲ୍ଲା ସଭାପତି ପଣ୍ଡାଙ୍କୁ ଏନ୍‌ଏସି ବିଜେଡ଼ି ନଗର ସଭାପତି ସୁଧୀର କୁମାର ପାଢ଼ୀ, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ ଦଣ୍ଡପାଣି ପରିଡା, ସୁଦାମ ଚରଣ ଜେନା, କାଉନ୍‌ସିଲର୍ ପି ଚନ୍ଦ୍ରଶେଖର, ସୁଜାତା ମହାନ୍ତି, ମହାଲକ୍ଷ୍ମୀ ନାୟକ, ସଂଯୁକ୍ତା ଦାସ, ସବିତା ବେହେରା, ନିରଞ୍ଜନ ପରିଡା, ବରିଷ୍ଠ ନେତା ନବକୃଷ୍ଣ ପଣ୍ଡା, ରଙ୍ଗନାଥ ପଲାଇ, ଟୁନା ଶତପଥୀ, ମନୋଜ ପ୍ରଧାନ, ବିଭୁତି ପଲାଇ, ଜିତୁ ପଣ୍ଡା, ଗୋବିନ୍ଦ ଗୌଡ଼, ପପି ମାହାକୁଡ଼, ବିଭୁ ପଲାଇ, ପପୁ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ନୂତନ ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ଗଞ୍ଜାମ ଏନ୍‌ଏସିରେ ବିଜେଡି ସଂଗଠନ ସୁଦୃଢ ହୋଇପାରିବ ବୋଲି ନଗର ସଭାପତି ସୁଧୀର କୁମାର ପାଢ଼ୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ୧୨ରେ ଜିଲ୍ଲାପାଳ ଅଫିସ୍ ଆଗରେ ଚାଷୀଙ୍କ ବିକ୍ଷୋଭ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଧାନ ବିକ୍ରି ପାଇଁ ଜଟିଳ ପଞ୍ଜୀକରଣ ନିୟମାବଳୀ ପ୍ରତ୍ୟାହାର ଏବଂ ସମୟସୀମା ବୃଦ୍ଧି ଦାବିରେ ଜୟ କିସାନ ଆନ୍ଦୋଳନର ପକ୍ଷରୁ ଚାଷୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବେ । ଆସନ୍ତା ୧୨ ଅଗଷ୍ଟ ୨୦୨୫ ମଙ୍ଗଳବାର ଦିନ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ କୃଷକ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ ସ୍ଥିତ ସମତା ଭବନ ଠାରେ ଜୟ କିସାନ ଆନ୍ଦୋଳନର ସକ୍ରିୟ କର୍ମକର୍ତ୍ତାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ସୁଶୀଳ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଚଳିତ ଖରିଫ ଋତୁରେ ସରକାରଙ୍କ ନୂତନ ପଞ୍ଜିକରଣ ନିର୍ଦ୍ଦେଶାବଳୀ ବ୍ୟବସ୍ଥାରେ ଚାଷୀ ହନ୍ତସନ୍ତ ହେଉଛନ୍ତି ଏବଂ ଠିକ୍ ଚାଷବାସ ସମୟରେ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଞ୍ଜିକରଣ କରିବା ପାଇଁ ଆଦୌ ସମ୍ଭବ ନୁହେଁ । ଏହି ବ୍ୟବସ୍ଥାରେ ଅର୍ଦ୍ଧାଧିକ ଚାଷୀ ଧାନ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ ଏବଂ ଏହି ବ୍ୟବସ୍ଥାର ସରଳୀକରଣ ନାଁରେ ସରପଞ୍ଚ, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଆଙ୍ଗନୱାଡ଼ି କର୍ମୀଙ୍କୁ ଏହାର ଦାୟିତ୍ୱ ଦିଆଯିବା ସରକାରଙ୍କ ଏକ ଖାମଖିଆଲି ମନୋଭାବ ବୋଲି ଜୟ କିସାନ ଆନ୍ଦୋଳନ ତରଫରୁ କୁହାଯାଇଛି । ଏହି ନୂତନ ପଞ୍ଜିକରଣ ବ୍ୟବସ୍ଥାକୁ ସରକାର ଅତି ଶୀଘ୍ର ପ୍ରତ୍ୟାହାର କରି ଏକ ସରଳ ଓ ଚାଷୀଭିମୁଖୀ ବ୍ୟବସ୍ଥା ଲାଗୁ କରିବା ଏବଂ ସମୟସୀମା ବୃଦ୍ଧି ଦାବିକୁ ନେଇ ଚଳିତ ଅଗଷ୍ଟ ମାସ ୧୨ ତାରିଖ ଦିନ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଏକ କୃଷକ ବିକ୍ଷୋଭ ପ୍ରଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ଜମି ସତ୍ତ୍ୱ ପରିବର୍ତ୍ତନ ନକରିବା ଯାଏ ଏପରି ଜଟିଳ ଏବଂ କେନ୍ଦ୍ରୀକରଣ ପଞ୍ଜିକରଣ ବ୍ୟବସ୍ଥା ଲାଗୁ କରି ଚାଷୀମାନଙ୍କୁ ନକଲି ଚାଷୀ କହି ବିଦ୍ରୂପ କରୁଛନ୍ତି ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏଣୁ ଏହି ବ୍ୟବସ୍ଥା ବିରୁଦ୍ଧରେ ଚାଷୀମାନେ ଏକ୍‌ଜୁଟ୍ ହୋଇ ଲଢେଇ ପାଇଁ ସଜାଗ ହେବାପାଇଁ ଆହ୍ୱାନ୍ ଦିଆଯାଇଥିଲା । ଏହି ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଂଗରାଜ, ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ସାଧାରଣ ସମ୍ପାଦକ ହର ବଣିଆଁ, ଭେଡେନ୍ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ, ପାଇକମାଲ ବ୍ଲକ ସଭାପତି ବିଶ୍ୱନାଥ ରଣା, ଅତାବିରା ବ୍ଲକ ସଭାପତି ଭଞ୍ଜନ ବାରିକ, ପଦ୍ମପୁରରୁ ଗୋପବନ୍ଧୁ ଶିକା, ଚନ୍ଦ୍ରହାସ୍ୟ ଜାଲ, ବରପାଲି ବ୍ଲକରୁ ଚଞ୍ଚଳ ପ୍ରଧାନ, ଗତିକୃଷ୍ଣ ପ୍ରଧାନ, ଭଟଲି ବ୍ଲକରୁ ଅକ୍ଷୟ ପ୍ରଧାନ, ସୋହେଲା ବ୍ଲକରୁ ତପୋବନ୍ତ ନାୟକ, ଅଶ୍ୱିନୀ ପ୍ରଧାନ, ବରଗଡ଼ ବ୍ଲକରୁ ଅରୁଣ କୁମାର ସାହୁ, କୁନା ବେହେରା, ଅରୁଣ ପ୍ରଧାନ ଏବଂ କିଶୋର ସାହୁ ଯୋଗଦେଇଥିଲେ ।

## ହାତୀଦାନ୍ତ ଚୋରା ଚାଲାଣ ଅଭିଯୋଗରେ ୨ ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଭାବେ ହାତୀ ଦାନ୍ତ ରଖିବା ଏବଂ ବ୍ୟବସାୟରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ୨ ତାରିଖ ରାତିରେ ପାଟଣା ରେଞ୍ଜ ଅନ୍ତର୍ଗତ ମଳିପୋଷି ବିଟ୍ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମ ଏବଂ ଏହାର ଆଖପାଖରେ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣା ବନ ବିଭାଗ ଏବଂ ପୋଲିସ ମିଳିତ ଭାବେ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି । ରାତି ପ୍ରାୟ ୧୦ଟା ବେଳେ ଜଣେ ବ୍ୟକ୍ତି ଏକ ବ୍ୟାଗ ସହିତ ସନ୍ଦେହଜନକ ଭାବେ ବୁଲୁଥିବା ଚଢ଼ଉ ଦଳଙ୍କ ନଜରରେ ପଡ଼ିଥିଲା । ବ୍ୟାଗ୍ ତନଖି ପରେ ସେଥିରୁ ଦୁଇଟି ହାତୀଦାନ୍ତ ଏବଂ ପରେ ଗୋଟିଏ ଦାନ୍ତ ଜବତ ହୋଇଥିଲା । ପଚରା ଉଚୁରା ପରେ ସେ ମଦନ ମୋହନ ତାମୁଡ଼ିଆ, ବୟସ ୩୮, ପାଟଣା ପୋଲିସ ଷ୍ଟେସନ୍ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ବୋଲି ପରିଚୟ ଦେଇଥିଲା । ଗତ ରଜ ସମୟରେ କେନ୍ଦୁଝର ଜିଲ୍ଲାର ସୋସୋ ଥାନା ଅନ୍ତର୍ଗତ ହଦଗଡ଼ ଗ୍ରାମର ରଥ ସୋରେନ ଏହି ଦାନ୍ତ ଯୋଗାଇଥିଲା । ବନ୍ୟପ୍ରାଣୀ ସୁରକ୍ଷା ଆଇନ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମଦନ ଓ ରଥଙ୍କୁ ଗିରଫ କରାଯାଇଛି । କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ସୁଦୀପ୍ତ ପଣ୍ଡା ଓ ଡିଏସ୍‌ପି ସୌରଭ ପ୍ରଧାନ ଉପସ୍ଥିତ ଥିଲେ ।

# କାର୍ଯ୍ୟାଦେଶ ନମିଳିବାରୁ ହୋଇପାରୁନି ସମିତି କାର୍ଯ୍ୟାଳୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି । କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ସମିତିର ପୁରୁଣା କାର୍ଯ୍ୟାଳୟ ଗୃହ ଦୁର୍ବଳ ହୋଇପଡୁଥିବାରୁ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା- ୬୧୫ ତା ୦୬.୦୯.୨୪ ଅନୁଯାୟୀ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା -୨୫୯୪ ତା ୦୧.୦୩.୨୪ ରିଖ ଅନୁଯାୟୀ ଅନୁମୋଦନ ପ୍ରାପ୍ତ ହୋଇଛି । ଏହି ନୂଆଘର ତିଆରି ପାଇଁ ୪ ଲକ୍ଷ ୬୩ ହଜାର ୪୬୯ ଟଙ୍କା କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇ ରହିଥିଲା ବେଳେ ବର୍ଷକରୁ ଊର୍ଦ୍ଧ୍ୱ ସମୟ ହେଲା କାର୍ଯ୍ୟାଦେଶ ମିଳିପାରୁନାହିଁ । ଫଳରେ ଏହି ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ବିଳମ୍ବିତ ହେଉଥିବାରୁ ଶ୍ରୀ ଜେନା କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସମସ୍ତ ନିର୍ଦ୍ଦେଶକ ଓ ସମିତିର ସମ୍ପାଦକ ଉପସ୍ଥିତ ଥିଲେ ।





# ଅସୁରେଶ୍ୱର ବଜାରରେ ବୋମାମାଡ଼ କରି ସୁନା ଅଳଙ୍କାର ଲୁଟ୍



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ବଜାର ରାସ୍ତାରେ ଘଟିଛି ବଡଧରଣର ଲୁଟ୍ । ସୁନା ଦୋକାନୀଙ୍କୁ ଆକ୍ରମଣ କରି ଛଡାଇ ନେଇଛନ୍ତି ଅଳଙ୍କାର ଭର୍ତ୍ତି ବ୍ୟାଗ୍ । ଏହାପରେ ସିରିଏଲ୍ ବୋମା ମାଡ଼କରି ୫ ଜଣ ଦୁର୍ବୃତ୍ତ ବାଇକ୍‌ରେ ପଳାଇଥିଲେ। ସୂଚନା ଅନୁଯାୟୀ, ମହାବୀର ଜୁଏଲସ୍‌ର ମାଲିକ ନିଜ ସୁନା ଦୋକାନ ବନ୍ଦ କରି ଏକ ବ୍ୟାଗ୍‌ରେ ସୁନା ଅଳଙ୍କାର, ଲ୍ୟାପଟପ୍ ଓ ଦୋକାନ ଚାବି ନେଇ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରି ଦୋକାନ ମାଲିକଙ୍କ ଠାରୁବ୍ୟାଗ୍ ଛଡ଼ାଇ ନେଇଥିଲେ । ବ୍ୟାଗ୍‌ରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଥିବା ସୂଚନା ଦେଇଛନ୍ତି ଦୋକାନ ମାଲିକ ନିରଞ୍ଜନ ସାହୁ । ନିରଞ୍ଜନ ସାହୁ ଏହି ଘଟଣାରେ ଆହାତ ହୋଇଛନ୍ତି। ବାରମ୍ବାର ଏହି ଅସୁରେଶ୍ୱର ବଜାରରେ କ୍ରମାଗତ ଭାବେ ସୁନା ଦୋକାନ ମାଲିକଙ୍କୁ ଲୁଟ୍ କରାଯାଉଛି। ଅନେକ ଦିନରୁ ଅସୁରେଶ୍ୱର ଅଞ୍ଚଳରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ବ୍ୟବସାୟୀ ସଂଘ ଏବଂ ଅଞ୍ଚଳବାସୀ ଦାବି କରି ଆସୁଥିଲେ ସୁଦ୍ଧା ଏଯାବତ୍ ତାହା ହୋଇପାରିନଥିବାରୁ ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ଅସୁରେଶ୍ୱର ପଞ୍ଚାୟତ ଠାରୁ ନିଶ୍ଚିନ୍ତକୋଇଲି ଥାନା ପ୍ରାୟତଃ ୧୨ ରୁ ୧୫ କିଲୋମିଟର ଦୂର ହୋଇଥିବାରୁ ଦୁର୍ବୃତ୍ତ ମାନେ ଏଠାରେ ଅପରାଧ ଘଟାଇ ସୁରୁଖୁରୁରେ ଖସିଯାଉଛନ୍ତି। ଏହି ଘଟଣା ପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ନରଣପୁରର ବିଭିନ୍ନ ଛକ ମାନଙ୍କରେ ଲାଗୁ ସିସିଟିଭି
## ଏହି ରାସ୍ତାଦେଇ ଖସି ଯାଉଛନ୍ତି ଅପରାଧୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରର ବିଭିନ୍ନ ସ୍ଥାନରେ କିଛିଦିନ ତଳେ ସିରିଜ ସୁନାଚେନ୍ ଲୁଟ୍ ସହ ଅନେକ ଅପରାଧ ମାନ ଘଟି ଚାଲିଛି । ଅପରାଧ ଘଟାଇବା ପରେ ସମସ୍ତ ଅପରାଧୀ ନରଣପୁର ଦେଇ ହରିଡ଼ାଗୋଠ ଛକ କିମ୍ବା ନେଙ୍କଡ଼ାଘର ଛକ ଦେଇ ଜାତୀୟ ରାଜପଥ ୨୦କୁ ସହଜରେ ବାହାରି ଯାଉଥିବା ଦେଖାଯାଉଚି। ଏପରିକି ଅନେକ ଅପରାଧ ଘଟାଇବା ପରେ ଅପରାଧୀଙ୍କୁ ସହଯୋଗ କରିବା ପାଇଁ ନରଣପୁର ଛକ ମାନଙ୍କରେ ସେମାନଙ୍କ ସହଯୋଗୀମାନେ ଜଗି ରହୁଥିବା ଦେଖାଯାଉଛି । ନରଣପୁରର ବିଭିନ୍ନ ଛକ ମାନଙ୍କରେ ସିସିଟିଭି ଲଗାଗଲେ ଏହି ଅପରାଧୀ ମାନଙ୍କ ଗତିବିଧି ଉପରେ ନଜର ରଖାଯାଇପାରନ୍ତା ବୋଲି ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ କହିଛନ୍ତି । ଏହା ସହିତ ଅନେକ ଅପରାଧିକ କାର୍ଯ୍ୟକଳାପର ସୂଚନା ସହଜରେ ପୋଲିସ ଜାଣିପାରନ୍ତା। ଏସବୁକୁ ଆଖିଆଗରେ ରଖି ନରଣପୁରର ବିଭିନ୍ନ ଛକ ମାନଙ୍କରେ ସିସିଟିଭି ବ୍ୟବସ୍ଥା କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

# ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭ ୧୨୬୨ କୋଟି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର ପକ୍ଷରୁ ୨୦୨୫-୨୫ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକର ବ୍ୟବସାୟ ଫଳାଫଳ ଘୋଷଣା କରାଯାଇଛି। କମ୍ପାନୀ ୬ ପ୍ରତିଶତ ବୃଦ୍ଧି ସହ ୧୨୬୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ରାଜସ୍ୱ ପରିମାଣ ୪ ପ୍ରତିଶତ ବୃଦ୍ଧି ପାଇ ୧୭,୪୬୪ କୋଟି ଟଙ୍କା ହୋଇଛି। ଏବିଟଡା ୧୭ ପ୍ରତିଶତ ବୃଦ୍ଧି ପାଇ ୩୯୩୦ କୋଟି ଟଙ୍କା ରହିଛି। ଅକ୍ଷୟ ଶକ୍ତିର ଟିକସ ପରବର୍ତ୍ତୀ ଲାଭ ୯୫ ପ୍ରତିଶତ ବୃଦ୍ଧି ସହ ୫୩୧ କୋଟି ଟଙ୍କା ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ୯୪ ମେଗାୱାଟ୍‌ର ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିଛି। ଫଳରେ ଏହାର ମୋଟ୍ ଅକ୍ଷୟ ଶକ୍ତି କ୍ଷମତା ୫.୬ ଗିଗାୱାଟ୍‌କୁ ବୃଦ୍ଧି ପାଇଛି। ରୁଫ୍‌ଟପ୍ ସୋଲାର କ୍ଷେତ୍ରରେ କମ୍ପାନୀ ଏକ ନମ୍ବର ସ୍ଥାନ ବଜାୟ ରହିଛି। କମ୍ପାନୀ ମୋଟ୍ ୨ ଲକ୍ଷ ରୁଫ୍‌ଟପ୍ ସୋଲାର ସ୍ଥାପନ କରିଛି। ଏହି ବର୍ଗରୁ କମ୍ପାନୀ ୮୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କେବଳ ପ୍ରଥମ ତ୍ରୈମାସିକରେ ୪୫,୫୦୦ରୁ ଅଧିକ ରୁଫ୍‌ଟପ୍ ସୋଲାର ସ୍ଥାପନ କରାଯାଇଛି। କମ୍ପାନୀ ଏଥିରେ ୯୦ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିବା ସହ ୨୭୦ ଏମ୍‌ଡବ୍ଲୁପି ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ କରିଛି ଯାହା ଗତବର୍ଷର ୧୧୧ ଏମଡବ୍ଲୁ ତୁଳନାରେ ୧୪୩ ପ୍ରତିଶତ ଅଧିକ। କମ୍ପାନୀ ପାଇଁ ବିନିର୍ମାଣ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଉଭା ହୋଇଛି। ଟିପି ସୋଲାରର ଟିକସ ପରବର୍ତ୍ତୀ ଲାଭ ୧୦୦ କୋଟି ଟଙ୍କା ଥିବାବେଳେ ରାଜସ୍ୱ ୧୬୧୩ କୋଟି ଟଙ୍କା ରହିଛି। କମ୍ପାନୀ ୯୪୯ ମେଗାୱାଟ୍‌ର ସୋଲାର ମଡ୍ୟୁଲ୍ ଓ ୯୦୪ ମେଗାୱାଟ୍‌ର ସୋଲାର୍ ସେଲ୍ ଉତ୍ପାଦନ କରିଛି। ଟାଟା ପାୱାରର ସଞ୍ଚରଣ ଓ ବଣ୍ଟନ (ଟିଆଣ୍ଡଡି) ବ୍ୟବସାୟର ଟିକସ ପରବର୍ତ୍ତୀ ଲାଭ ୨୬ ପ୍ରତିଶତ ବୃଦ୍ଧି ପାଇ ୪୪୦ କୋଟି ଟଙ୍କା ହୋଇଛି। ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ଟିକସ ପରବର୍ତ୍ତୀ ଲାଭ ୧୫୬ ପ୍ରତିଶତ ବୃଦ୍ଧି ପାଇ ୧୦୫ କୋଟି ଟଙ୍କା ହୋଇଛି।

# ସଡ଼କ ଦୁର୍ଘଟଣାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

୧୬ନଂ ଜାତୀୟ ରାଜପଥ ରମ୍ଭା ଥାନା ଇଲାକା ଗୋଳା ଗଣ୍ଡାପଲୀ ଛକରେ ସଡ଼କ ଦୁର୍ଘଟଣାରେ ହେଲ୍‌ମେଟ୍ ବିହୀନ ଏକ ସ୍କୁଟି ଆରୋହୀ ଘଟଣାସ୍ଥଳରେ ମୃତ ହୋଇଥିବା ଖବର ମିଳିଛି। ଘଟଣାସ୍ଥଳରୁ ପ୍ରକାଶ ଯେ ମୃତ ଯୁବତୀ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ସରପାରୀ ଗ୍ରାମର ନିରଞ୍ଜନ ସେଠୀଙ୍କ ଝିଅ ଅଙ୍କିତା ସେଠୀ ବୋଲି ଜଣାଯାଇଛି। ସୂଚନା ଅନୁସାରେ ପୂର୍ବାହ୍ନ ଡହ ଡହ ଖରା ସାଙ୍ଗକୁ ଏକ ସ୍ୱର୍ଣ୍ଣ କ୍ଷେତ୍ର ଜାଗା ହୋଇଥିବା ଯୋଗୁ ଦିଗ ନିର୍ଣ୍ଣୟ କରିବାରେ ମୃତ ଅଙ୍କିତା ବିଫଳ ହୋଇଥିବା ଜଣାପଡିଛି। ସମ୍ପର୍କୀୟଙ୍କ କହିବା ଅନୁଯାୟୀ ଅଙ୍କିତା ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ବାଲେଡି ଗ୍ରାମର ପୋଷ୍ଟ ଅଫିସ୍‌ରେ ୧୫ ଦିନ ପୂର୍ବରୁ ପୋଷ୍ଟାଲ୍ କର୍ମଚାରୀ ଭାବେ ନିଯୁକ୍ତି ପାଇଥିଲେ। ସେ ତାଙ୍କ ମାମୁଁ ଘର ପୁରୀ ଜିଲ୍ଲା ପାରିକୁଦ ଅଞ୍ଚଳର ବୁଢ଼ିବର ଗ୍ରାମକୁ ସ୍କୁଟି ଯୋଗେ ଯାଉଥିବାବେଳେ ଗୋଳା ଗଣ୍ଡାପଲୀ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ନେବାରେ ଜଣାପଡିଛି କୌଣସି ଅଜଣା ଗାଡି ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ସମ୍ପର୍କୀୟମାନେ ଅଭିଯୋଗ ବାଢ଼ିଛନ୍ତି। ଅଙ୍କିତା ରାସ୍ତାରେ ପଡି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକମାନେ ଅଗ୍ନିଶମ ବାହିନୀକୁ ବାର୍ତ୍ତା ପ୍ରେରଣ କରିବା ଦ୍ୱାରା ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଘଟଣାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍କୁଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ଓ ଶବ ବ୍ୟବଚ୍ଛେଦ ନିମନ୍ତେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବ ଗୃହରେ ରଖାଯାଇଥିବା ସୂଚନା ମିଳିଛି।

# ମାଲିରେ ଆତଙ୍କବାଦୀଙ୍କ ଦ୍ୱାରା ଅପହୃତ ଓଡ଼ିଆ ଯୁବକ ସୁରକ୍ଷିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଆଫ୍ରିକାର ମାଲିରେ ୩ ଜଣ ଭାରତୀୟଙ୍କୁ ଏକ ଆତଙ୍କବାଦୀ ସଙ୍ଗଠନ ଅପହରଣ କରିନେଇଥିଲେ । ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍‌ର ସମରଝୋଳ ଗ୍ରାମର ପି. ଭେଙ୍କଟ ରମଣା (୨୮) ରହିଛନ୍ତି । ଏହି ଘଟଣାକୁ ଏବେ ମାସ ପୁରିଛି । ପରିବାରବର୍ଗ ମାସେ ଧରି ପୁଅ ସମ୍ପର୍କରେ କୌଣସି ସୂଚନା ପାଇପାରିନଥିଲେ । ମାଲିରେ ଥିବା ଭାରତୀୟ ଦୂତାବାସରୁ ପରିବାରବର୍ଗଙ୍କୁ ଏକ ମେଲ୍ ଆସିଛି । ସେଥିରେ ଭେଙ୍କଟ ସୁରକ୍ଷିତ ଥିବା କୁହାଯାଇଛି । ଏହା ସହିତ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ମାଲି ସରକାର ଉଦ୍ୟମ ଆରମ୍ଭ କରିଥିବା କୁହାଯାଇଛି । ଏଭଳି ମେଲ୍ ପାଇବା ପରେ ଭେଙ୍କଟଙ୍କ ପରିବାରବର୍ଗ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି । ସ୍ୱର୍ଗତ ପି. ନାରାୟଣଙ୍କ ପୁଅ ଭେଙ୍କଟ ମୁମ୍ବାଇ ସ୍ଥିତ ବ୍ଲୁଷ୍ଟାର୍ ନାମକ ଏକ ଘରୋଇ କମ୍ପାନୀରେ ଗତ ପ୍ରାୟ ୭ମାସ ହେଲା କାମ କରୁଥିଲେ । କମ୍ପାନୀ ତରଫରୁ ତାଙ୍କୁ ପଶ୍ଚିମ ଆଫ୍ରିକାର ମାଲିରେ ଥିବା ଡାଇମଣ୍ଡ ସିମେଣ୍ଟ କମ୍ପାନୀକୁ ପଠାଯାଇଥିଲା । ସେଠାରେ ଗତ ଜୁଲାଇ ୧ ତାରିଖରେ ଅଲ୍‌କାଏଦା ସହ ସମ୍ପୃକ୍ତ ଏକ ଆତଙ୍କବାଦୀ ସଙ୍ଗଠନ ୩ଜଣ ଭାରତୀୟଙ୍କୁ ଅପହରଣ କରିନେଇଥିଲା । ସେମାନଙ୍କ ମଧ୍ୟରେ ଭେଙ୍କଟ ରହିଛନ୍ତି । ଏହି ଘଟଣା ପରେ ମୁମ୍ବାଇ ସ୍ଥିତ ବ୍ଲ୍ୟୁଷ୍ଟାର୍ କମ୍ପାନୀରୁ ଜଣେ ଅଧିକାରୀ ଭେଙ୍କଟଙ୍କ ପରିବାରବର୍ଗଙ୍କୁ ଫୋନ୍ କରିଥିଲେ । ମାଲିରେ କିଛି ଅଘଟଣ ହୋଇଛି । ଆପଣଙ୍କ ପୁଅ ସେଠାରେ ସୁରକ୍ଷିତ ଅଛନ୍ତି । ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି କହିଥିଲେ । ପରିବାରବର୍ଗ ତୁରନ୍ତ ଭେଙ୍କଟଙ୍କୁ କଲ୍ କରିଥିଲେ ହେଁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା । ଏ ନେଇ ଭେଙ୍କଟଙ୍କ ମା’ ପି. ନାର୍ସାମ୍ମା ହିଞ୍ଜିଳିକାଟୁ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ପୁଅକୁ ଉଦ୍ଧାର ପାଇଁ ନିବେଦନ କରିଥିଲେ । ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ପରିବାରବର୍ଗ ଅବଗତ କରି ଭେଙ୍କଟଙ୍କୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଗୁହାରି କରିଥିଲେ । ଦୀର୍ଘଦିନ ପରେ ମଧ୍ୟ ଭେଙ୍କଟଙ୍କ କୌଣସି ଖବର ଆସିନଥିଲା । ଏଣୁ ଭେଙ୍କଟଙ୍କ ସାଙ୍ଗ ଏମ୍. ରାମକୃଷ୍ଣ ଭାରତୀୟ ଦୂତାବାସଙ୍କୁ ମେଲ୍ ଯୋଗେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ଦିଲ୍ଲୀରେ ରହୁଥିବା ଭେଙ୍କଟଙ୍କ ମଉସା ମଧ୍ୟ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିଥିଲେ । ଭେଙ୍କଟ ଓ ଅନ୍ୟ ୨ଜଣ ସୁରକ୍ଷିତ ଥିବାନେଇ ପରିବାରବର୍ଗଙ୍କୁ ଏକ ମେଲ୍ ଆସିଛି । ଭେଙ୍କଟ କିପରି ସୁରକ୍ଷିତ ଭାବେ ଘରକୁ ଫେରିବେ ଏହାକୁ ନେଇ ପରିବାରବର୍ଗ ଚିନ୍ତାରେ ରହିଛନ୍ତି ।

# ୨୮ ଥର ରକ୍ତ ଦାନ କରି ସମ୍ମାନିତ ହେଲେ ସମାଜସେବୀ




**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ପ୍ରେସ୍ କ୍ଲବ୍ ତରଫରୁ ଓଡ଼ିଆ ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ସାମ୍ବାଦିକ ଦିବସ ଓଡ଼ିଶାରେ ପ୍ରତିବର୍ଷ ଅଗଷ୍ଟ ୪ ତାରିଖ ଦିନ ପାଳନ କରାଯାଏ। ଏହି ତାରିଖ ହେଉଛି ପ୍ରଥମ ଓଡ଼ିଆ ସମ୍ବାଦପତ୍ର ‘ଉତ୍କଳ ଦୀପିକା’ର ପ୍ରକାଶନ ଦିବସ, ଯାହା ୧୮୬୬ ମସିହାରେ ଆଗଷ୍ଟ ୪ ତାରିଖରେ ଗୌରୀଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଅବସର ପ୍ରାପ୍ତ ଶିକ୍ଷକ କିରଣ ପଣ୍ଡା, ସାମାଜିକ କର୍ମୀ ମୁନା ଦଳପତି, ପୂର୍ବତନ ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ବେବର୍ତ୍ତା, ଅତଣ୍ଡା ସରପଞ୍ଚ ସହଦେବ ପାଙ୍ଗି, ଶିକ୍ଷକ ଦେବବ୍ରତ ପାଢ଼ୀ, ଭଗବାନ ଖରା, ବାବୁ ରାଓ ଖରା, ଉଗ୍ର ଗୁଣ୍ଡା, ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଗୌରୀଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ସ୍ମୃତିଚାରଣ ପରେ ଶ୍ରୀ ପଣ୍ଡା ଓ ମୁନା ଦଳପତି ତାଙ୍କ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଶେଷରେ ୨୮ ଥର ରକ୍ତଦାନ କରି ନିଜର ମହାନତା ପ୍ରଦର୍ଶନ କରିଥିବା ସାମାଜିକ କର୍ମୀ ମୁନା ଦଳପତିଙ୍କୁ ସମ୍ମାନିତ କରାଯାଇ ସଭା ସାଙ୍ଗ କରାଯାଇଥିଲା।



# ଅଭିଯୁକ୍ତ ଗଞ୍ଜେଇ ବେପାରୀ ଥାନାରୁ ଚମ୍ପଟ୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପରଚିପାରା ଠାରେ ସ୍ଥାନୀୟ ଅବକାରୀ ବିଭାଗ ଚଢ଼ଉ କରି ପ୍ରାୟ ଦଶ କିଲୋ ଗଞ୍ଜେଇ ଜବତ କରିଥିଲେ । ଏଥିରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିଲା କିନ୍ତୁ କୋର୍ଟ ଚାଲାଣ ପୂର୍ବରୁ ଅଭିଯୁକ୍ତ ଜଣକ ଖସି ପଳାଇଥିବା ସୂଚନା ମିଳିଛି। ରାତି ପ୍ରାୟ ସାଢ଼େ ୮ଟା ସମୟରେ ଅଭିଯୁକ୍ତ ପରିସ୍ରା ଯିବାକୁ କହି ଖସି ଚାଲିଯାଇଥିବା କିଛି କର୍ମଚାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଉକ୍ତ ସମୟରେ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଅଭିଯୁକ୍ତ ଜଣକ କେମିତି ଖସି ପଳାଇଲା ତାକୁ ନେଇ ଅବକାରୀ ଅଧିକାରୀ ମୁହଁ ଖୋଲୁନାହାନ୍ତି। ପରଚିପାରା ଗ୍ରାମରେ ଗଞ୍ଜେଇ କାରବାର ହେଉଥିବା ନେଇ ଖବର ମିଳିଥିବା ପରେ ସ୍ଥାନୀୟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ପରଚିପାରା ଆଦିବାସୀ ଗ୍ରାମରେ ପହଞ୍ଚି ସିଆଲାଲ ଗଣ୍ଡଙ୍କ ଘର ପଛପଟୁ ଗଞ୍ଜେଇ ଜବତ କରିଥିଲେ । ଏଥିସହ ସିଆଲାଲଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତ ସିଆଲାଲଙ୍କୁ କୋର୍ଟ ଚାଲାଣ କରିବାର ଥିଲା କିନ୍ତୁ ତାପୂର୍ବରୁ ଚମ୍ପଟ୍ ମାରିଲା ଗିରଫ ହୋଇଥିବା ସିଆଲାଲ।

# ସୁବର୍ଣ୍ଣପୁର ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ:ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି ଓ ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଅମଳ କରାଇବା ଲକ୍ଷ୍ୟରେ ବହୁ ପ୍ରଶିକ୍ଷଣ ଦିଆଯିବାର ଯୋଜନା କରାଯାଇଛି। ଚାଷୀ କ୍ଷେତରେ ଉତ୍ପାଦନ କରୁଥିଲେ ମଧ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟ ପାଉନାହାଁନ୍ତି। ଶୀତଳ ଭଣ୍ଡାର ନଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଶୀତଳ ଭଣ୍ଡାରରେ ରହିଯାଇଛି ସରକାରଙ୍କ ଶୀତଳ ଭଣ୍ଡାର ପ୍ରକଳ୍ପ। ମହାନଦୀ ଓ ତେଲ ନଦୀ କୂଳରେ ଅବସ୍ଥିତ ବଡ ବଡ ଗ୍ରାମାଞ୍ଚଳର ଚାଷୀମାନେ ବାଇଗଣ, ଟମାଟୋ, କାକୁଡି ସହିତ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ବହୁ ଚାଷୀ ଲାଭବାନ୍ ହେଉଛନ୍ତି। ବୀରମହାରାଜପୁର, ଉଲୁଣ୍ଡା, ବିନିକା ବ୍ଲକ ଅଞ୍ଚଳର ଚାଷୀମାନେ ସୋନପୁର ଏବଂ ବୀରମହାରାଜପୁର କାହିଁକି ବେପାର ବଣିଜର ମୁଖ୍ୟ ବଜାର ସୋନପୁର, ବୀରମହାରାଜପୁର ଏପରିକି ଉପରେ ଚାଷୀମାନେ ମଧ ନିର୍ଭର କରୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଅଞ୍ଚଳରୁ ଟ୍ରକ୍ ଟ୍ରକ୍ ପନିପରିବା ଓଡ଼ିଶା ବାହାରକୁ ରପ୍ତାନି କରାଯାଏ। ହେଲେ ଆଜି ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବୀରମହାରାଜପୁର ଅଞ୍ଚଳରେ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲାନାହିଁ। ଏଥିପ୍ରତି ଉଦ୍ୟାନ, କୃଷି ବିଭାଗ କି ବ୍ଲକ ପ୍ରଶାସନ କାହାରି ଆନ୍ତରିକତା ଥିବା ଭଳି ମନେହେଉନି। ତେବେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପନିପରିବା ଟ୍ରକ୍ ଯୋଗେ ପଡୋଶୀ ଛୋଟ ଛୋଟ ବଜାରକୁ ପଠାଯାଉଛି। ଅଧିକ ଅମଳ କାରଣରୁ ବହୁ ସମୟରେ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ତେବେ ଶୀତଳଭଣ୍ଡାର ହେଲେ ବଳକା ସାମଗ୍ରୀ ଗଚ୍ଛିତ ରଖାଯାଇପାରିବ। ଆବଶ୍ୟକ ସମୟରେ ଉଚିତ୍ ମୂଲ୍ୟରେ ବିକ୍ରୀ ହୋଇପାରିବ। ଜିଲ୍ଲାରେ ଘରୋଇ ଭାବେ ମଧ ଗୋଟିଏ ବି ଶୀତଳଭଣ୍ଡାର ନଥିବାରୁ ଚାଷୀ ଓ ବେପାରୀ ମାନେ ବାଧ ହୋଇ ଅତି ଦରକାର ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଦୀର୍ଘବର୍ଷ ହେଲା ଏହି ଅଞ୍ଚଳର ଚାଷୀମାନେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ନେତା, ମନ୍ତ୍ରୀ ପ୍ରତିଶ୍ରୁତି ମଧ ଦେଇ ଆସୁଛନ୍ତି। କିନ୍ତୁ ପ୍ରତିଶ୍ରୁତି ସେମିତି ରହିଯାଉଛି। ତେବେ ସରକାରଙ୍କ ତରଫରୁ ସୁବର୍ଣ୍ଣପୁର ଜିଲ୍ଲାରେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଯଦି ଏକ ଶୀତଳଭଣ୍ଡାର ନିର୍ମାଣ ହୁଅନ୍ତା। ଏହି ଅଞ୍ଚଳର ଚାଷୀମାନେ ଲାଭବାନ ହେବା ସହିତ ଅଞ୍ଚଳର ବିକାଶ ହୋଇପାରନ୍ତା। ଏଥିପ୍ରତି ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଏବଂ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଏ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ଅଙ୍ଗଦାନ କରିଥିବା ବରିଷ୍ଠ ସାମ୍ବାଦିକ ଦମ୍ପତି ସମ୍ମାନିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଅଙ୍ଗଦାନ ସପ୍ତାହ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରାଧ୍ୟାପିକା ନଳିନୀ ନିରୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ନିଜର ସମ୍ପୂର୍ଣ୍ଣ ଅଙ୍ଗଦାନ କରି ଉଦାହରଣ ସୃଷ୍ଟି କରିଥିବା ବରଗଡ଼ର ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ ଓ ତାଙ୍କ ଧର୍ମପତ୍ନୀ କମଳା ଦାଶ ଯୋଗଦେଇ ଅଙ୍ଗଦାନର ଉପକାରିତା ବିଷୟରେ ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀ ସ୍ଥିତ ୟୁଥ୍ ଅର୍ଗାନ୍ ଡୋନେସନ୍ (ୟୋଡ଼ା) କ୍ଲବର ସଭାପତି ସୁଶ୍ରୀ ରୋଜାଲିନ ଦାଶ ଯୋଗଦେଇ ସାମ୍ପ୍ରତିକ ସମାଜରେ ଅଙ୍ଗଦାନର ଗୁରୁତ୍ୱ ଓ ଅଙ୍ଗଦାନର ପ୍ରକାରଭେଦ ଓ ପ୍ରକ୍ରିୟା ସମ୍ପର୍କରେ ପିପିଟି ମାଧ୍ୟମରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ଦାଶ ଓ ତାଙ୍କ ଧର୍ମପତ୍ନୀଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏଥିସହିତ ଅଧ୍ୟାପିକା ଡ. ସଂଘମିତ୍ରା ମିଶ୍ର, ରଶ୍ମିତା ମଲ୍ଲିକ, ନନ୍ଦିନୀ ନିରୋଜ ପଣ୍ଡା, ମୌସୁମୀ ଲିଜା ନାଏକ ଅଙ୍ଗଦାନ ପାଇଁ ଶପଥ ପାଠ କରିଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ, ବିନୋଦିନୀ ବରିହା, ଚୁଳମୁକ୍ତା ପ୍ରଧାନ, ଅର୍ପିତା ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ୨୫୦ ଜଣ ଛାତ୍ରୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ଡ଼ଃ. ସଂଘମିତ୍ରା ମିଶ୍ର ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




# ଚୋରା ମଦ ଜବତ:୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉକରି ବ୍ୟାପକ ଚୋରାମଦ ଜବତ କରିବା ସହ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉରେ ପାହାକଣ୍ଡିଆର ବିଭୁତି ଭୂଷଣ ନାୟକ, ରାଜନଗରର ମଙ୍ଗୁଳି ଚରଣ ସ୍ୱାଇଁ, ସିଦ୍ଧାର୍ଥ ମଲ୍ଲିକ, ଅର୍ଜୁନ ମଲ୍ଲିକ, ଦେବକିଶୋର ନାୟକ ପ୍ରମୁଖଙ୍କ ଠାରୁ ବ୍ୟାପକ ଚୋରାମଦ ଜବତ କରିବା ସହ ଦୁଇଗୋଟି ମଟରସାଇକେଲ୍ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉ ସମୟରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଉପନିରୀକ୍ଷକ ଛାୟାକାନ୍ତ ନାୟକ, ଧର୍ମପ୍ରଦ ଦାସ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com



**ମେଷ:** କୌଣସି କାମରେ ମନ ଲାଗିବ ନାହିଁ। କର୍ମ କ୍ଳାନ୍ତି ଅନୁଭବ କରିବେ। ଅଳସୁଆମୀ ପ୍ରକାଶ ପାଇବ। ରୋଜଗାରରେ ବାଧା ସୃଷ୍ଟି ହେବ। ତଥାପି ପାରିବାରିକ ସହଯୋଗ ଯୋଗୁ ଆନନ୍ଦ।



**ବୃଷ:** ସର୍ବସାଧାରଣ କାର୍ଯ୍ୟରେ ଯୋଗଦାନ କରିବେ। ମନରେ ଭକ୍ତିଭାବ ଜାଗ୍ରତ ହେବ। ସେବା ପୂଜାରେ ମନ ନିବେଶ କରିବେ। ବନ୍ଧୁ ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତି ଲାଭ।



**ମିଥୁନ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ। ବନ୍ଧୁ ସହଯୋଗ ସହିତ ମିତ୍ରଲାଭ ଯୋଗ। ଆୟରେ ସାମାନ୍ୟ ଉନ୍ନତି ହେବ। କୌଣସି ନୂତନ କାର୍ଯ୍ୟରେ ଯୋଗଦାନ କରିବେ। ଘର ପାଇଁ ବ୍ୟସ୍ତତା ବୃଦ୍ଧି।



**କର୍କଟ:** ଅନ୍ୟମାନଙ୍କ ପ୍ରତି ମନରେ ଘୃଣା ଆସିବ। ଅହଂକାର ପାଇଁ ନିନ୍ଦିତ ହେବେ। କୂଟନୀତି ପ୍ରୟୋଗ କରି କାର୍ଯ୍ୟ ହାସଲ କରିପାରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଶ୍ରଦ୍ଧା ଲାଭ କରିବେ।



**ସିଂହ:** ଅସୁବିଧା ନଥିଲେ ମଧ୍ୟ ଆଶଙ୍କାରୁ ମନ ଅଶାନ୍ତି କରିବେ। ସାଥୀ ସହକର୍ମୀମାନଙ୍କ ସହିତ ସୁପରାମର୍ଶ କଲେ ସହଜସାଧ୍ୟ ହେବ। ଆୟ ଠାରୁ ବ୍ୟୟ ବୃଦ୍ଧି ହେବ। ପରିବାରରେ ଦ୍ୱନ୍ଦ୍ୱ ଲାଗି ରହିବ।



**କନ୍ୟା:** ଅସାବଧାନତା ପାଇଁ କୌଣସି ଦ୍ରବ୍ୟ ନଷ୍ଟ କରି ପଶ୍ଚାତାପ କରିବେ। ପରିଶ୍ରମ ବୃଦ୍ଧି କିନ୍ତୁ କାର୍ଯ୍ୟହାନୀର ସମ୍ଭାବନା। ଆୟ ଓ ବ୍ୟୟ ସ୍ଥିର ରହିବ। ପରିବାରରେ ବିରକ୍ତି ଭାବ ଆସିବାର ସୂଚନା।



**ତୁଳା:** ସନ୍ଦେହ ଓ ଭୁଲ୍ ବୁଝାମଣା ପାଇଁ ମନ ଅସ୍ଥିର ରହିବ। ପରିଶ୍ରମର ପରିମାଣ ବଢ଼ିବ। ସାହାଯ୍ୟ ସହଯୋଗ ପାଇବେ ନାହିଁ। ସନ୍ଧ୍ୟା ପରେ ଦେହ ଅସୁସ୍ଥ ହୋଇପାରେ। ଗୃହେ ଦ୍ୱନ୍ଦ୍ୱ।



**ବିଛା:** ଏଣେ ତେଣେ ଧାଁ ଦୌଡ଼ ସହିତ ପରିଶ୍ରମ ବୃଦ୍ଧି ପାଇବ। ଆୟରେ ଉନ୍ନତି ନହେବାରୁ ଆକୁଳିତ ହେବେ। ବନ୍ଧୁ ମତାନ୍ତର ଯୋଗୁ ମନରେ ଉଦାହ ରହିବ। ପରିବାରରେ ସୁଖ ଶାନ୍ତି ରହିବ ।



**ଧନୁ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ବାକିଥିବା କାମଟି ସୁରୁଖୁରୁରେ ସମ୍ପାଦନ ହେବ। ଋଣ ସୂତ୍ରେ ଅର୍ଥ ଲାଭର ଆଶା। ଦୂରଯାତ୍ରାରେ ଉନ୍ନତି। ପରିବାରରେ ସୁଖ ଶାନ୍ତି ଲାଭ। ଶରୀର ସୁସ୍ଥ ରହିବ।



**ମକର:** ପୁରୁଣା କଥାକୁ ଭାବି ମନରେ ବିରକ୍ତି ଆସିବ। ବନ୍ଧୁ ବା ସହକର୍ମୀଙ୍କ ଅସହଯୋଗରୁ ଅପବ୍ୟୟ ବୃଦ୍ଧି ପାଇବ। ଦୂରଯାତ୍ରା କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ଲାଭ ।



**କୁମ୍ଭ:** ଅଳ୍ପ ଆୟ ହେତୁ ମନରେ ଅଶାନ୍ତି ବଢ଼ିବ। କର୍ମ କ୍ଳାନ୍ତି ଅନୁଭବ କରିବେ। ହଠାତ୍ ଶରୀର ପୀଡ଼ା ଭୋଗ କରିପାରନ୍ତି। ପରିବାରରେ ସହଯୋଗ ପାଇ ଖୁସି ହେବେ। ଗୃହେ ଶାନ୍ତି ଲାଭ ହେବ।



**ମୀନ:** କର୍ମ ଚଞ୍ଚଳ ରହିବେ। ଅଯାଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଖର୍ଚ୍ଚାନ୍ତ ହେବେ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୬।୮।୨୦୨୫, ଶ୍ରାବଣ ଦି୨୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୪।୦୮ ଚନ୍ଦ୍ରୋଦୟ- ଦିଘ ୪।୧୨।୦୮**

**ଦ୍ୱାଦଶୀ-** ଦିଘ ୨।୦୮ ପର୍ଯ୍ୟନ୍ତ। **ମୂଳା ନକ୍ଷତ୍ର-** ଦିଘ ୧୨।୫୯ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୨।୦୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୭।୧୦ ମଧ୍ୟେ । ଦିଘ ୨।୦୧ ଗତେ ଘ ୫।୨୫ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀବିଷ୍ଣୁ ପବିତ୍ରାରୋପଣ ଦ୍ୱାଦଶୀ, ଆଖେଟକ ପର୍ବ, ହିରୋସିମା ଦିବସ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୭।୮।୨୦୨୫, ଶ୍ରାବଣ ଦି୨୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୪।୨୮ ଚନ୍ଦ୍ରୋଦୟ- ସଂଘ ୫।୦୨।୦୬**

**ତ୍ରୟୋଦଶୀ-** ଦିଘ ୨।୨୮ ପର୍ଯ୍ୟନ୍ତ। **ପୂର୍ବାଷାଢ଼ା ନକ୍ଷତ୍ର-** ଦିଘ ୨।୦୧ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୮।୧୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। ରାଘ ୮।୧୦ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ରାଘ ୮।୧୦ ଗତେ ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୨।୨୮ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୭।୧୧ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀଶିବ ପବିତ୍ରାରୋପଣ, ଶରଣ ପଞ୍ଚକ ଆରମ୍ଭ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ଶିଶୁଙ୍କ ପାଇଁ ଘାତକ ଜଳବାୟୁ ପରିବର୍ତ୍ତନ

ଜଳବାୟୁ ପରିବର୍ତ୍ତନର ସିଧାସଳଖ କୁପ୍ରଭାବ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି। ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ, ବାତ୍ୟା, ବନ୍ୟା, ମରୁଡ଼ି ଓ ସମୁଦ୍ର ପତ୍ତନ ବୃଦ୍ଧି ଭଳି ଜଳବାୟୁ ସମ୍ବନ୍ଧୀୟ ଚାପ ସାମ୍ପ୍ରତିକ ଦଶନ୍ଧିର ଶିକ୍ଷାଗତ ଫଳାଫଳକୁ ଘୋର ପ୍ରଭାବିତ କରିବ ବୋଲି ଜଣାପଡ଼ିଛି। ଏହି ବିପଦକୁ ଏକ ନୂତନ ବୈଶ୍ୱିକ ରିପୋର୍ଟରେ ଦର୍ଶାଯାଇଛି। ୟୁନିସେଫ୍‌ର ଆକଳନ ଅନୁଯାୟୀ, କେବଳ ୨୦୨୪ରେ ଜଳବାୟୁ ବିପଦ ଯୋଗୁଁ ଅନ୍ୟୂନ ୨୪୨ ନିୟୁତ ପିଲାଙ୍କ ସ୍କୁଲ୍ ଶିକ୍ଷା ବାଧାପ୍ରାପ୍ତ ହୋଇଥିଲା, ଯେଉଁଥିରେ ଗ୍ରୀଷ୍ମ ପ୍ରବାହ ଥିଲା ସବୁଠାରୁ ବଡ଼ କାରଣ। ଚଳିତ ବର୍ଷ କାଶ୍ମୀରରେ ମଧ୍ୟ ଏହା ଦେଖିବାକୁ ମିଳିଛି। ଏହି ବିପଦ କେବଳ ଶିକ୍ଷା ପ୍ରାପ୍ତିରେ ବାଧା ସୃଷ୍ଟି କରେ ନାହିଁ ବରଂ ଅସମାନତାକୁ ବୃଦ୍ଧି କରେ ଏବଂ ଶିଶୁମାନଙ୍କୁ ଶ୍ରମିକ ହେବାକୁ କିମ୍ବା ଭିକ୍ଷା ବୃତ୍ତି ଆପଣାଇବାକୁ ବାଧ୍ୟ କରେ।

ଅତ୍ୟଧିକ ଦୀର୍ଘ ସମୟ ଧରି ଗ୍ରୀଷ୍ମ ପ୍ରବାହ, ମରୁଡ଼ି, ବାତ୍ୟା, ବନ୍ୟା ଆଦି ଲାଗି ରହିବା କାରଣରୁ ଶିଶୁମାନେ ପାଣିପାଗ ସମ୍ବନ୍ଧୀୟ ସଙ୍କଟ ଜନିତ ବିପଦରେ ଅଧିକ ପ୍ରଭାବିତ ହୁଅନ୍ତି। ଶ୍ରେଣୀଗୃହରେ ସେମାନଙ୍କ ଉପସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାରୁ ପାଠ ପଢ଼ିବାରେ ଧ୍ୟାନ ଦେଇପାରନ୍ତି ନାହିଁ। ଚରମ ପାଣିପାଗ ଜନିତ କାରଣରୁ ବାତ୍ୟା ଓ ବନ୍ୟା ରାସ୍ତାଘାଟ ଓ ବିଦ୍ୟାଳୟ ଭଳି ଭିତ୍ତିଭୂମିକୁ ଦୋହଲାଇ ଦିଏ। ଏହାଦ୍ୱାରା ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ବହୁବିଧ ସମସ୍ୟା ଉପୁଜେ। ଏହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ। ୨୦୨୪ ମସିହାରେ ପାଣିପାଗ ଜନିତ ଘଟଣା ଯୋଗୁଁ ପ୍ରତି ୭ ଜଣରେ ୨ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି। ଭାରତ ଭଳି ଦେଶରେ ଅଧିକାଂଶ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ପିଲା ପ୍ରତି ବର୍ଷ ଜଳବାୟୁ ପରିବର୍ତ୍ତନ କାରଣରୁ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ କରିବାର ଲାଭ ପାଇପାରୁନାହାନ୍ତି। ବିଦ୍ୟାଳୟ ବନ୍ଦ ସହିତ ଗମନାଗମନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେତୁ ଲକ୍ଷାଧିକ ପିଲାଙ୍କର ପାଠପଢ଼ାରେ ଅନିୟମିତତା ଏବଂ ଅଧାରୁ ପାଠ ଛାଡ଼ିବା ଆଶଙ୍କା ବୃଦ୍ଧି ପାଉଛି। ୨୦୧୯ରେ ଭୟଙ୍କର ପାଣିପାଗ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ୧୦ଟି ଦେଶ ମଧ୍ୟରୁ ୮ଟି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶ ଥିଲା।



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ନାସ୍ତିକତା ବି ଗୁରୁତ୍ୱପୂର୍ଣ୍ଣ

ଧର୍ମ କହିଲେ କେବଳ ଆସ୍ତିକତାକୁ ବୁଝାଏ ନାହିଁ, ଏହା ନାସ୍ତିକତାକୁ ମଧ୍ୟ ବୁଝାଏ। ନାସ୍ତିକତା ମଧ୍ୟ ଏକ ପ୍ରକାରର ଧର୍ମ। ଧର୍ମ କହିଲେ ସେହି ସାମାଜିକ ବ୍ୟବସ୍ଥା ଓ ଏଥିରୁ ନିସୃତ ହେଉଥିବା ସେହି ସାମାଜିକ ଚିନ୍ତନକୁ ବୁଝାଏ ଯାହା ମନୁଷ୍ୟମାନଙ୍କୁ ଶାନ୍ତିଶୃଙ୍ଖଳାର ସହିତ ଗୋଟିଏ ସୂତ୍ରରେ ବାନ୍ଧି ରଖେ। ସଂକ୍ଷେପରେ ଯିଏ ଧରିରଖେ ତାହାହିଁ ଧର୍ମ। ଏଥିପାଇଁ କିଛି ନୀତି ନିୟମର ଆବଶ୍ୟକତା ପଡେ। ଯାହା ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ନିଶ୍ଚିତ କରେ। ଧର୍ମର ଲକ୍ଷ୍ୟ ମାନବିକତାର ବିକାଶ। ମାନବିକତାର ଅର୍ଥ ପରସ୍ପରକୁ ଭଲ ପାଇବା, ଦରଦୀହେବା, ସମସ୍ତଙ୍କ ମଙ୍ଗଳ କାମନା କରିବା, ଏପରିକି ସମଗ୍ର ଜୀବଜଗତ ପ୍ରତି ସଦୟଭାବ ପ୍ରଦର୍ଶନ କରିବା। ମାନବିକତାର ସଂସ୍ଥାପନ ପାଇଁ ଧର୍ମ ମଧ୍ୟରେ କିଛି ନୈତିକ ନିୟମର ଆବଶ୍ୟକତା ପଡେ। ଏହି ନୈତିକ ନିୟମଗୁଡ଼ିକର ପ୍ରବର୍ତ୍ତନ ସମ୍ପୃକ୍ତ ସମାଜକୁ ଐକ୍ୟବଦ୍ଧ କରେ ଓ ଆଗକୁ ବଢ଼ିବାର ବାଟ କଢ଼ାଏ। ପ୍ରକୃତପକ୍ଷେ ମାନବିକତା ଓ ନୈତିକତା ହେଉଛି ପ୍ରତ୍ୟେକ ଧର୍ମର କେନ୍ଦ୍ରୀୟ ବିଷୟ। ମନୁଷ୍ୟ ସମାଜର ସ୍ଥିତି ଓ ପ୍ରଗତି ଏହି ଦୁଇଟି ବିଷୟ ଉପରେ ନିର୍ଭରଶୀଳ। ଅନ୍ୟଥା ସମାଜରେ ଅରାଜକତା ଓ ସ୍ୱେଚ୍ଛାଚାରିତା ବଢ଼ିଯାନ୍ତା। ସମାଜ ଧ୍ୱଂସାଭିମୁଖୀ ହୁଅନ୍ତା।

ଧର୍ମ ପାଇଁ ଈଶ୍ୱର, ଭଗବାନ ବା କୌଣସି ଚମତ୍କାର ସୃଷ୍ଟିକାରୀ ଅଦୃଶ୍ୟ ଶକ୍ତିର ଆବଶ୍ୟକତା ବାଧ୍ୟତାମୂଳକ ନୁହେଁ। କାରଣ ଅନେକ ଧର୍ମ ରହିଛି ଯେଉଁଥିରେ ଈଶ୍ୱର ବା ଭାଗବାନ ବିଶ୍ୱାସ ନାହିଁ। ଏବେ ବିଶ୍ୱରେ ଅନେକ ପ୍ରକାରର ଧର୍ମ ରହିଛି। ଯେଉଁମାନେ ଈଶ୍ୱର ବା ଭଗବାନଙ୍କ ସ୍ଥିତିରେ ବିଶ୍ୱାସ କରନ୍ତି ତାଙ୍କୁ ଆସ୍ତିକ କୁହଯାଏ। ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ତାଙ୍କୁ ନାସ୍ତିକ ବା ନିରୀଶ୍ୱରବାଦୀ କୁହାଯାଏ। ଆସ୍ତିକମାନେ କହନ୍ତି ମାନବିକତା ଓ ନୈତିକତା ଈଶ୍ୱର ବିଶ୍ୱାସରୁ ଜାତ ହୁଏ। ଈଶ୍ୱର ଭୟ ତାକୁ ଉଚିତ୍ ମାର୍ଗରେ ପରିଚାଳିତ ହେବାକୁ ବାଧ୍ୟ କରେ। ନାସ୍ତିକମାନେ କହନ୍ତି ଏହି ଗୁଣଗୁଡିକ ମନୁଷ୍ୟର ସହଜାତ। ଏଗୁଡିକ ତାର ବୁଦ୍ଧିମତ୍ତାର ଅଂଶବିଶେଷ। ଏଗୁଡ଼ିକ ସୁପ୍ତଭାବେ ଥାଏ। ଅଭ୍ୟାସ ମାଧ୍ୟମରେ ଜାଗ୍ରତ କରାଯାଏ। ନିଜର ଅନ୍ତର୍ନିହିତ ଚେତନା ଓ ବିବେକର ଉଜାଗର ଜରିଆରେ ଏହି ଗୁଣଗୁଡିକୁ ଶାଣିତ କରାଯାଇ ପାରେ।

ଭାରତୀୟ ଧର୍ମବିଶ୍ୱାସ ଓ ସଂସ୍କୃତିରେ ନାସ୍ତିକବାଦକୁ ସ୍ୱୀକାର କରାଯାଇଛି। ନାସ୍ତିକତା ଧର୍ମର ସ୍ୱୀକୃତି ପାଇଛି। ପ୍ରାଚୀନ ଧାର୍ମିକ ପରମ୍ପରାରେ ନିରୀଶ୍ୱରବାଦର ପ୍ରଭାବ ଅଧିକ ଦେଖିବାକୁ ମିଳେ। ଭାରତୀୟ ଦର୍ଶନ ଧର୍ମଭିତ୍ତିକ। ଆମ ଦେଶରେ ବିଭିନ୍ନ ଧର୍ମର ବିଚାରକୁ ଦର୍ଶନ ଆଖ୍ୟା ଦିଆଯାଇଛି। ପ୍ରାଚୀନ ବିଚାରଗୁଡିକ ମଧ୍ୟରୁ ଅନ୍ୟତମ ହେଉଛି 'ଚାର୍ବାକ୍ ଦର୍ଶନ'। ଏହା ଦିନେ ଧର୍ମର ମର୍ଯ୍ୟଦା ପାଇଥିଲା ନିଶ୍ଚୟ। ଲୋକମାନେ ବହୁଳ ଭାବରେ ଏହାର ଅନୁଗାମୀ ଥିଲେ। ବିଭିନ୍ନ ଧର୍ମରେ ଚାର୍ବାକ୍ ଦର୍ଶନ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ଚାର୍ବାକମାନେ ନାସ୍ତିକଭାବେ ପରିଚିତ। ଏମାନେ ଭଗବାନ ବା ଈଶ୍ୱରରେ ବିଶ୍ୱାସ କରୁନଥିଲେ। ସେ ସମୟରେ ଏହା ଏକ ସାମାଜିକ ବିଚାରଧାରାର ରୂପ ନେଇଥିଲା। ଏମାନେ ଯଦି ମାନବିକତା ଓ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇନଥାନ୍ତେ ତେବେ ଏହା ସାମାଜିକ ଭାବନାର ରୂପ ନେଇନଥାନ୍ତା ଓ ପରବର୍ତ୍ତୀ ଧାର୍ମିକ ଶୃଙ୍ଖଳାରେ ଏହାର ଏତେ ଆଲୋଚନା ହୋଇନଥାନ୍ତା।

ଅନ୍ୟତମ ପ୍ରାଚୀନ ଦର୍ଶନ ହେଉଛି ଜୈନଧର୍ମ। ଏହା ମଧ୍ୟ ନିରୀଶ୍ୱରବାଦୀ ଅଟେ। ଜୈନମାନେ ଈଶ୍ୱର ବିଶ୍ୱାସୀ ନୁହଁନ୍ତି। ଈଶ୍ୱରଙ୍କ ଅସ୍ତିତ୍ୱକୁ ଏମାନେ ଅସ୍ୱୀକାର କରନ୍ତି। ଈଶ୍ୱର ବଦଳରେ ଏମାନେ ନୈତିକ କର୍ମରେ ବିଶ୍ୱାସ କରନ୍ତି। ଏହି କର୍ମ ସମ୍ପାଦନକୁ ସେମାନେ ଧର୍ମ ବୋଲି କହନ୍ତି। ଜୈନମାନେ ପାଞ୍ଚଟି ନୈତିକ କର୍ମ ଉପରେ ଗୁରୁତ୍ୱ ଦିଅନ୍ତି। ଏଗୁଡିକୁ ପଞ୍ଚବ୍ରତ ବୋଲି କୁହଯାଏ। ସତ୍ୟ, ଅହିଂସା, ଅସ୍ତେୟ(ଚୋରି ନକରିବା), ଇନ୍ଦ୍ରିୟ ସଂଯମତା ଓ ଅପରିଗ୍ରହ (ପରିତ୍ୟାଗ)। ଏହି ପାଞ୍ଚଟି କର୍ମ ସମ୍ପାଦନ ଜୈନଧର୍ମର ମୁଖ୍ୟ ବିଷୟବସ୍ତୁ। ବୌଦ୍ଧଧର୍ମ (ବୌଦ୍ଧଧମ୍ମ) ମଧ୍ୟ ନିରୀଶ୍ୱରବାଦୀ। ଏମାନେ ଭାଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି ନାହିଁ। ଜୈନମାନଙ୍କ ତୁଲ୍ୟ ବୌଦ୍ଧମାନେ ଆଠଟି ନୈତିକ କର୍ମରେ ବିଶ୍ୱାସ କରନ୍ତି। ଏଗୁଡିକ ହେଉଛି ସଠିକ ଦୃଷ୍ଟିଭଙ୍ଗି, ସଠିକ ସଂକଳ୍ପ, ସଠିକ କଥନ (ସତ୍ୟ ବଚନ), ସଠିକ କର୍ମ (ଅହିଂସା), ସଠିକ ଜୀବିକା ଗ୍ରହଣ, ସଠିକ ଉଦ୍ୟମ, ସଠିକ ସ୍ମୃତି ଓ ସଠିକ ଏକାଗ୍ରତା। ଏହି ଆଠଟି କର୍ମ ଉପରେ ବୌଦ୍ଧମାନେ ଗୁରୁତ୍ୱ ଦିଅନ୍ତି। ଈଶ୍ୱର ବିଶ୍ୱାସ ବିନା ଏହି ନୈତିକ କର୍ମ ସମ୍ପାଦନ ମାଧ୍ୟମରେ ସମାଜର ସ୍ଥିତି ଓ ପ୍ରଗତି ସମ୍ଭବପର ବୋଲି ଏମାନଙ୍କ ମତ।

ସାଂଖ୍ୟ ଓ ଯୋଗ ଦର୍ଶନ ସମାନ ତତ୍ତ୍ୱରେ ବିଶ୍ୱାସ କରନ୍ତି। ଏହା ମଧ୍ୟ ବହୁ ପ୍ରାଚୀନ ବିଚାର। ଦିନେ ଏଗୁଡିକ ମଧ୍ୟ ଧର୍ମର ମାନ୍ୟତା ପାଇଥିଲେ। ଉଭୟ ଦର୍ଶନ ଦୁଇଟି ସତ୍ୟତାରେ ବିଶ୍ୱାସ କରନ୍ତି, ପ୍ରକୃତି ଓ ପୁରୁଷ। ଯୋଗର ଆଠଟି ସୋପାନ ଅଛି। ଏଗୁଡିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଏହି ଆଠଟି ମାର୍ଗର ସଠିକ ସମ୍ପାଦନ ହିଁ ଧର୍ମ। ଏଗୁଡିକ ହେଉଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ଏବେ ଲୋକମାନେ ଯୋଗ କହିଲେ ଆସନକୁ ବୁଝୁଛନ୍ତି। ଏ ଉଭୟ ଦର୍ଶନ ଚମତ୍କାରୀ ଈଶ୍ୱରରେ ବିଶ୍ୱାସ କରନ୍ତି ନାହିଁ। ଏମାନେ ଉଚ୍ଚତର ପୁରୁଷରେ ବିଶ୍ୱାସ କରନ୍ତି। ଯେଉଁ ପୁରୁଷ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକ ନୁହେଁ। ପରବର୍ତ୍ତୀ ସମୟରେ ହିନ୍ଦୁଧର୍ମ ଏଗୁଡିକୁ ନିଜ ସହିତ ସାମିଲ କରିନେଇଛି। ବୈଶେଷିକ ଦର୍ଶନ ଅନେକ ସତ୍ୟତାର ବିଶ୍ୱାସ କରେ। ଏହା ମଧ୍ୟ ଏକ ସର୍ବଶକ୍ତିମାନ ଈଶ୍ୱରରେ ବିଶ୍ୱାସ କରେନାହିଁ, ଏହି ଦର୍ଶନ ମଧ୍ୟ ନୈତିକ କର୍ମ ଉପରେ ଗୁରୁତ୍ୱ ଦିଏ। ଏତାଦୃଶ୍ୟ ଅନେକ ନିରୀଶ୍ୱରବାଦୀ ଦର୍ଶନ ଥିଲା ଯେଉଁମାନେ ନୈତିକ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ଶୂନ୍ୟବାଦୀଙ୍କ ମତରେ ଏ ବିଶ୍ୱ ଶୂନ୍ୟରୁ ସୃଷ୍ଟି ହୋଇଛି। ଏହାକୁ ଭଗବାନ ସୃଷ୍ଟି କରିନାହାଁନ୍ତି। ଏମାନେବି ନାସ୍ତିକ ଅଟନ୍ତି, କିନ୍ତୁ ନୈତିକତାର ବିଶ୍ୱାସୀ। ବସ୍ତୁବାଦୀମାନେ ଜଗତ ସୃଷ୍ଟିର ମୂଳକାରଣ ବସ୍ତୁ ବୋଲି କହନ୍ତି। ତେଣୁ ଏମାନେ ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରନ୍ତି। ତେବେ ବସ୍ତୁବାଦ ନୈତିକତାକୁ ସ୍ୱୀକାର କରେ।

ବିଂଶ ଶତାବ୍ଦୀରେ ବିଶ୍ୱ ସ୍ତରରେ 'ବାହାଇ' ଧର୍ମର ଆବିର୍ଭାବ ହୋଇଛି। ଏହା ଏକ ନାସ୍ତିକ ଧର୍ମ। ଏମାନେ ବିଜ୍ଞାନରେ ବିଶ୍ୱାସ କରନ୍ତି। ଏମାନେ ଈଶ୍ୱରରେ ବିଶ୍ୱାସ କରନ୍ତି ନାହିଁ। ବିଜ୍ଞାନ ଯାହାକୁ ସତ୍ୟ କହେ ତାକୁ ହିଁ ଏମାନେ ସତ୍ୟ ବୋଲି ମାନନ୍ତି। ବିଶ୍ୱରେ କ୍ରମେ ନାସ୍ତିକମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏମାନେ ଈଶ୍ୱର ସ୍ଥାନରେ ନୈତିକତାକୁ ଗ୍ରହଣ କରୁଛନ୍ତି। ଏମାନଙ୍କ ଯୁକ୍ତି ଯେ ଧର୍ମ ସମାଜରେ ବିଭେଦ ସୃଷ୍ଟି କରୁଛି। ଧର୍ମକୁ ନେଇ ଅନେକ ରକ୍ତପାତ ହୋଇଛି ଓ ଏବେ ମଧ୍ୟ ହେଉଛି। ଧର୍ମ ଆଉ ସମାଜକୁ ଶାନ୍ତିରେ ରଖାଇ ଦେଉନାହିଁ। ଈଶ୍ୱର ରକ୍ଷା କରିପାରୁ ନାହାଁନ୍ତି। ଧାର୍ମିକ ବିବାଦରୁ ମୁକ୍ତି ପାଇବା ପାଇଁ ନାସ୍ତିକ ହୋଇଯିବା ଶ୍ରେୟସ୍କର ବୋଲି ଏମାନଙ୍କ ଯୁକ୍ତି। ପୁଣି ସମାଜରେ ଶାନ୍ତିର ସହିତ ବସବାସ କରିବାକୁ ହେଲେ ମାନବିକତା ଓ ନୈତିକ କର୍ମର ଆବଶ୍ୟକତା ରହିଛି। ଅନେକ କ୍ଷେତ୍ରରେ ଧର୍ମ ଏଗୁଡ଼ିକ ଉପରେ ଗୁରୁତ୍ୱ ନଦେଇ କର୍ମକାଣ୍ଡ ଉପରେ ଗୁରୁତ୍ୱ ଦେଉଛି।

ନାସ୍ତିକ ହେବା ଅର୍ଥ ସ୍ୱେଚ୍ଛାଚାରୀତା ନୁହେଁ। ଦେଖାଯାଇଛି ନାସ୍ତିକବାଦୀମାନେ କଠୋରଭାବେ ମାନବିକତା ଓ ନୈତିକତାକୁ ଗୁରୁତ୍ୱ ଦିଅନ୍ତି। ନାସ୍ତିକମାନଙ୍କ ପାଇଁ ଦିଅଁ-ଦେବତା, ପୂଜା-ଆରାଧନା, ହୋମ-ଯଜ୍ଞ, ଦାନ-ଦକ୍ଷିଣା, ଭେଟି-ଉପହାର, ପୂଜକ-ଯାଜକ ପ୍ରଭୃତିର ଆବଶ୍ୟକତା ପଡେନାହିଁ। ଏମାନଙ୍କ ପାଇଁ ନୈତିକ କର୍ମହିଁ ଜୀବନଧାରଣ ଓ ସାମାଜିକ ଶାନ୍ତିର ଏକମାତ୍ର ଆୟୁଧ। ଭାରତୀୟ ସଂସ୍କୃତି ଉଭୟ ଆସ୍ତିକ ଓ ନାସ୍ତିକ ବିଚାରର ସମାହାର। ଯିଏ ନାସ୍ତିକ ସେବି ଧାର୍ମିକ, ଯେହେତୁ ସେବି ଗୋଟିଏ ବିଚାରଧାରାର ଅନୁସରଣ କରେ। ଏହା ଛଡା ଯେଉଁମାନେ ନାସ୍ତିକ ଧର୍ମର ସମର୍ଥକ ସେମାନେ ଭାରତୀୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶଭାବେ ପରିଗଣିତ ହୋଇ ଆସିଛନ୍ତି। ହିନ୍ଦୁଧର୍ମ ସମସ୍ତ ବିଚାରକୁ ନିଜ ସହିତ ସାମିଲ କରିନେବାର ପ୍ରୟାସ କରିଛି। ଏହା ହୋଇନଥିଲେ ଗୌତମବୁଦ୍ଧ ଯେକି ଭଗବାନରେ ବିଶ୍ୱାସ କରୁନଥିଲେ, ଯିଏ ନାସ୍ତିକ, ତାଙ୍କୁ ହିନ୍ଦୁଧର୍ମର ଦଶ ଅବତାର ମଧ୍ୟରୁ ଗୋଟିଏ ଅବତାର ଭାବେ ଗ୍ରହଣ କରାଯାଇ ନଥାନ୍ତା। ବର୍ତ୍ତମାନର ପରିପ୍ରେକ୍ଷିରେ ଆସ୍ତିକ ହୁଅନ୍ତୁ କି ନାସ୍ତିକ ହୁଅନ୍ତୁ ମାନବିକତା ଓ ନୈତିକ କର୍ମ ଉପରେ ଗୁରୁତ୍ୱ ଦେବା ସମୟର ଆବଶ୍ୟକତା ଅଟେ।



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

# ଗଣିକା

ଗଣିକା ଶବ୍ଦ ବହୁପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସିଛି। ବହୁ କାହାଣୀ ମଧ୍ୟ ଏହି ଗଣିକାମାନଙ୍କୁ ନେଇ ସୃଷ୍ଟି ହୋଇଛି। କିଏ ତାଙ୍କୁ ରୂପଜୀବୀ, ଦେହଜୀବୀ, ବାରନାରୀ, ବେଶ୍ୟା, ନଗରବଧୂ କହନ୍ତି ତ ବିଦେଶୀ ଭାଷାରେ ସେମାନଙ୍କୁ Prostitute, Bed Partner ବା Sex worker ଭାବରେ ପରିଚିତ କରାଇଥାନ୍ତି। ସେମାନଙ୍କର ରହିବା ସ୍ଥାନକୁ ଗଣିକାଳୟ କୁହାଯାଉଥିଲାବେଳେ ସରଳ ଭାଷାରେ ସେମାନଙ୍କର ବ୍ୟବସାୟକୁ ଦେହଦାନ ବୋଲି କୁହାଯାଏ। କେହି ନିଜ ଇଚ୍ଛାରେ ଏହାକୁ ଆଦରି ନେଇଥାଏ ତ କେତେକଙ୍କୁ ବାଧ୍ୟବାଧକତାରେ ଏପରି କାର୍ଯ୍ୟ କରିବାକୁ ପଡ଼ିଥାଏ। କାହାର ଭାଷାରେ ଏମାନେ ମାଂସର କଣ୍ଢେଇ ତ କାହା ରାତିର ରଜନୀଗନ୍ଧା। ତେବେ ଦେହଲୋଭୀମାନେ ହେଲେ ଏମାନଙ୍କର ଗ୍ରାହକ।

ଏକ ସମୀକ୍ଷାରୁ ଜଣାଯାଏ ଯେ ସମଗ୍ର ବିଶ୍ୱରେ ଗଣିକା ବୃତ୍ତିରୁ ଆୟ ହୁଏ ୧୦୦ ବିଲିୟନ୍ ଡଲାର। ଏହି ବ୍ୟବସାୟରେ ପଶିବାର ବୟସର ସୀମା ଥାଏ ୧୩ବର୍ଷରୁ ଆରମ୍ଭ। ଭାରତବର୍ଷରେ ପ୍ରାୟ ଏକ କୋଟି ଗଣିକା ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ୩ଲକ୍ଷରୁ ୫ଲକ୍ଷ ହେଉଛନ୍ତି ନାବାଳିକା। ମୁମ୍ବାଇର ଗଣିକାଳୟଗୁଡ଼ିକରେ ୧ଲକ୍ଷରୁ ୨ଲକ୍ଷ ଗଣିକା ଦେହଦାନ କରୁଥିବାବେଳେ କୋଲକତାରେ ସେମାନଙ୍କର ସଂଖ୍ୟା ପ୍ରାୟ ୧ଲକ୍ଷ। ମାତ୍ର ସରକାରୀ ହିସାବରେ ପଞ୍ଜିକୃତ ସେମାନଙ୍କ ସଂଖ୍ୟା ହେଉଛି ୬,୮୮,୨୫୧ ବୋଲି ଏକ ଆକଳନରୁ ଜଣାପଡ଼େ। ଦକ୍ଷିଣଭାରତର ରାଜ୍ୟଗୁଡ଼ିକରେ ସେମାନଙ୍କର ସଂଖ୍ୟା ସର୍ବାଧିକ। ଆନ୍ଧ୍ରପ୍ରଦେଶରେ ଏକ ଲକ୍ଷରୁ ଅଧିକ ଏଥିରେ ଜଡ଼ିତ ଥିବାବେଳେ କର୍ଣ୍ଣାଟକରେ ଏମାନଙ୍କ ସଂଖ୍ୟା ୭୯ହଜାର। ଆନ୍ଧ୍ର, କର୍ଣ୍ଣାଟକ ତଳକୁ ରହିଛି ତାମିଲନାଡୁ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ। ଦିଲ୍ଲୀର ରେଡ୍‌ଲାଇଟ୍ ଏରିଆରେ ପ୍ରାୟ ୩୮ହଜାର ଯୌନକର୍ମୀ ରହିଛନ୍ତି। ଅବଶ୍ୟ ଏହା ଏକ ଆକଳନ। ମାତ୍ର ପ୍ରକୃତ ତଥ୍ୟ ଏସବୁରେ ମିଳିବା ସହଜ କଥା ନୁହେଁ। ଦେଶରେ ଏହି ଯୌନକର୍ମୀମାନଙ୍କ ସଂଖ୍ୟାର ଆକଳନ କରିବାରେ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ମଧ୍ୟରେ ଆକାଶ ପାତାଳର ପ୍ରଭେଦ ରହିଛି। କାରଣ କୌଣସି ସରକାରୀ ବିବରଣୀରେ ଏଠାର ସଠିକ୍ ଉତ୍ତର ମିଳେନାହିଁ। ସେହିପରି ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କର ବିବରଣୀ ମଧ୍ୟ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିଜର ସଫେଇ ଦେବାକୁ ଯାଇ ସେ ସବୁକୁ ରାଜ୍ୟଗୁଡ଼ିକର ଏଡ୍‌ସ କଣ୍ଟ୍ରୋଲ୍ ସୋସାଇଟି ଉପରେ ଛାଡ଼ି ଦେଇଥାନ୍ତି। ମାତ୍ର ସେହି ସଂସ୍ଥାର ଆକଳନ ଠିକ୍ ନୁହେଁ। ତେବେ ଏତିକି କହିଲେ ଠିକ୍ ହେବ ଯେ ଏପରି ଆକଳନ କରି ନିଶ୍ଚିତ ତଥ୍ୟ ପାଇବା ସମ୍ଭବ ନୁହେଁ।

ଦେଖାଯାଉଛି ଯେ ବୟସ୍କାମାନଙ୍କଠାରୁ ଶିଶୁ ଓ ନାବାଳିକାମାନଙ୍କର ଦେହ ବ୍ୟବସାୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। କୋଲକତାଠାରୁ ୩୨କି.ମି. ଦୂର ସାଉଥ୍ ପ୍ରଗଣାର ଭୂତିଆରୀ ସରିଫ୍ ଶିଶୁ ଦେହ ବ୍ୟବସାୟ ନିମନ୍ତେ ଦେଶରେ ପ୍ରସିଦ୍ଧି ଲାଭ କରିଛି। ଏପରି ବ୍ୟବସାୟରେ ନିଯୁକ୍ତ ନାବାଳିକାମାନଙ୍କର ବୟସ ୧୨ରୁ ୧୮ବର୍ଷ ମଧ୍ୟରେ ଓ ସେମାନଙ୍କୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଆଣି ଏଠାରେ ରଖାଯାଇଛି। ମୁଖ୍ୟତଃ ଗରିବ ଶ୍ରେଣୀର ପିତାମାତା ଏହି ପିଲାମାନଙ୍କୁ ଏଥିରେ ଲଗାଇଥାନ୍ତି ବା ଅନ୍ୟ ରାଜ୍ୟରୁ ପ୍ରଲୋଭନ ଦେଖାଇ ଏମାନଙ୍କୁ ଆଣି ସେଠାରେ ରଖାଯାଇଥାଏ। ଏହି ବ୍ୟବସାୟ ସେଠାରେ ପ୍ରାୟ ୩୦ଟି ଘରେ ଚାଲିଛି। ସେହି ଘରଗୁଡ଼ିକ ମାଟି ଓ ଇଟା ତିଆରିଠାରୁ ଦୁଇମହଲା ସିମେଣ୍ଟ କଂକ୍ରିଟ୍ ପର୍ଯ୍ୟନ୍ତ ରହିଛି। ଜଣେ ଲେଖାଏଁ ମ୍ୟାନେଜର ପ୍ରତି ଘରର ଦାୟିତ୍ୱରେ ରହିଥାନ୍ତି। ସେମାନଙ୍କର ଦାୟିତ୍ୱ ହେଲା ଗ୍ରାହକ ଯୋଗାଡ଼ କରିବା ସହିତ ଘର ଭିତରେ ବନ୍ଦିନୀ ଥିବା ଝିଅମାନଙ୍କର ଦେଖାଶୁଣା। ଏପରିକି ସେହି ବନ୍ଦିନୀମାନଙ୍କୁ ବାହାରକୁ ଯିବା ନିମନ୍ତେ ମନାଥାଏ। ନିଜର ବ୍ୟବହାରିକ ଜିନିଷମାନ ସେମାନେ ସେହି ମ୍ୟାନେଜରମାନଙ୍କଦ୍ୱାରା ନେଇଥାନ୍ତି। ଦେହ ବଜାରରେ ସେମାନଙ୍କର ଦର ମଧ୍ୟ ଖୁବ୍ ଚଢ଼ା। ବହୁ ଦେହଲୋଭି ଗ୍ରାହକ ସେହି ନାବାଳିକାମାନଙ୍କ ସହିତ ମିଶିବା ପାଇଁ ସେଠାକୁ ଯାଇଥାନ୍ତି। ସେମାନଙ୍କର ବୟସ ୧୮-୨୦ ହୋଇଗଲେ ସେମାନଙ୍କୁ ସେଠାରୁ ବାହାର କରି ଅନ୍ୟ କୌଣସି ଗଣିକାଳୟକୁ ବିକ୍ରି କରିଦିଆଯାଏ। ପୋଲିସ୍ ଓ ପ୍ରଶାସନ ଜାଣିଥିଲେ ବି ନୀରବ ରହିଥାନ୍ତି। ତେଣୁ ସେପରି ଇଙ୍ଗିତ ନମିଳିଲେ ଗୋଟିଏ ସ୍ଥାନରେ ଏପରି ନାବାଳିକା ଦେହଜୀବୀମାନଙ୍କୁ ରଖିବା ସମ୍ଭବ ହୋଇନଥାନ୍ତା। ଏହା କେବଳ ଗୋଟିଏ ସ୍ଥାନର କଥା ନୁହେଁ। ଦେଶରେ ଏହିଭଳି ବହୁତ ସ୍ଥାନ ରହିଛି ଯାହାକୁ ଖୋଜି ପାଇବା ସମ୍ଭବ ନୁହେଁ।

ଏପରି ଦେହ ବ୍ୟବସାୟ ଯେ କେବଳ ଗଣିକାଳୟରେ ହେଉଛି ତାହା ନୁହେଁ, ବିଭିନ୍ନ ବ୍ୟକ୍ତିଗତ ଲୋକଙ୍କ ଘର, ଫାର୍ମ ହାଉସ୍, ହୋଟେଲ, ଲଜିଂ, ଗେଷ୍ଟ୍ ହାଉସ୍ ଓ ଢାବା ଆଦିରେ ଏହା ଅବାଧରେ ଚାଲିଛି। ସେ ସବୁ ରୋକିବାକୁ କେହି ନାହିଁ।

ନେପାଳ ଓ ବଙ୍ଗଳା ଦେଶରୁ ପ୍ରତିବର୍ଷ ଭାରତକୁ ଛଅରୁ ଦଶ ହଜାର ପର୍ଯ୍ୟନ୍ତ ଏହି ଶ୍ରେଣୀର ନାବାଳିକା ବା ଯୌନକର୍ମୀ ଆସିଥାନ୍ତି ଓ ଭାରତରେ ସେମାନଙ୍କର ଚାହିଦା ଯଥେଷ୍ଟ ରହିଛି। ଥାଇଲ୍ୟାଣ୍ଡ୍, ଫିଲିଫାଇନ୍ସରେ ସେମାନଙ୍କର ସଂଖ୍ୟା ଯଥେଷ୍ଟ ଅଧିକ। ଭାରତ ସହିତ ଥାଇଲ୍ୟାଣ୍ଡ ଓ ଫିଲିପାଇନ୍ସର ଏହି ଦେହ ବ୍ୟବସାୟରେ ଲିପ୍ତ ଥିବା ନାବାଳିକାଙ୍କ ସଂଖ୍ୟା ପ୍ରାୟ ୧୩ହଜାର ବୋଲି ଆକଳନ କରାଯାଇଛି।

ଦିଲ୍ଲୀର ଦେହ ବଜାରରେ ବିଶେଷତଃ ଗୋରୀ ଯୁବତୀମାନଙ୍କର ଚାହିଦା ବେଶୀ ରହିଛି। ଉଜ୍‌ବେଗସ୍ଥାନ, ତୁର୍କମେନିସ୍ଥାନ, ଇଉକ୍ରେନ୍, ଜର୍ଜିଆ, ରୁଷ୍, କିର୍‌ଗୀଜସ୍ଥାନ୍ ଓ ତାଗିଦ୍‌ସ୍ଥାନରୁ ଏମାନେ ମୁଖ୍ୟତଃ ଆସିଥାନ୍ତି। ଏମାନଙ୍କର ଆସିବାର ସହାୟକ ଥାଏ ଭାରତର Easy VISA Policy । ଏଥିପାଇଁ ଦଲାଲମାନେ ସର୍ବଦା ସତର୍କ ରହିଥାନ୍ତି। ଏହି ଗୋରୀ ଦେହଜୀବୀମାନଙ୍କର ଦର ମଧ୍ୟ ଯଥେଷ୍ଟ ଅଧିକ। ହାସଲ କରିଥିବା ଭିସା ସମୟ ପୂରିଗଲେ ସେମାନେ ତାହାର Extension ପାଇଁ ଆବେଦନ କରିଥାନ୍ତି ବା ନହେଲେ ନିଜ ଦେଶକୁ ଫେରିଯାଆନ୍ତି। ଦଳେ ନିଜ ଦେଶକୁ ଫେରିଗଲେ ଆଉ ଦଳେ ସେମାନଙ୍କ ସ୍ଥାନ ପୂରଣ କରନ୍ତି। ଭାରତର Sex Agent ମାନଙ୍କ ସହିତ ସେମାନଙ୍କର ବେଶ୍ ସୁସଂପର୍କ ରହିଛି। ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀ ଏଜେଣ୍ଟମାନେ ଏହି ବ୍ୟବସାୟରେ ବେଶ୍ ଧୁରନ୍ଧର। ସେମାନେ ନିଜେ ନିଜ ଅକ୍ତିଆରରେ ବ୍ୟବସାୟ ରଖିଥାନ୍ତି ଓ ପୁରୁଷ ଏଜେଣ୍ଟମାନଙ୍କଦ୍ୱାରା ଗ୍ରାହକ ସଂଗ୍ରହ କରିଆଣନ୍ତି। ଏତେ କଥା କରୁଥିଲେ ବି ସେମାନଙ୍କ ଉପରେ ପୋଲିସ୍ ବା ପ୍ରଶାସନ କିଛି ଆଞ୍ଚ୍ ଆଣିପାରନ୍ତି ନାହିଁ। ଜାଣି ନଜାଣିଲା ପରି ସେମାନେ ନୀରବ ରୁହନ୍ତି।

ବର୍ତ୍ତମାନ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର କଥା ଆଲୋଚନାକୁ ନିଆଯାଇପାରେ। ଏଠାରେ ଦେହଜୀବୀମାନଙ୍କ ନିମନ୍ତେ ଷାଠିଏ ଦଶକରେ ମାଳିସାହି ବେଶ୍ ଖ୍ୟାତି ଅର୍ଜନ କରିଥିଲା। ମାତ୍ର ପ୍ରଶାସନର ତୁହାକୁ ତୁହା ଚଢ଼ାଉ ସହ ବସ୍ତି ଭଙ୍ଗାଯିବା ପରେ ତାହାର ଅବସାନ ହୋଇଛି ସତ ମାତ୍ର ଏବେବି ସେହି ଅଞ୍ଚଳରେ ସେପରି ବ୍ୟବସାୟ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇନାହିଁ। କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନୁହେଁ ରାଜଧାନୀରେ ଏହା ପ୍ରାୟ ବହୁ ସ୍ଥାନକୁ ବ୍ୟାପି ଗଲାଣି। ନିଜକୁ ସମ୍ଭ୍ରାନ୍ତ ଭାବେ ପରିଚୟ ଦେଉଥିବା କେତୋଟି ପରିବାର ମଧ୍ୟ ଏହି ବ୍ୟବସାୟକୁ ଚାଲୁ ରଖିଥିବା ସମ୍ବାଦପତ୍ରରେ ପ୍ରକାଶ ପାଉଛି। ବିଭିନ୍ନ ପାର୍ଲର, ହୋଟେଲ ପ୍ରଭୃତି ସ୍ଥାନରେ ମଧ୍ୟ ଏହା ଦେଖାଦେଉଛି। ଧରାପଡୁଥିବା ଯୁବତୀମାନେ ମୁଖ୍ୟତଃ ବଙ୍ଗଳା ଦେଶୀ ବା କୋଲକତାରୁ ଆସିଥିବା ଜଣାଯାଏ। ସେମାନେ କେତେ ପାଆନ୍ତି ଏବଂ ସେମାନଙ୍କୁ ଆଣିଥିବା ଏଜେଣ୍ଟମାନେ ତାହାର କେତେଅଂଶ ନିଅନ୍ତି ତାହା ଜାଣିବା କଷ୍ଟକର ହେଲେ ମଧ୍ୟ ଏହାର କୌଣସି ନିର୍ଦ୍ଧାରିତ ଦର ନଥାଏ। ଯିଏ ଯେଉଁ ପ୍ରକାରରେ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିପାରିଲା ତାହାର ରୋଜଗାର ସେହିପରି ହୋଇଥାଏ। ଏହି ବ୍ୟବସାୟଦ୍ୱାରା ଯୌନରୋଗ କ୍ରମଶଃ ସଂକ୍ରମିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଯେଉଁମାନଙ୍କୁ ପୋଲିସ ଧରୁଛନ୍ତି ସେମାନଙ୍କୁ ପ୍ରଥମେ ଡାକ୍ତରଖାନାକୁ ନେଇ ପରୀକ୍ଷା କରିବାର ଆବଶ୍ୟକତା ରହିଛି। ନଚେତ୍ ଆଇନର କେତୋଟି ଦଫାରେ ଦଣ୍ଡ ଦେଇ ସେମାନଙ୍କୁ ଛାଡ଼ିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ଆଇନ୍‌ରେ ସେମାନେ ଯେପରି ଭାବେ ଦଣ୍ଡିତ ହେଲେ ମଧ୍ୟ ସେମାନଙ୍କ ଦେହରେ ଯଦି କୌଣସି ଭୟଙ୍କର ରୋଗ ଜୀବାଣୁ ଥାଇ ଅନ୍ୟକୁ ସଂକ୍ରମିତ କରେ ତେବେ ସମାଜରେ ତାହା ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ଏହାକୁ ପ୍ରଥମେ ବିଚାରକୁ ନେଇ ଉପଯୁକ୍ତ ବ୍ୟବସ୍ଥା କରିବା ପ୍ରଶାସନର କର୍ତ୍ତବ୍ୟ। ଯେଉଁମାନଙ୍କ ଦେହରେ ଏଡ୍‌ସ ଭଳି ଭୟଙ୍କର ଭୂତାଣୁର ସନ୍ଧାନ ମିଳୁଛି, ସେମାନେ ଦଣ୍ଡିତ ହେବାପରେ ଛାଡ଼ି ନଦେଇ ସ୍ୱତନ୍ତ୍ର ଭାବେ ଅଟକାଇ ରଖିବା ଉଚିତ୍। କାରଣ ସେମାନେ ଛାଡ଼ ପାଇ ଗୋଟିଏ ସ୍ଥାନରୁ ଚାଲିଗଲା ପରେ ଅନ୍ୟ ସ୍ଥାନରେ ମଧ୍ୟ ସେପରି କାର୍ଯ୍ୟ କରିବେ। ଯାହା ଫଳରେ ରୋଗ କ୍ରମଶଃ ସଂକ୍ରମିତ ହୋଇଚାଲିବ।

ପୁଣି କେବଳ ଯେ ଯୌନକ୍ଷୁଧା ମେଣ୍ଟାଇବା ନିମନ୍ତେ ଏପରି ବୃତ୍ତିକୁ ନାବାଳିକା ବା ଯୁବତୀମାନେ ଆଦରି ନେଇଛନ୍ତି ତାହା ନୁହେଁ, କେତେକ ଗରିବ ନିଜର ପେଟ ପୋଷିବା ନିମନ୍ତେ ଏପରି କାର୍ଯ୍ୟ କରିଥାନ୍ତି। ଦେଖାଯାଇଛି ଯେ କେତେକ ଗରିବ ମେଧାବୀ ଛାତ୍ରୀ ନିଜର ଦାରିଦ୍ର୍ୟତାକୁ ନେଇ ପାଠପଢ଼ିବା ନିମନ୍ତେ ଏପରି କାର୍ଯ୍ୟକୁ ଆଦରି ନେଇଥାନ୍ତି। ଏହିସବୁ ସମସ୍ୟାର ସମାଧାନ କରି ସେମାନଙ୍କୁ ଏକ ସୁସ୍ଥ ଜୀବନ ବିତାଇବା ନିମନ୍ତେ ପ୍ରୋତ୍ସାହାନ ଦେବା ସରକାର ତଥା ଜନମଙ୍ଗଳ ରାଷ୍ଟ୍ରର ପ୍ରତ୍ୟେକ ନାଗରିକମାନଙ୍କର ଭୂମିକା ରହିଛି। କେବଳ ସେମାନଙ୍କୁ ଧରି ଆଣି ଦଣ୍ଡିତ କରାଇଦେଲେ ଯେ ସମସ୍ୟାର ସମାଧାନ ହୋଇଗଲା, ତାହା ନୁହେଁ। ସେମାନଙ୍କର ଆର୍ଥିକ ସମସ୍ୟାର ସମାଧାନ କରାଇବା ହେଉଛି ପ୍ରଶାସନର ପ୍ରଥମ ଦାୟିତ୍ୱ। ଯେଉଁମାନେ ଏପରି କାର୍ଯ୍ୟ କରି ଧରାପଡ଼ିଯାଉଛନ୍ତି ସେମାନଙ୍କର ଏକ ଆଶ୍ରୟସ୍ଥଳ ସୃଷ୍ଟି କରି ସେଠାରେ ସେମାନଙ୍କୁ ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ ରହିବାର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ଏପରି ହେଲେ ଏହି ସମସ୍ୟା କେତେକାଂଶରେ ସମାଧାନ ହୋଇପାରିବ।

କେବଳ ଯେ ଓଡ଼ିଶାରେ ଏପରି ପଦକ୍ଷେପମାନ ନେଲେ ସମସ୍ୟାର ସମାଧାନ ହୋଇଯିବ ତାହା ନୁହେଁ ସମଗ୍ର ଦେଶ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏହି ବ୍ୟବସାୟକୁ ରୋକିବା ଆଦୌ ସହଜ ନୁହେଁ କି ହୋଇପାରିବ ନାହିଁ। କେବଳ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କଲେ ଏହା କିଛି ଅଂଶରେ କମିଯାଇପାରେ।



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

# ଟ୍ରମ୍ପଙ୍କ ଧମକ ଅଗ୍ରହଣୀୟ

ଭାରତୀୟ ସାମଗ୍ରୀର ଆମଦାନୀ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ୨୫ ପ୍ରତିଶତ ଟାରିଫ (ଶୁଳ୍କ) ଏବଂ ରୁଷରୁ ଅସ୍ତ୍ରଶସ୍ତ୍ର ଓ ଅଶୋଧିତ ତୈଳ କିଣିବା ଉଠା ଘଟଣାରେ କ୍ଷୁବ୍ଧ ହୋଇ ଜରିମାନା ଘୋଷଣା ନେଇ ବିସ୍ମିତ ହେବାର କିଛି କାରଣ ନାହିଁ, କିନ୍ତୁ ଚିନ୍ତାଜନକ। ଭାରତ-ଆମେରିକା ମଧ୍ୟରେ ମୁକ୍ତ ବାଣିଜ୍ୟ ଆଲୋଚନା ସଫଳତା ଦିଗରେ ଅଗ୍ରସର ହେଉଥିବା ସମୟରେ ଟ୍ରମ୍ପଙ୍କ ଏଭଳି ଘୋଷଣା ଏଥିରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ଟାଣିଦେଇଛି। ତେବେ ଭାରତୀୟ ସାମଗ୍ରୀ ପାଇଁ ବିଶ୍ୱର ସର୍ବବୃହତ ବଜାର ଭାବେ ପରିଚିତ ଆମେରିକାର ଜଣେ ପ୍ରତିନିଧି ଆହୁରି ଅଧିକ ଆଲୋଚନାର ଆବଶ୍ୟକା ଥିବା ଦର୍ଶାଇଥିବାବେଳେ ଭାରତ ଆଲୋଚନା ଏବେ ବନ୍ଦ କରିଦେଇଛି। କିନ୍ତୁ ଏହା ନିସନ୍ଦେହ ଯେ, ଏହି ବାଣିଜ୍ୟ ଆଲୋଚନା ଉଭୟ ଦେଶପାଇଁ ଲାଭ ଦାୟକ ଥିଲା। ପ୍ରଥମ ଆମେରିକାର ସାମଗ୍ରୀ ଓ ସେବା ପାଇଁ ଭାରତୀୟ ବଜାର ଉନ୍ମୁକ୍ତ ହେବା ସହ ଭାରତୀୟ ସାମଗ୍ରୀ ଆମେରିକାରେ ଅବାଧ ପ୍ରବେଶ କରିବାରେ ସମର୍ଥ ହୋଇଥାନ୍ତା। ଉଲ୍ଲେଖଯୋଗ୍ୟ ଯେ, ୨୦୨୪-୨୫ ଆର୍ଥିକ ବର୍ଷ(ଏପ୍ରିଲରୁ ମାର୍ଚ୍ଚ)ରେ ଆମେରିକାକୁ ଭାରତ ୮୬.୫ ବିଲିଅନର ସାମଗ୍ରୀ ରପ୍ତାନୀ କରିଥିଲା, ଯାହାକି ଅନ୍ୟ କୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା। ସେହିପରି ଆମେରିକାରୁ ଭାରତ ଏହି ଅବଧି ମଧ୍ୟରେ ୪୫.୭ ବିଲିଅନ ଡଲାରର ଆମଦାନୀ କରିଥିଲା, ଯାହାକି ଚୀନ, ରୁଷ ଏବଂ ୟୁଇଏଠାରୁ କମ୍ ଥିଲା। ତେବେ ବାଣିଜ୍ୟ ଚୁକ୍ତି ବନ୍ଦ ହେବା ନିଶ୍ଚିତ ଭାବେ ଦୁଇଦେଶ ପାଇଁ ହିତକାରକ ନୁହେଁ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ର ସାମଗ୍ରୀ ଉପରେ ଟ୍ରମ୍ପଙ୍କ ମନଇଚ୍ଛା ଶୁଳ୍କ ଘୋଷଣା ତାଙ୍କ ଅପରିପକ୍ୱ ଚିନ୍ତାଧାରାର ସନ୍ଦେଶ ଦିଏ। ଏଭଳି ପଦକ୍ଷେପ ଦ୍ୱାରା ଉଭୟ ରାଷ୍ଟ୍ର କ୍ଷତିଗ୍ରସ୍ତ ହେବେ। ଅତ୍ୟଧିକ ଶୁଳ୍କ ଯୋଗୁଁ କୌଣସି ରାଷ୍ଟ୍ର ଆମେରିକାକୁ ତା'ର ଚାହିଦା ସ୍ୱରୁପ ଆଉ ସାମଗ୍ରୀ ରପ୍ତାନୀ ନକରିବା ଆଶଙ୍କା ରହିଛି। ଯାହାର ପରିଣତି ସ୍ୱରୁପ ଆମେରିକାରେ ଦରଦାମ ବଢିବ। ସେହିପରି ରପ୍ତାନୀ କରିନପାରିବା ଦେଶଗୁଡିକରେ ଅର୍ଥନୀତି କ୍ଷତିଗ୍ରସ୍ତ ହେବ। ଏହା ସତ୍ୟ ଯେ, ଦେଶର ଚାଷୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଆମେରିକାରୁ କୃଷି ଓ ଦୁଗ୍ଧଚାଷ ଉତ୍ପାଦ ଆମଦାନୀ ଉପରେ ଭାରତର ପ୍ରତିବନ୍ଧକ ଜାରି ରହିଛି। ଏହି ପ୍ରତିବନ୍ଧକ ହଟାଇବା ଆମେରିକାର ମୁଖ୍ୟ ଲକ୍ଷ୍ୟ ଥିଲା ମାତ୍ର ଏବେ ଟ୍ରମ୍ପଙ୍କ ୨୫ପ୍ରତିଶତ ଟାରିଫ ଓ ଜରିମାନା ଯୋଗୁଁ କେବଳ ବାଣିଜ୍ୟ ସମ୍ପର୍କ କ୍ଷୁର୍ଣ୍ଣ ହୋଇନାହିଁ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସୁସମ୍ପର୍କରେ ଭଟ୍ଟା ପଡିବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଥମତଃ ଟ୍ରମ୍ପ-ମୋଦୀ ବନ୍ଧୁତ୍ୱ ଭାଙ୍ଗି ଯାଇଥିବା କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ଆମେରିକା ମଧ୍ୟରେ ବିଭିନ୍ନ ସ୍ତରରେ ସମ୍ପର୍କରେ ଉନ୍ନତି ଘଟିଥିଲା। ଦୁଇଦେଶ ମଧ୍ୟରେ ଆଣବିକ ଚୁକ୍ତି ଠାରୁ ଆରମ୍ଭ କରି ଖଣିଜ ଯୋଗାଣ, ୧୦ବର୍ଷିଆ ପ୍ରତିରକ୍ଷା ପାଟନରସିପ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସେହିପରି ଟ୍ରମ୍ପଙ୍କ ଏହି ଘୋଷଣା ଯୋଗୁଁ ଭାରତ ମଧ୍ୟ କ୍ଷତିଗ୍ରସ୍ତ ହେବ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୦.୨ରୁ ୦.୫ ପ୍ରତିଶତ ପ୍ରଭାବିତ ହେବା ଆଶଙ୍କା ରହିଛି। ବିଶେଷ କରି ଅଟୋମୋବାଇଲ, ଅଟୋ ଯନ୍ତ୍ରାଂଶ, ଟେକ୍ସଟାଇଲ, ଇସ୍ପାତ, ଆଲୁମିନିୟମ, ସ୍ମାର୍ଟଫୋନ, ସୋଲାର ମଡ୍ୟୁଲ, ସାମୁଦ୍ରିକ ଉତ୍ପାଦ, ରତ୍ନ ଓ ଆଭୂଷଣ କ୍ଷେତ୍ର ଏହି ଶୁଳ୍କ ଯୋଗୁଁ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଏ। ଭାରତୀୟ ସାମଗ୍ରୀ ଉପରେ ଟାରିଫ ମାଡ ଯୋଗୁଁ ନିଯୁକ୍ତି ବଜାର କ୍ଷତିଗ୍ରସ୍ତ ହୋଇପାରେ। ଉଦାହରଣ ସ୍ୱରୁପ ରତ୍ନ ପଥର ଓ ଜୁଏଲାରୀ କ୍ଷେତ୍ରରେ ୫ନିୟୁତ ଲୋକ ନିଯୁକ୍ତି ପାଇଥିବାବେଳେ ଆମେରିକାକୁ ୧୧ ବିଲିଅନ ଡଲାରର ରପ୍ତାନୀ କରିଥିଲା। ଏବେ ଏହି ବଜାର ଏକ ପ୍ରକାର ଅଚଳ ହେବା ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ଆମେରିକାରେ ଭାରତୀୟ ସାମଗ୍ରୀର ରପ୍ତାନୀ ୨୩.୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଇଣ୍ଡଷ୍ଟ୍ରିଆଲ ଆଉଟପୁଟ ଅଭିବୃଦ୍ଧି ୧.୫% ଥିଲା। ଏଥିରୁ ଆମେରିକାରେ ଭାରତୀୟ ଉତ୍ପାଦର ଚାହିଦା କେତେ ରହିଛି, ସ୍ପଷ୍ଟ ବୁଝାପଡେ। ଅନ୍ୟପକ୍ଷରେ ଭାରତର ବନ୍ଧୁ ରୁଷଠାରୁ ତୈଳ ଓ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର କିଣା ବନ୍ଦ ନକଲେ ଜରିମାନା ଲାଗୁ କରିବା ପାଇଁ ଟ୍ରମ୍ପ ଯେଉଁ ଧମକ ଦେଇଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ। ଭାରତ ସରକାର ମଧ୍ୟ ଏ ନେଇ ସ୍ଥିର ଓ ଅଟଳ ରହିଛନ୍ତି, ତାହା ସୁସ୍ପଷ୍ଟ। ଭବିଷ୍ୟତରେ ପାକିସ୍ଥାନ ଭାରତକୁ ତୈଳ ବିକିବା ନେଇ ଟ୍ରମ୍ପ ଯେଉଁ ଅସ୍ଫାଳନ କରିଛନ୍ତି, ତାହା କେବଳ ତାଙ୍କର ଅହଂକାରକୁ ଦର୍ଶାଉନାହିଁ, ବାଚାଳମୀର ପ୍ରମାଣ ଦେଉଛି। ସେହିପରି ଭାରତର ଅର୍ଥନୀତିକୁ ମୃତ କହିବା ଟ୍ରମ୍ପଙ୍କ ମତିଭ୍ରମର ଆଉ ଏକ ସଂକେତ। ପୂର୍ବରୁ ପାକିସ୍ଥାନ ଆମେରିକାର ବନ୍ଧୁ ରାଷ୍ଟ୍ର ଥିଲା। ତେବେ ସେତେବେଳେ କ'ଣ ଲାଭ ପାଇଥିଲା। ଟ୍ରମ୍ପ ଆତ୍ମସମୀକ୍ଷା କରିବା ଜରୁରୀ। କାହାର ଧମକରେ ଭାରତ କେବେ ମୁଣ୍ଡ ନୂଆଇଁ ନଥିଲା କି ଭବିଷ୍ୟତରେ ମୁଣ୍ଡ ନୂଆଁଇବ ନାହିଁ। ଭାରତ ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ଶକ୍ତି ହୋଇଥିବାବଳେ ସର୍ବବୃହତ ଗଣତାନ୍ତ୍ରୀକ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ପରିଚିତ। ଭାରତ ସହ ଶତୃତା କେବଳ ଟ୍ରମ୍ପଙ୍କ ଅପରିଣାମଦର୍ଶୀ ନୁହେଁ ପାଗଳାମିର ପରିଚୟ ଦେଉଛି, ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ଅଗଷ୍ଟ ୨୦୨୫ ବୁଧବାର

# ଆଭା

## ଶ୍ରୀମନ୍ଦିରର କଥା

କାହାଣୀ ଓ କିମ୍ବଦନ୍ତୀ ମାନଙ୍କରୁ ଜଣାଯାଇ ଥାଏ ବଡ଼ଦେଉଳ ଶ୍ରୀମନ୍ଦିରର ଆଦିନିର୍ମାତା ହେଉଛନ୍ତି ମହାରାଜା ଇନ୍ଦ୍ରଦ୍ୟୁମ୍ନ । ଏହି କାହାଣୀ ସ୍କନ୍ଦପୁରାଣ ସହ ଅତି ସୁନ୍ଦରଭାବେ ବର୍ଣ୍ଣିତହୋଇଛି କବି କୃଷ୍ଣ ଦାସଙ୍କ ରଚିତ ଦେଉଳତୋଳା କ୍ଷୁଦ୍ର ପୁସ୍ତକରେ । ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ଆଦି ବଡ଼ଦେଉଳ କାଳକ୍ରମେ, ଜୀର୍ଣ୍ଣ ହୋଇଛି ଏବଂ ବହୁ ବାର ବହୁ ନରପତିଙ୍କ ଦ୍ୱାରା ପୁନଃ ନିର୍ମିତ ହୋଇଛି, ଜୀର୍ଣ୍ଣ ସଂସ୍କାର ହୋଇଛି । ବର୍ତ୍ତମାନର ଦୃଶ୍ୟମାନ ବଡ଼ ଦେଉଳର ନିର୍ମାତା ଶ୍ରୀଅନଙ୍ଗ ଭୀମଦେବ ବୋଲି ଐତିହାସିକ ପ୍ରମାଣ ମିଳେ । ଉତ୍କଳମଣି ଧର୍ମପଦ କାବ୍ୟରେ କହିଛନ୍ତି :-

ଶେଷେ ସେ ଦେଉଳ ତୋଳାଇଲେ
ପୁଣି ଶ୍ରୀଅନଙ୍ଗଭୀମ ରାଏ ।
ଉତ୍କଳେ ଅକ୍ଷୟ କୀର୍ତ୍ତିସ୍ତମ୍ଭ ପ୍ରାୟେ
ଶୋଭେ ଯାହା ଆଜି ଯାଏ ।।

ସେହି ପୁରାଣ କଥା । ମହାରାଜା ଇନ୍ଦ୍ରଦ୍ୟୁମ୍ନ ବଡ଼ ଦେଉଳ ନିର୍ମାଣ କଲାପରେ ଏହାର ପ୍ରତିଷ୍ଠାପାଇଁ ବ୍ରହ୍ମାଙ୍କୁ ଆମନ୍ତ୍ରଣ ପାଇଁ ବ୍ରହ୍ମ ଲୋକ ଚାଲିଗଲେ । ବ୍ରହ୍ମଲୋକରେ ପହଞ୍ଚି ସେ ଦେଖିଲେ ବ୍ରହ୍ମା ତର୍ପଣ କରୁଛନ୍ତି । ତେଣୁ ସେ ଟିକିଏ ଅପେକ୍ଷା କଲେ ଓ ବ୍ରହ୍ମାଙ୍କ ତର୍ପଣାନ୍ତେ ତାଙ୍କୁ ସାଥିରେ ମର୍ତ୍ତ୍ୟ ପୁରକୁ ଘେନି ଆସିଲେ । ବ୍ରହ୍ମଲୋକରେ ରାଜା ଇନ୍ଦ୍ରଦ୍ୟୁମ୍ନ ଅପେକ୍ଷା କରିଥିବା ସେହି ଅଳ୍ପ କେତୋଟି ମୁହୂର୍ତ୍ତ ମଧ୍ୟରେ ମର୍ତ୍ତ୍ୟରେ ଶହଶହ ବର୍ଷ ବିତି ଯାଇଥିଲା ଏବଂ ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ସେ ମନ୍ଦିରଟି ବାଲିରେ ପୋତିହୋଇ ପଡ଼ିଥିଲା । ବହୁକାଳ ପରେ ଉତ୍କଳ ନରପତି ଗାଲ ମାଧବ ସେହି ବାଟ ଦେଇ ଘୋଡ଼ା ଝପଟେଇ ଯାଉଥିଲେ । ରାଜାଙ୍କ ଘୋଡ଼ାର ଟାପୁ ସେ ପୋତା ମନ୍ଦିର ଚୂଡ଼ାରେ ବାଜିବାରୁ ଘୋଡ଼ାଟି ବାଲିରେ ପଡ଼ିଗଲା । ଘୋଡ଼ାରୁ ଓଲ୍ହାଇପଡ଼ି ବାଲି ଆଡ଼େଇ ରାଜା ଦେଖିଲେ ଏକ ବିଶାଳ ମନ୍ଦିରର ଚୂଡ଼ା । ସେ ନିଜର ସୈନ୍ୟ ସାମନ୍ତ ଲଗାଇ ବାଲି ଖୋଳିବାରୁ ଦୃଶ୍ୟମାନ ହେଲା ଗୋଟିଏ ସୁଦୃଶ୍ୟ ବିଶାଳ ମନ୍ଦିର । ଗାଲ ମାଧବ ମନ୍ଦିରକୁ ଉଦ୍ଧାର ମାତ୍ର କରି ଦାବିକଲେ ମୁଁ ଏହାକୁ ନିର୍ମାଣ କରିଛି ବୋଲି । ଏ ପଟେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ବ୍ରହ୍ମ ଲୋକରୁ ଧରି ଆସି ମନ୍ଦିର ପ୍ରତିଷ୍ଠା ନିମନ୍ତେ ପହଞ୍ଚି ଗଲେ । କିନ୍ତୁ ଗାଲମାଧବ ମନ୍ଦିର ଉପରେ ନିଜର ଅଧିକାର ସାବ୍ୟସ୍ତକଲେ । ଦୁହିଁଙ୍କ ମଧ୍ୟରେ କନ୍ଦଳ ଲାଗିଲା ମନ୍ଦିର ନିର୍ମାତାଙ୍କୁ ନେଇ ।

କ୍ରମେ ବିବାଦ ତୀବ୍ରତର ହେବାରୁ ବ୍ରହ୍ମା ମଧ୍ୟସ୍ଥତା କରି କହିଲେ,ହେ ରାଜାମାନେ, ତୁମେ ଏ ମନ୍ଦିର ତୋଳାଇଛ ଏହାର ପ୍ରମାଣ ସ୍ୱରୂପ କେହି ସାକ୍ଷୀ ଅଛନ୍ତି କି ? ଗାଲମାଧବ ତ ଗାଲୁ ହିଁ ମାରୁ ଥିଲେ, ସେ ସାକ୍ଷୀ କେଉଁଠୁ ଆଣିବେ,ତେଣୁ ବାଧ ହୋଇ ସେ ଚୁପ ରହିଲେ ।

ଏହା ଭିତରେ ଯେ ଅନେକ ସମୟ ବିତି ଯାଇଛି, ମହାରାଜା ଇନ୍ଦ୍ରଦ୍ୟୁମ୍ନ ସାକ୍ଷୀ କେଉଁଠୁ ଆଣିବେ ? ସେ ଏହା ଚିନ୍ତା କରୁଛନ୍ତି, ତାଙ୍କର ନଜର ପଡ଼ିଲା ନିକଟ କଳ୍ପବଟ ପରେ ବସି ରହିଥିବା କଳ୍ପଜୀବି ଭୂଷଣ୍ଡ କାକଙ୍କ ଉପରେ । ତତ୍‌କ୍ଷଣାତ ସେ ବ୍ରହ୍ମାଙ୍କୁ କହିଲେ ଏହି କାକହିଁ ମୋର ସାକ୍ଷୀ ।

ଇନ୍ଦ୍ରଦ୍ୟୁମ୍ନ ବୋଇଲା ମୋହର ସାକ୍ଷୀ ଅଛି ।
କଳପବଟରେ ଯେଉଁ କାକ ବସିଅଛି ।।

ତେଣୁ ସମସ୍ତେ ଯାଇ, ଭୂଷଣ୍ଡ କାକଙ୍କ ନିକଟରେ ପହଞ୍ଚିଗଲେ । ସେତେବେଳେ ଭୂଷଣ୍ଡ କାକ ଉର୍ଦ୍ଧ୍ୱ ରେତା ହୋଇ ବ୍ରହ୍ମ ସାଧନ ଲିପ୍ତ ଥାନ୍ତି । ସେ ଆଉ ବ୍ରହ୍ମାଙ୍କ କଥାକୁ କାନ ଦେଉ ନଥାନ୍ତି । ବ୍ରହ୍ମା ବ୍ୟସ୍ତ ବିବ୍ରତ ହୋଇ, ଭୂଷଣ୍ଡ କାକଙ୍କୁ କଟୁ ଧିକ୍କାର କରି କହିଲେ,'ରେ ଛାର କାକ ପକ୍ଷୀ,ଛାର ପକ୍ଷୀଟିଏ ହୋଇ ତୁମେ ମୋ କଥାକୁ କର୍ଣ୍ଣପାତ କରୁନାହଁ । ମୁଁ କିଏ, ତୁମେ ଜାଣ ! ମୁଁ ହେଉଛି ସ୍ୱୟଂ ବେଦପତି ଚତୁରାନନ ବ୍ରହ୍ମା।'

ବାୟସ ରାଜଙ୍କ ଧ୍ୟାନ ଭଗ୍ନ ହେଲା । ସେ ବ୍ରହ୍ମାଙ୍କ ବାକ୍ୟ ଶୁଣି କହିଲେ,' ଆହେ ତୁମ୍ଭେ କେଉଁ ବ୍ରହ୍ମା ହୋ ! ମୁଁ ପରା ଏଠି କୋଟି କୋଟି ବ୍ରହ୍ମାଙ୍କୁ ଦେଖି ସାରିଲିଣି । ଜଣେ ସହସ୍ରମୁଖ ବ୍ରହ୍ମା ଥିଲା, ତା'ର ତ ମୋ ଦେଖିବାରେ ମାତ୍ର ପାଞ୍ଚଟା ଦିନ ମଧ୍ୟରେ ମୃତ୍ୟୁ ହୋଇଛି, ତୁ ତ ଚତୁର୍ମୁଖ ବ୍ରହ୍ମା, କାଲିମାତ୍ର ବିଷ୍ଣୁଙ୍କ ନାଭି କମଳରୁ ଜନ୍ମ ହୋଇଛୁ । ମୁଁ ପରା ରାମନାମ ଜପକରି ଏ ବଟମୂଳେ କୋଟିକୋଟି ବ୍ରହ୍ମାଙ୍କୁ ଦେଖି ସାରିଲିଣି ।'

କୋଟି କୋଟି ବ୍ରହ୍ମା ଏହି ବଟ ତଳେ ଯାଇଁ ।
ରାମନାମ ଧରି ଏକା ରହିଅଛି ମୁହିଁ ।।

ଭୂଷଣ୍ଡକାକଙ୍କ ଠାରୁ ଏପରିକଥା ଶୁଣି ବେଦବର ବ୍ରହ୍ମାଙ୍କ ମୋହ ଭଙ୍ଗହେଲା । ସେ ଜାଣିପାରିଲେ ଏଇ କାକ ସାମାନ୍ୟ ଏକ ପକ୍ଷୀ ନୁହଁନ୍ତି । ଏ ହେଉଛନ୍ତି କଳ୍ପଜୀବି, ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଭୂଷଣ୍ଡ କାକ । ସେ ଅନୁନୟ ହୋଇ, ତାଙ୍କୁ ପ୍ରଶ୍ନ କଲାରୁ ଭୂଷଣ୍ଡ କାକ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଏ ବିଶାଳ କିର୍ତ୍ତୀ ବୋଲି କହିଲେ । ରାଜା ଗାଲମାଧବ ଏବଂ ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ମଧ୍ୟରେ ବିବାଦର ଅନ୍ତଃ ହେଲା । ବେଦପତି ବ୍ରହ୍ମା ନୀଳାଚଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠାକରି ବ୍ରହ୍ମଲୋକକୁ ପ୍ରସ୍ଥାନ କଲେ । ଦେଉଳତୋଳା ପୁସ୍ତକରେ ଭୂଷଣ୍ଡ କାକ କହିଲେ :-

ବୋଇଲା ଭୁଷଣ୍ଡ କାକ ବ୍ରହ୍ମାଙ୍କୁ ଅନାଇ ।
ଦେଉଳ ଇନ୍ଦ୍ରଦ୍ୟୁମନ ଯାଇଛି ତୋଳାଇ ।।

ନୀଳାଚଳରେ ଶ୍ରୀମନ୍ଦିରର ପ୍ରତିଷ୍ଠା ହୋଇଗଲା । ମହାରାଜ ଇନ୍ଦ୍ରଦ୍ୟୁମ୍ନ ଚତୁର୍ଦ୍ଧା ଦାରୁବିଗ୍ରହଙ୍କୁ ରତ୍ନ ସିଂହାସନରେ ଆରୁଢ଼ କରାଇ ନିଜକୁ କୃତକୃତ୍ୟ ମନେ କଲେ। ମହାପ୍ରଭୁ ଅତ୍ୟନ୍ତ ପ୍ରୀତ ହୋଇ କହିଲେ, ହେ ଭକ୍ତରାଜ ! ତୁମ୍ଭେ ନୀଳାଚଳରେ ଆମକୁ ପ୍ରତିଷ୍ଠା କରାଇ ଯୁଗ ଯୁଗ ପାଇଁ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଗଲ । ତୁମ୍ଭେ କି ବର ମାଗୁଛ ମାଗ । ଭକ୍ତପ୍ରବର ମହାରାଜ ଇନ୍ଦ୍ରଦ୍ୟୁମ୍ନ କରପତ୍ର ଯୋଡ଼ି କହିଲେ :-

ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ ।
ମୋହର ବଂଶରେ କେହି ନଥିବେ ଗୋସାଇଁ ।।
ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର ।
ଆମ୍ଭର ବୋଲନ୍ତେ ଧର୍ମ ନାଶ ଯିବ ମୋର ।।

ଶ୍ରୀମନ୍ଦିର ନିର୍ମାଣର ସାକ୍ଷୀ ଭୂଷଣ୍ଡ କାକ ଏକଦା ଧ୍ୟାନରେ କଳ୍ପବଟ ଉପରେ ମହାପ୍ରଭୁଙ୍କ ଉପରେ ଚିତ୍ତ ନିବେଶକରି ସୁଷୁପ୍ତି ଅବସ୍ଥାରେ ବସି ଥାନ୍ତି । ଅସାବଧାନତା ବଶତଃ ପବିତ୍ର ରୋହିଣୀ କୁଣ୍ଡରେ ସେ ପତିତ ହେବାରୁ ଚତୁର୍ଭୁଜ ରୂପ ଧାରଣ କରି ବିଷ୍ଣୁଲୋକ ଗମନ କଲେ ।

ଏବେ ଶ୍ରୀମନ୍ଦିର ଭିତର ବେଢ଼ା ମାଆ ବିମଳାଙ୍କ ମନ୍ଦିର ସାମ୍ନାରେ ଅବସ୍ଥିତ ରୋହିଣୀକୁଣ୍ଡ ଠାରେ ଭୂଷଣ୍ଡକାକଙ୍କ ଦର୍ଶନ ମିଳିଥାଏ । ଭୂଷଣ୍ଡ କାକଙ୍କ ଦର୍ଶନ ବିଷୟରେ ଭକ୍ତ ସାଲବେଗ କହିଛନ୍ତି :-

ରୋହିଣୀ ପାଦୁକା କୁଣ୍ଡ ରଜ ।
ସିଂହ ମାଡ଼ିବସି ଅଛି ଗଜ ।।
ସତେ କି ଏ ନେତ୍ର ସୁଫଳ ହୋଇବ
କାକ ପଡ଼ି ହେଲା ଚତୁର୍ଭୁଜ ।।

ସନ୍ଥ ତୁଳସୀ ଦାସ କୃତ ରାମ ଚରିତ ମାନସରେ କାକଭୂଷଣ୍ଡିଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି । କାକ ଭୂଷଣ୍ଡି ଭୂଷଣ୍ଡ ରାମାୟଣ ବୋଲି ରାମାୟଣ ରଚନା କରିଥିବା କଥିତ ହୁଏ । ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ କହିଛନ୍ତି :-

ଉମା କହିଉଁ ସବ କଥା ସୁହାଇ ।
ଜୋ ଭୁଷୁଣ୍ଡି ଖଗପତିହି ଶୁନାଇ ।।

ଅର୍ଥାତ୍ ହେ ଉମା ! ମୁଁ ତୁମକୁ ସେହି ଅତି ସୁନ୍ଦର ରାମକଥା ଶୁଣାଇବି ଯାହା କାକଭୂଷଣ୍ଡି ଗରୁଡ଼ଙ୍କୁ ଶୁଣାଇ ଥିଲେ।

ଜୟ ଜଗନ୍ନାଥ

## କର୍କଟ ରୋଗ ଆଶଙ୍କାକୁ ହ୍ରାସ କରେ ଆଖୁରସ



ଆଖୁରସରୁ ସୋଡିୟମ୍, କ୍ୟାଲସିୟମ୍, ଲୌହସାର ଆଦି ପୋଷକତତ୍ତ୍ୱ ମିଳିଥାଏ। ଆଖୁରସ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରିବା ସହ ଯକୃତ୍ ସମସ୍ୟା, ପାଚନସମ୍ବନ୍ଧୀୟ ସମସ୍ୟାକୁ କମ୍ କରି ଅସ୍ଥିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ପ୍ରତିଦିନ ଏକ ଗ୍ଲାସ ଆଖୁରସ ପିଇବା ଫଳପ୍ରଦ। ଆଖୁରସରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ, ମ୍ୟାଗ୍ନେସିୟମ୍ ମାତ୍ରା ଅଧିକ ରହିଥାଏ। ଏଥିରେ ମିଳୁଥିବା ସ୍ୱତନ୍ତ୍ର ତତ୍ତ୍ୱ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରାଏ। ବିଭିନ୍ନ କର୍କଟ ରୋଗ ସମେତ ପ୍ରୋଷ୍ଟେଟ ଏବଂ ସ୍ତନ୍ୟ କର୍କଟ ସହ ଲଢ଼େଇ କରିବାରେ ଏହା ବେଶ୍ ସହାୟକ ହୁଏ। ଆଖୁରସରେ ପ୍ରାକୃତିକ ଶର୍କରା ମିଳୁଥିବାରୁ ଏହା ଶରୀରର ଗ୍ଲୁକୋଜ ମାତ୍ରାକୁ ବୃଦ୍ଧି କରାଏ। ଏହି ରସ ପିଇବା ଦ୍ୱାରା ଶରୀର ମଜଭୁତ ରହିବା ସହ ଖରାଦିନେ ଅଜୀର୍ଣ୍ଣ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ। ଆଖୁରସରୁ ମିଳୁଥିବା ପୋଟାସିୟମ୍ ପାଚନତନ୍ତ୍ର ପାଇଁ ଲାଭପ୍ରଦ। ପେଟଜନିତ ସମସ୍ୟାକୁ ଏହା ଦୂର କରେ। କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ । ଏଥିରେ ଥିବା ଫାଇବର ଓଜନ ନିୟନ୍ତ୍ରଣ କରେ । ଅଲ୍‌ଫା ହାଇଡ୍ରୋକ୍ସି ଏସିଡ (ଏଏଚ୍‌ଏଏସ୍) ପଦାର୍ଥ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ। ଆଖୁ ରସ ଶରୀରର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସରାଇଡ ସ୍ତରକୁ ହ୍ରାସ କରେ । ପ୍ରୋଟିନ୍‌ଯୁକ୍ତ ଆଖୁରସ ପିଇବା ଦ୍ୱାରା ବୃକ୍କ ସଂକ୍ରମଣ, ପରିସ୍ରା ସଂକ୍ରମଣ, ଅମ୍ଳ, ପଥର ସମସ୍ୟାରୁ ମୁକ୍ତି ମିଳେ। ସେହିପରି ଆଖୁରସରେ ଆଣ୍ଟି ଅକ୍ସିଡାଣ୍ଟ ମାତ୍ରା ଅଧିକ ଥିବାରୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ରକ୍ତହୀନତା ଦୂର କରେ। ଦାନ୍ତଜନିତ ସମସ୍ୟା ଦୂର କରିବାରେ ମଧ୍ୟ ଆଖୁ ରସ ବେଶ୍ ଫଳପ୍ରଦ।

## ସପ୍ତାହକୁ ମାତ୍ର ଗୋଟିଏ ଦିନ ଉପବାସ କରିବା ନିହାତି ଜରୁରୀ

ଉପବାସ କରିବା କେବଳ ଆଧାତ୍ମିକ ଭାବରେ ଆବଶ୍ୟକ ନୁହେଁ । ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଆବଶ୍ୟକ । ହିନ୍ଦୁ ଧର୍ମରେ କୌଣସି ନା କୌଣସି ପୂଜା ପର୍ବ ବର୍ଷ ବର୍ଷ ଧରି ଚାଲିଥାଏ । ଏହାର ଅନେକ ଗୁଡିଏ ଲାଭ ମଧ୍ୟ କୁହାଯାଇଛି। ମେଡିକାଲ ସାଇନ୍ସ ରେ ଇଣ୍ଟର ମିଡିଏଟ ଫାଷ୍ଟିଙ୍ଗକୁ ନେଇ ଅନେକ ଗୁଡିଏ ଗବେଷଣା କରାଯାଇଛି। ଅନେକ ଗବେଷକ ଉପବାସ କୁ ଶରୀର ପାଇଁ ହିତକର ମଧ୍ୟ କହିଛନ୍ତି । ଗବେଷକଙ୍କ ମତରେ ସପ୍ତାହ କୁ ମାତ୍ର ଗୋଟିଏ ଦିନ ଉପବାସ ନିହାତି କରିବା ଜରୁରୀ । ଆସନ୍ତୁ ଜାଣିବା ସପ୍ତାହ କୁ ଗୋଟିଏ ଦିନ ଉପବାସ କରିବା ଦ୍ୱାରା କେଉଁସବୁ ଲାଭ ମିଳିଥାଏ ।

ସପ୍ତାହ ରେ ଗୋଟିଏ ଦିନ ଉପବାସ କରିବାର ପ୍ରଭାବ – ଯେତେବେଳେ ଆମେ ସପ୍ତାହ ରେ ଗୋଟିଏ ଦିନ ଉପବାସ କରିଥାଉ ଓ ୨୪ ଘଣ୍ଟା ଭୋଜନ କରିନଥାଉ, ସେତେବେ ଆମ ଏନର୍ଜି ପାଇଁ ଶରୀରରେ ଜମା ରହିଥିବା ଫ୍ୟାଟ କାମରେ ଆସିଥାଏ । ଏହି ଉପବାସ ସମୟ ରେ ଆମେ କୌଣସି ଖାଦ୍ୟ ଗ୍ରହଣ ନକରି କେବଳ ଜଳ ଗ୍ରହଣ କରିବା ଜରୁରୀ । ଯଦି ଆମେ ଚାହିଁବା ତେବେ ଯେ କୌଣସି କ୍ୟାଲୋରୀ ବିହୀନ ଡ୍ରିଂକ୍ସ ସେବନ କରିପାରିବା ।– ଆଣେ ରିସର୍ଚ୍ଚ ରୁ ଜଣା ପଡିଛି ଯେ ଏପରି କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ଓ ଆମ ମେଟାବୋଲିଜିମ ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ । ଏହାଛଡା ହାର୍ଟ ର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ହିତକର ।

କ'ଣ ଉପବାସ ରେ ଓଜନ ହ୍ରାସ ହୋଇଥାଏ –– ଗବେଷକଙ୍କ ମତରେ ସପ୍ତାହ ରେ ଗୋଟିଏ ଦିନ ଉପବାସ ରହିବ ଦ୍ୱାରା ଓଜନ ହ୍ରାସ ପାଇଁ ସାହାଯ୍ୟ ମିଳିଥାଏ । କିନ୍ତୁ ଏଥିପାଇଁ ଠିକ ଉପାୟ ଜଣାଥିବା ଜରୁରୀ। ଉପବାସ ସମୟରେ ଅଧିକ ରୁ ଅଧିକ ପାଣି ପିଇବା ଜରୁରୀ ଯାହାକି ପରିଶ୍ରା ମାଧ୍ୟମ ରେ ଶରୀର ଡ଼ିଟକ୍ସ ହୋଇଥାଏ।– ୨୪ ଘଣ୍ଟା ପର୍ଯ୍ୟନ୍ତ ଉପବାସ ରହିବ ଦ୍ୱାରା ହାର୍ଟ ମଧ୍ୟ ସୁସ୍ଥ ରହିଥାଏ । ଏହି ଅଧ୍ୟୟନ ରେ ଜୀବଜନ୍ତୁ ଙ୍କୁ ନିଆଯାଇ ଅଧ୍ୟୟନ କରାଯାଇ ଥିଲା। ଯେଉଁଥିରେ ଜଣା ପଡିଥିଲା ଯେ ସପ୍ତାହ କୁ ଠାରେ ଉପବାସ କରିବା ଦ୍ୱାରା କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧିରୁ ଦୁରେଇ ହୋଇ ରହିବା।

## ସାତ ସାଧବଙ୍କ ଅଲିଅଳି ଭଉଣୀ ତଅପୋଇର କରୁଣ କାହାଣୀ ଖୁଦୁରୁକୁଣୀ ଓଷା



ଓଡ଼ିଆ କୁଆଁରୀ ଝିଅମାନେ ସାଧବ ପରମ୍ପରାକୁ ନେଇ ଭାଇଙ୍କ ଶୁଭ ମନାସୀ ଭାଦ୍ରବ ମାସରେ ମା' ଖୁଦୁରୁକୁଣୀଙ୍କ ପୂଜା କରିଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ଏହି ପୂଜା କରାଯାଇଥାଏ। ଭାଦ୍ରବ ମାସର ପ୍ରତି ରବିବାର ଏହି ଓଷା ପଡିଥାଏ। ଓଡ଼ିଶାରେ ବାର ମାସ ତେର ପର୍ବ ଭିତରୁ ଖୁଦୁରୁକୁଣୀ ଓଷା ଏକ ପାରମ୍ପରିକ ପର୍ବ। ଏହାକୁ କେହିକେହି ଭାଲୁକୁଣି ଓଷା ତ ଆଉ କିଏ ଢିଙ୍କି ଓଷା ମଧ୍ୟ କୁହନ୍ତି। କୁଆଁରୀ ଝିଅମାନେ ସାଧବ ପରମ୍ପରାକୁ ନେଇ ଭାଇଙ୍କ ଶୁଭମନାସୀ ଭାଦ୍ରବ ମାସରେ ମା' ଖୁଦୁରୁକୁଣୀଙ୍କ ପୂଜା କରିଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ଏହି ପୂଜା କରାଯାଇଥାଏ। ଭାଇ ଭଉଣୀର ସମ୍ପର୍କକୁ ମନେପକେଇ ଦେବାର ପର୍ବଟିଏ ହେଉଛି ଏହି ଖୁଦୁରୁକୁଣୀ। ସମାଜକୁ ନାରୀର ଅବଦାନ ଓ ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରୁଥିବା ପର୍ବ ହେଉଛି ଏହି ଖୁଦୁରୁକୁଣୀ। ପରିବାର ଭିତରେ ସମ୍ପର୍କର ଡୋରି ବାନ୍ଧିବାର ପର୍ବ ହେଉଛି ଏହି ଖୁଦୁରୁକୁଣୀ। ଏନେଇ ଓଡ଼ିଶାର କୁମାରୀମାନେ ଭାଦ୍ରବର ପ୍ରତି ରବିବାରରେ ନିଜ ଭାଇର ନିରାମୟ ଜୀବନ, ଉଜ୍ଜଳ ଭବିଷ୍ୟତ ଓ ଦୀର୍ଘ ଆୟୁ କାମନା କରି ମା' ମଙ୍ଗଳାକୁ ସ୍ମରଣ କରିଥାନ୍ତି । ଓଡ଼ିଆ ଘରର ବୋହୂମାନେ ବି ଏହି ବ୍ରତକୁ ପାଳନ କରନ୍ତି। ଭାଦ୍ରବ ମାସର ପ୍ରତି ରବିବାରରେ ଖୁଦୁରୁକୁଣୀ ଓଷା ପାଳିତ ହୁଏ।

**ସାଧବ ପୁଅଙ୍କ କଥା:**

ଆଗକାଳରେ ଓଡ଼ିଆ ସାଧବ ପୁଅମାନେ ବିଦେଶକୁ ବଣିଜ କରିବାକୁ ଯାଉଥିଲେ। ସେହି ସମୟରେ ସାତଜଣ ସାଧବ ଭାଇ ଦୂରଦେଶକୁ ବଣିଜ କରିବାକୁ ଯାଇଥିଲା ବେଳେ ଘରେ ତାଙ୍କର ଘରଣୀ ଓ ଏକମାତ୍ର ସାନ ଭଉଣୀ ତଅପୋଇ ରହିଥିଲେ। କେବଳ ସାନ ଭାଉଜଙ୍କୁ ଛାଡ଼ି ତଅପୋଇ ପ୍ରତି ବାକି ସବୁ ଭାଉଜ ଅନାଚାର କରୁଥିଲେ। ଅଲିଅଳରେ ବଢ଼ିଥିବା ତଅପୋଇକୁ ଘରକାମ କରେଇବା ସହିତ ଛେଳି ଚରେଇବା ପାଇଁ ପଠାଉଥିଲେ।

**ଓଡ଼ିଆ ସାଧବ ପୁଅମାନେ ବିଦେଶକୁ ବଣିଜ କରି ଫେରିବାର ପଟ୍ଟଚିତ୍ର ତଅପୋଇର ପ୍ରାର୍ଥନା:**

ଭାଇମାନେ ଦୂରରେ ଥିବାରୁ ତଅପୋଇ ଏସବୁ କଥା ଆଉ କାହା ପାଖରେ କହିପାରୁ ନଥିଲା। ଏପରିକି ଭାତ ବଦଳରେ ଖୁଦ ଖାଇବାକୁ ଦେଉଥିଲେ। କେବଳ ସାନଭାଉଜ ତାକୁ ଲୁଚାଇ ଲୁଚାଇ ଖାଇବାକୁ ଦେଉଥିଲେ ଓ ସ୍ନେହ କରୁଥିଲେ। ଅନେକ ଦିନ ପରେ ଭାଇମାନେ ବିଦେଶରୁ ଫେରିବାରେ ଡେରି ହେବାରୁ ତଅପୋଇ ନଦୀ ବାଲି ଉପରେ ମାଟିରେ ମୂର୍ତ୍ତି ଗଢ଼ି ଖୁଦୁରୁକୁଣୀ ଓଷା କରି ଭାଇମାନଙ୍କୁ ଫେରାଇ ଆଣିବା ପାଇଁ ପ୍ରାର୍ଥନା କରିଥିଲା। ଶେଷରେ ଭାଇମାନେ ଫେରିଥିଲେ। ଭାଇମାନଙ୍କୁ ବନ୍ଦାପନା କରିବା ପାଇଁ ସବୁ ଭାଉଜ ଯାଇଥିବା ବେଳେ ତଅପୋଇକୁ ଘରକୋଣରେ ବାନ୍ଧି ଦେଇଥିଲେ। ତଅପୋଇ ନ ଆସିଲେ ସେମାନେ ବୋଇତରୁ



ଓହ୍ଲାଇବେ ନାହିଁ କହିବାରୁ ସାନଭାଉଜ ସବୁ ଗୋପନ କଥା ଭାଇମାନଙ୍କ ଆଗରେ ଫିଟାଇ କହିଦେଲେ।

**ସାଧବ ପୁଅଙ୍କୁ ବନ୍ଦାବନ୍ଦି ଦୃଶ୍ୟ ଭାଉଜଙ୍କୁ ଦଣ୍ଡ:** ଦଣ୍ଡ ସ୍ୱରୁପ କେବଳ ସାନ ଭାଉଜଙ୍କୁ ଛାଡ଼ି ସାତ ସାଧବ ବାକି ସମସ୍ତଙ୍କର ନାକ କଟାଇଥିଲେ। ଓଡ଼ିଆ ଚଳଣିର ଏହି ଲୋକକଥାକୁ ନେଇ କୁଆଁରୀ ଝିଅମାନେ ଭାଇମାନଙ୍କ ଶୁଭମନାସି ଭାଦ୍ରବ ମାସରେ ଏହି ଖୁଦୁରୁକୁଣି ଓଷା କରିଥାନ୍ତି।

**ଲୋକଶିକ୍ଷା:**

ଆଜିର ସମାଜ ଏହି ଲୋକକଥାରୁ ଅନେକ କଥା ଶିଖିବାର ଅଛି। ଏହି କାହାଣୀ ଆମକୁ ପରିବାର ସହ ଗୋଟେ ଛାତତଳେ ଏକାଠି ରହିବାର ପ୍ରେରଣା ଦେବା ସହ ଭାରତୀୟ ଜୀବନର ମୂଲ୍ୟବୋଧକୁ ଦର୍ଶାଏ। ଆଧୁନିକତାର ସ୍ପର୍ଶରେ ଆମେ ଏତେ ବ୍ୟସ୍ତ ହୋଇପଡିଛେ ଯେ ଆମ ପରିବାରକୁ ଆମେ ସମୟ ଦେଇପାରୁନେ।

**ନାରୀର ଅବଦାନ:**

ଏହି ଖୁଦୁରୁକୁଣୀ ଓଷା ଆମକୁ ସମାଜରେ ନାରୀର ଅବଦାନ ବିଷୟରେ ଆଲୋକପାତ କରେ। ନାରୀର ମହତ୍ୱକୁ ପ୍ରତିପାଦନ କରେ। ତଅପୋଇକୁ ତା' ପରିବାର ଲୋକେ ଅର୍ଥାତ, ତା' ଭାଉଜମାନେ ନିଜେ ନାରୀ ହୋଇ ମଧ୍ୟ ତାକୁ ନିର୍ଯାତନା ଦେଉଥିଲେ। ସେ କିନ୍ତୁ ନିଜର ଦୃଢ ମନୋବଳ ଦ୍ୱାରା ମା' ମଙ୍ଗଳାକୁ ସ୍ମରଣକରି ଦୁଃଖ-ଦୁର୍ଦ୍ଦଶା ସହି ଶେଷରେ ଜୀବନ ସଂଗ୍ରାମରେ ବିଜୟୀ ହୋଇଥିଲା।

**ମା' ଖୁଦୁରୁକୁଣୀଙ୍କ ପୂଜା ନାରୀ ଶିକ୍ଷା:**

ଆଜିର ସମାଜରେ ନାରୀକୁ ତଅପୋଇର ଜୀବନଗାଥାରୁ ଅନେକ କିଛି ଶିଖିବାର ଅଛି। ଜୀବନର ପ୍ରତି ମୁହୂର୍ତ୍ତରେ କିପରି ନିଜକୁ ସୁଦୃଢ କରିହେବ ତା' ମଧ୍ୟ ଶିଖିବାର ଅଛି। ପୁରୁଷ ପ୍ରାଧାନ୍ୟ ସମାଜରେ ନିଜ ସ୍ଥିତିକୁ କିପରି ବଜାୟ ରଖିହେବ ତାହା ଏହି ତଅପୋଇର କରୁଣ କାହାଣୀ ଶିଖାଏ।

**ଭାଇ ଓ ଭଉଣୀ ପ୍ରେମ:**

ଏହି ଓଷାରୁ ଆମକୁ ଭାଇ ଓ ଭଉଣୀ ମଧ୍ୟରେ ଥିବା ଭଲପାଇବା ବିଷୟରେ ମଧ୍ୟ ଶିଖିବାର ଅଛି। ନିଜ ଭାଇଙ୍କ ପାଇଁ ତଅପୋଇ ଠାକୁରାଣୀଙ୍କ ପାଖରେ ମାନସିକ ରଖିଥିଲା ଓ ଭାଇମାନଙ୍କ ଆସିବା ବାଟକୁ ଚାହିଁ ବସିଥିଲା। ସେହିପରି ତା' ଭାଇ ମାନେ ସର୍ବଦା ତାକୁ ଭଲ ପାଉଥିଲେ ଆଉ ବିଦେଶରୁ ଫେରିବା ମାତ୍ରେ ତାକୁ ଖୋଜିଥିଲେ। ଏହି ଭଲ ପାଇବା ଆଜି ମଧ୍ୟ ଜୀବିତ ଅଛି, ମାତ୍ର ସେହି ସମ୍ପର୍କ ଏତେ ସୁଦୃଢ ହେବା ଦେଖାଯାଏ ନାହିଁ। ଧନ, ସମ୍ପତ୍ତି ଲୋଭରେ ଭାଇ ଭଉଣୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହେଉଛି। ସମ୍ପର୍କ ଟଙ୍କା, ପଇସାର ନିକିତିରେ କିଣା-ବିକା ହେଉଛି। ସମାଜରେ ଉଚ୍ଚକୁ ଯିବାକୁ ହେଲେ ସମସ୍ତଙ୍କୁ ଏକାଠି ରହିବାକୁ ପଡିବ ଓ ସମ୍ପର୍କକୁ ସୁଦୃଢ କରିବାକୁ ପଡିବ, ଏହା ଶିଖାଏ ତଅପୋଇର ଏହି କାହାଣୀ।

## ଏହି ଏକ ଖରାପ ଅଭ୍ୟାସ ଯୋଗୁଁ ରୋଗର ଶିକାର ହେଉଛି ଶରୀର

ଆପଣ ନିଶ୍ଚୟ ଧ୍ୟାନ ଦେଇଥିବେ ଯେ କିଛି ଲୋକ ଶୀଘ୍ର ଖାଦ୍ୟ ଖାଆନ୍ତି । ଲାଗୁଛି ଯେପରି ସେମାନେ ତରବରିଆ ଅଛନ୍ତି ଏବଂ ଖାଦ୍ୟକୁ ନ ଖାଇ ଗିଳିଦିଅନ୍ତି । ଯେଉଁମାନେ ନିୟମିତ ଭାବରେ ଏହା କରୁଛନ୍ତି ସେମାନଙ୍କ ଶରୀରରେ ଆପେ ଆପେ ରୋଗ ସୃଷ୍ଟି ହେବା ଆରମ୍ଭ କରିଥାଏ । ଏପରି ପରିସ୍ଥିତିରେ ଶରୀର ଭିନ୍ନ ଭାବରେ ପ୍ରତିକ୍ରିୟା କରେ ଏବଂ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ଶରୀରରେ ଅନେକ କାର୍ଯ୍ୟ ଏହି ଖରାପ ଅଭ୍ୟାସ ହେତୁ ପ୍ରଭାବିତ ହୁଏ, ତେଣୁ ଶୀଘ୍ର ଖାଦ୍ୟ ଖାଇବାବେଳେ କ'ଣ କ୍ଷତି ହୋଇପାରେ ତାହା ଜାଣନ୍ତୁ ।

**୧. ଫୁଲିବା ସମସ୍ୟା** ଯେତେବେଳେ ଆମେ ଶୀଘ୍ର ଖାଇଥାଉ, ଏହା ଶରୀରରେ ଫୁଲିବା ସମସ୍ୟାକୁ ବଢ଼ାଇଥାଏ । ଏହା ଫୁଲିବା ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇଥାଏ । ଏହା ବ୍ୟତୀତ ଯେତେବେଳେ ଆପଣ ଖାଦ୍ୟକୁ ସଠିକ୍ ଭାବରେ ନଚୋବାଇ ଖାଆନ୍ତି, ସେବେ ଇନଡାଇଜେସନର ସମସ୍ୟା ଦେଖାଯାଏ ଯାହା ଫୁଲିବା ସମସ୍ୟାକୁ ଆହୁରି ବଢ଼ାଇଥାଏ, ପେଟ ଫୁଲିଯାଏ ଏବଂ ସମସ୍ୟା ଆହୁରି ବଢ଼ିଯାଏ । ଏପରି ପରିସ୍ଥିତିରେ ଶୀଘ୍ର ଖାଇବା ଅଭ୍ୟାସ ଛାଡିଦିଅ ।

**୨. ମେଦବହୁଳତା ବୃଦ୍ଧି ପାଇଥାଏ**

ମୋଟାପଣର ଏକ ମୁଖ୍ୟ କାରଣ ହେଉଛି ଶୀଘ୍ର ଶୀଘ୍ର ଖାଇବା । ବାସ୍ତବରେ, ଯେତେବେଳେ ଆପଣ ଖାଦ୍ୟ ଶୀଘ୍ର ଖାଆନ୍ତି, ମେଟାବୋଲିଜିମ୍ ମନ୍ଥର ହୋଇଯାଏ ଏବଂ ତା'ପରେ ଖାଦ୍ୟ ସଠିକ୍ ଭାବରେ ହଜମ ହୁଏନି ଏବଂ ଏହା ଓଜନ ବୃଦ୍ଧି ହେବାର କାରଣ ପାଲଟିଯାଏ । ଏଭଳି ପରିସ୍ଥିତିରେ ମେଦବହୁଳତାର ସମସ୍ୟା ଦ୍ରୁତ ଗତିରେ ବଢ଼ିଯାଏ ଏବଂ ତା'ପରେ ଏହାର ମୁକାବିଲା କରିବା କଷ୍ଟକର ହୋଇଯାଏ। ଏହା ବ୍ୟତୀତ ମେଦବହୁଳତା ଫୁଲିବା କାରଣରୁ ମଧ୍ୟ ହୋଇପାରେ । ତେଣୁ ଏହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ, ଯେତେବେଳେ ବି ଆପଣ ଖାଦ୍ୟ ଖାଆନ୍ତି ସେବେ ଲଗାତାର ଭାବରେ ୨୦ ମିନିଟ୍ ପର୍ଯ୍ୟନ୍ତ ଖାଆନ୍ତୁ । ଯଦି ଆପଣ ଏହା ନକରନ୍ତି ଏବଂ ଚୋବାଇବା ବିନା ଶୀଘ୍ର ଖାଦ୍ୟ ଗିଳିଦିଅନ୍ତି, ତେବେ ଆପଣ ଅନେକ ରୋଗର ଶିକାର ହେବାକୁ ପ୍ରସ୍ତୁତ ହୁଅନ୍ତୁ ।

## ଭାରତରେ ଏବେ ଲୋକେ ବଞ୍ଚୁଛନ୍ତି ୫ ବର୍ଷ ଅଧିକ



ଭାରତରେ ଲୋକଙ୍କ ହାରାହାରି ଜୀବନଧାରଣ ବୟସ ବଢ଼ିବାରେ ଲାଗିଛି। ଏବେ ଦେଶରେ ଲୋକଙ୍କ ହାରାହାରି ଜୀବନଧାରଣ ବୟସ ୬୭.୭ ବର୍ଷ ହୋଇଯାଇଛି। ପୂର୍ବରୁ ଏହା ୬୨.୭ ବର୍ଷଥିଲା। ଫଳରେ ଏବେ ଦେଶର ଲୋକେ ହାରାହାରି ୫ ବର୍ଷ ଅଧିକ ବଞ୍ଚୁଛନ୍ତି। ସେହିପରି ଦେଶର ପ୍ରତି ଲୋକଙ୍କର ମୁଣ୍ଡପିଛା ରୋଜଗାର ବଢ଼ି ହାରାହାରି ୬୯୫୧ ଡଲାର ହୋଇଛି। ଜାତିସଂଘ ମାନବ ବିକାଶ ସୂଚକାଙ୍କ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ନୂଆ ରିପୋର୍ଟରେ ୧୯୩ ଦେଶ ମଧ୍ୟରେ ଭାରତ ୧୩୪ସ୍ଥାନରେ ରହିଛି। ପୂର୍ବ ରିପୋର୍ଟରେ ଭାରତର ସ୍ଥାନ ୧୯୨ ଦେଶ ମଧ୍ୟରେ ୧୩୫ ଥିଲା।

୨୦୨୨ରେ ଭାରତର ମାନବ ବିକାଶ ସୂଚକାଙ୍କ ମୂଲ୍ୟରେ ୦.୬୪୪ ବୃଦ୍ଧି ଘଟିଛି। ପୂର୍ବରୁ ୨୦୨୧ରେ ଏହା ୦.୬୩୩ ଥିଲା। ୟୁନଡିପିର ମାନବ ବିକାଶ ରିପୋର୍ଟ ୨୦୨୩-୨୦୨୪ର ସୂଚକାଙ୍କରେ ଭାରତ ଲିଙ୍ଗଗତ ତାରତମ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ୟୁନଡିପି ପକ୍ଷରୁ ଲିଙ୍ଗଗତ ଅସମାନତା ସୂଚକାଙ୍କ ୨୦୨୨ ଜାରି କରାଯାଇଛି। ରିପୋର୍ଟ ଅନୁସାରେ ଲିଙ୍ଗଗତ ଅସମାନତାରେ ୨୦୨୨ରେ ଭାରତର ସ୍କୋର ୦.୪୩୭ ରହିଛି। ୧୯୩ ଦେଶ ମଧ୍ୟରେ ଭାରତ ୧୦୮ ସ୍ଥାନରେ ରହିଛି। ୨୦୨୧ରେ ଏହି ସ୍କୋର ୦.୪୯୦ ଥିଲା ଏବଂ ୧୯୨ ଦେଶ ମଧ୍ୟରେ ଭାରତ ସ୍ଥାନ ୧୨୨ ଥିଲା। ଗତ ୧୦ ବର୍ଷରେ ଲିଙ୍ଗଗତ ଅସମାନତାରେ ଭାରତ ଅଗ୍ରଗତି କରିଛି। ମହିଳା ସଶକ୍ତିକରଣ ଦ୍ୱାରା ଏହା ସମ୍ଭବ ହୋଇ ପାରିଛି। ଭାରତ ସରକାରଙ୍କ ମହିଳା ବିକାଶ ନୀତି ଯୋଗୁ ଲିଙ୍ଗଗତ ତାରତମ୍ୟ ହ୍ରାସ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

## ସଫଳ ଜୀବନ ପାଇଁ ଚଉଷଠି କଳା

ଆମର ଧର୍ମ, କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ ସାମାଜିକ ପରମ୍ପରାରେ ସଂଖ୍ୟା '୬୪'ର ବିଶେଷ ତାତ୍ପର୍ଯ୍ୟ ରହିଛି। କେବଳ ହିନ୍ଦୁ ଧର୍ମଧାରା ନୁହେଁ, ବୌଦ୍ଧ ଧର୍ମରେ ବି ୬୪ର ଗୁରୁତ୍ୱ ରହିଛି।

ଆମର ଧର୍ମ, କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ ସାମାଜିକ ପରମ୍ପରାରେ ସଂଖ୍ୟା '୬୪'ର ବିଶେଷ ତାତ୍ପର୍ଯ୍ୟ ରହିଛି। କେବଳ ହିନ୍ଦୁ ଧର୍ମଧାରା ନୁହେଁ, ବୌଦ୍ଧ ଧର୍ମରେ ବି ୬୪ର ଗୁରୁତ୍ୱ ରହିଛି। ୬୪ ଦେବତା ବୁଦ୍ଧଙ୍କ ଜ୍ଞାନ ଓ କରୁଣାର ବହୁମୁଖୀ ଦିଗକୁ ପ୍ରତୀକିତ କରନ୍ତି। ଅନେକ ମନ୍ଦିର ଏବଂ ଧାର୍ମିକ ସଂରଚନାରେ ୬୪ ସ୍ତମ୍ଭ, ୬୪ ପ୍ରତିମା ଓ ସାଜସଜ୍ଜା ଉପାଦାନ ସ୍ଥାନିତ ହୋଇଛି। ଏଥିସହ ୬୪ ସଂଖ୍ୟାଟି ଅନେକ ଏସୀୟ ରାଷ୍ଟ୍ରର ଜୀବନଧାରାରେ ଏକ ମହତ୍ତ୍ୱପୂର୍ଣ୍ଣ ତଥା ଶୁଭ ସଂଖ୍ୟା ଭାବରେ ବିବେଚନା କରାଯାଏ। ଭାରତୀୟ ସଂସ୍କୃତିର ଅନ୍ୟତମ ପ୍ରାଣକେନ୍ଦ୍ର ଓଡ଼ିଶାରେ ରହିଛି ଦୁଇଟି ଚଉଷଠି ଯୋଗିନୀ ତନ୍ତ୍ରପୀଠ। ପୁଣି ମନ୍ଦିର ଗାତ୍ରରେ ଖୋଦିତ ହୋଇଛି ମହର୍ଷି ବାତ୍ସାୟନକୃତ 'କାମସୂତ୍ର'ର ୬୪ ରତିବନ୍ଧର ନିର୍ବାଚିତ ଭଙ୍ଗିମା। ଏହି ୬୪ ସଂଖ୍ୟାର କଳା ଓ ସାହିତ୍ୟ ସହ ଅନ୍ତରଙ୍ଗ ସଂପର୍କ ରହିଛି। ଭାରତୀୟ ଜନଜୀବନ ଓ ପରମ୍ପରା ବହୁ ଭାବରେ ପ୍ରାଚୀନ ଗ୍ରନ୍ଥ ଓ ଶାସ୍ତ୍ର ଦ୍ୱାରା ଅନୁପ୍ରେରିତ। ଏକାଧିକ ଶାସ୍ତ୍ରରେ ଉଲ୍ଲେଖ ରହିଛି, ୬୪ ପ୍ରକାର କଳାବିଦ୍ୟା ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା କରିବା କର୍ତ୍ତବ୍ୟ । ଯଦିଓ ଶୈବତନ୍ତ୍ରମ୍, ମହାଭାରତ, କାମସୂତ୍ର, ନାଟ୍ୟଶାସ୍ତ୍ର, ଭାଗବତ, ଶୁକ୍ରନୀତି, ଶିବତତ୍ତ୍ୱରତ୍ନାକର ଗ୍ରନ୍ଥରେ ଏହି କଳାର ସଂଖ୍ୟାରେ କିଛି ପ୍ରଭେଦ ରହିଛି, ତେବେ ଅଧିକାଂଶରେ ଚଉଷଠି ପ୍ରକାର କଳାବିଦ୍ୟା ଆହରଣ ଜୀବନରେ ଜରୁରି ବୋଲି ମତ ରହିଛି। ଏଗୁଡ଼ିକ ହେଲା-୧- ସଙ୍ଗୀତ, ୨- ନୃତ୍ୟ, ୩- ବାଦ୍ୟ, ୪- ଉଦକ ବାଦ୍ୟ, ୫- ନାଟ୍ୟାଭିନୟ, ୬- ରୂପ-ବିଧାନ, ୭- ତିଳକ ରଚନା, ୮- ବେଶ ରଚନା, ୯- ଅଙ୍ଗରଞ୍ଜନ, ୧୦- ମୁଣ୍ଡରେ ପୁଷ୍ପବିନ୍ୟାସ, ୧୧- କେଶବିନ୍ୟାସ, ୧୨- ପୁଷ୍ପଶଯ୍ୟା ରଚନା, ୧୩- ମାଳ ଗୁନ୍ଥିବା, ୧୪- ଗନ୍ଧଦ୍ରବ୍ୟ ପ୍ରସ୍ତୁତ କରିବା, ୧୫- ଚିତ୍ରବିଦ୍ୟା, ୧୬- ପ୍ରତିମା ନିର୍ମାଣ, ୧୭- ବୈଜୟକୀ ବିଦ୍ୟା, ୧୮- ବୃକ୍ଷାୟୁର୍ବେଦ ବିଦ୍ୟା, ୧୯- ପାକକ୍ରିୟା, ୨୦- ପାନୀୟରଚନା, ୨୧- ବଢ଼େଇ କର୍ମ, ୨୨- ସୂତା କାଟିବା, ୨୩- ବେତ ବାଉଁଶ ବୁଣିବା, ୨୪- ଶୟନରଚନା, ୨୫- ସୂଚୀକର୍ମ, ୨୬- ଅଳଙ୍କାର ପିନ୍ଧିବା, ୨୭- ଶିଶୁ କ୍ରୀଡ଼ନକ, ୨୮- ଅଳଙ୍କାର ନିର୍ମାଣ, ୨୯- ତଣ୍ଡୂଳକୁସୁମବିକାର, ୩୦- ହୀରା କାଟିବା, ୩୧- ମଣିଭୂମିକା, ୩୨- ବାସ୍ତୁବିଦ୍ୟା, ୩୩- ମଣିରାଗ ବିଜ୍ଞାନ, ୩୪- ସ୍ୱର୍ଣ୍ଣ ରୌପ୍ୟ ପରୀକ୍ଷା, ୩୫- ଖନି ବିଦ୍ୟା, ୩୬- ଧାତୁ ରସାୟନ, ୩୭- ଇନ୍ଦ୍ରଜାଲ, ୩୮- ବସ୍ତ୍ର ଗୋପନ, ୩୯- ଚିତ୍ର ପ୍ରଦର୍ଶନ, ୪୦- ହସ୍ତଲାଘବ ପଢ଼ାଇବା, ୪୧- ସୂତ୍ରକ୍ରୀଡ଼ା, ୪୨- ମେଷ କୁକ୍କୁଟ ଯୁଦ୍ଧ, ୪୩- ଶୁକସାରୀକା ପଢ଼ାଇବା, ୪୪- ଦ୍ୟୁତ କ୍ରୀଡ଼ା, ୪୫- ଆକର୍ଷ କ୍ରୀଡ଼ା, ୪୬- ଅଭିଧାନ, ୪୭- ଦେଶ ଭାଷା, ୪୮- ବିବିଧ ଭାଷା, ୪୯- ବୈନାୟକୀ ବିଦ୍ୟା, ୫ କାବ୍ୟସମସ୍ୟା. ୫୧- ଅକ୍ଷର- ମୁଷ୍ଟିକା କଥନ, ୫୨- ଗ୍ରନ୍ଥ ପାଠ, ୫୩- ନାଟକ ଜ୍ଞାନ, ୫୪- ମାନସୀ କାର୍ଯ୍ୟ, ୫୫- ପ୍ରହେଳିକା, ୫୬- ଯନ୍ତ୍ରମାତୃକା, ୫୭- ଜଳସ୍ତମ୍ଭ ବିଦ୍ୟା, ୫୮- ବସ୍ତୁଚ୍ୟୁତ ବିଦ୍ୟା, ୫୯- ଦୁର୍ବାଚକ ଯୋଗ, ୬୦- ବାୟୁ ମେଘ ବିଦ୍ୟା, ୬୧- ଧାରଣ ମାତୃକା, ୬୨- କ୍ରିୟା କୌଶଳ, ୬୩- ଛଳିତକ (ନାଟକଭେଦ), ୬୪- ବୈତାଳିକ ଜ୍ଞାନ। ଯଦିଓ ସାଂପ୍ରତିକ ଜୀବନଧାରାରେ ଜଣଙ୍କ ପକ୍ଷେ ଏହି କଳାସମୂହ ସଂପର୍କିତ ଜ୍ଞାନର ଆବଶ୍ୟକତା ମନେହୁଏନା, ମାତ୍ର ଏକଦା ଭାରତୀୟ ସମାଜରେ ଏହାର ମହତ୍ତ୍ୱ ଥିଲା। ବଜ୍ରଯାନ ବା ତନ୍ତ୍ରପୂଜାର ଏହି ମନ୍ଦିରଟିରେ ଯୋଗିନୀମାନଙ୍କ ମୂର୍ତ୍ତିସବୁ ସାଧାରଣତଃ ଉଲଙ୍ଗ ନାରୀମୂର୍ତ୍ତି। ଏହି ନାରୀ ବା ଯୋଗିନୀମାନେ ପଶୁ, ମଣିଷ କିମ୍ବା ଅସୁର ଉପରେ ଉପବେଶନ କରିଥିବାର ଦେଖିବାକୁ ମିଳିଥାଏ। ଏହା ନାରୀଶକ୍ତିର ପ୍ରତୀକ। ମୂର୍ତ୍ତିଗୁଡ଼ିକ ରାଗ, ଅନୁରାଗ, ସୁଖ, ଦୁଃଖ ଆଦି ଭାବକୁ ପ୍ରକାଶ କରିଥା'ନ୍ତି। ଯୋଗିନୀପୀଠରେ ବସିଥିବା ଏହି ଚଉଷଠି ଯୋଗିନୀଙ୍କ ପରିଚୟ ତେବେ କ'ଣ ? 'କାଳିକାପୁରାଣ'ରେ ଏମାନଙ୍କ ନାମ ଉଲ୍ଲେଖ ରହିଛି। ଏମାନେ ହେଲେ (୧) ନାରାୟଣୀ, (୨) ଗେ?ରୀ, (୩) ଶାକମ୍ଭରୀ, (୪) ଭୀମା, (୫) ରକ୍ତଦନ୍ତିକା, (୬) ଭ୍ରାମରୀ, (୭) ପାର୍ବତୀ, (୮) ଦୁର୍ଗା, (୯) କାତ୍ୟାୟନୀ, (୧୦) ମହାଦେବୀ, (୧୧) ଚଣ୍ଡଘଣ୍ଟା, (୧୨) ମହାବିଦ୍ୟା, (୧୩) ମହାତପା, (୧୪) ସାବିତ୍ରୀ, (୧୫) ବ୍ରହ୍ମବାଦିନୀ, (୧୬) ଭଦ୍ରକାଳୀ, (୧୭) ବିଶାଳାକ୍ଷୀ, (୧୮) କୃଷ୍ଣପିଙ୍ଗଳା, (୧୯) ରୁଦ୍ରାଣୀ, (୨୦) ଅଗ୍ନିଜ୍ୱାଳା, (୨୧) ରୌଦ୍ରମୁଖୀ, (୨୨) କାଳରାତ୍ରୀ, (୨୩) ତପସ୍ୱିନୀ, (୨୪) ମେଘସ୍ୱନା, (୨୫) ସହସ୍ରାକ୍ଷୀ, (୨୬) ବିଷ୍ଣୁମାୟା, (୨୭) ଜଳୋଦରୀ, (୨୮) ମହୋଦରୀ, (୨୯) ମୁକ୍ତକେଶୀ, (୩୦) ଘୋରରୂପା, (୩୧) ମହାବଳା, (୩୨) ଶ୍ରୁତି, (୩୩) ସ୍ମୃତି, (୩୪) ଧୃତି, (୩୫) ତୁଷ୍ଟି, (୩୬) ପୁଷ୍ଟି, (୩୭) ମେଧା, (୩୮) ବିଦ୍ୟା, (୩୯) ଲକ୍ଷ୍ମୀ, (୪୦)ସରସ୍ୱତୀ, (୪୧) ଅପର୍ଣ୍ଣା, (୪୨) ଅମ୍ବିକା, (୪୩) ଯୋଗିନୀ, (୪୪) ଡାକିନୀ, (୪୫) ଶାକିନୀ, (୪୬)ହାକିନୀ, (୪୭) ଲାକିନୀ, (୪୮) ତ୍ରିଦଶେଶ୍ୱରୀ, (୪୯) ମହାଷଷ୍ଠୀ, (୫୦) ସର୍ବମଙ୍ଗଳା, (୫୧) ଲଜ୍ଜା, (୫୨) କୌଶିକୀ, (୫୩) ବ୍ରାହ୍ମଣୀ, (୫୪) ମାହେଶ୍ୱରୀ, (୫୫) କୈମାରୀ, (୫୬) ବୈଷ୍ଣବୀ, (୫୭) ଐନ୍ଦ୍ରୀ, (୫୮) ନାରସିଂହୀ, (୫୯) ବରାହୀ, (୬୦) ଚାମୁଣ୍ଡା, (୬୧)ଶିବଦୂତୀ, (୬୨) ବିଷ୍ଣୁଦୂତୀ, (୬୩) ଚଣ୍ଡିକା, (୬୪) ମାତୃକା।



# ଭାରତୀୟ ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ଓଡ଼ିଶାରୁ ଅମିତ, ସଞ୍ଜୀପ, ଶିଳାନନ୍ଦ




**ନୂଆଦିଲ୍ଲୀ**

ଏସିଆ କପ୍ ଲାଗି ପ୍ରସ୍ତୁତ ହେବା ଲାଗି ୨୪ ଜଣିଆ ଭାରତୀୟ ପୁରୁଷ ହକି ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏହି ଗସ୍ତ ପାଇଁ ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ଡିଫେଣ୍ଡର ଅମିତ ରୋହିଦାସ, ନୀଳମ୍ ସଞ୍ଜୀପ ଖେସ୍ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରୁ ୨୧ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ପର୍ଥରେ ଭାରତୀୟ ହକି ଦଳ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବ। ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ଏସିଆ କପ୍ ଖେଳାଯିବ। ଏହାର ଚାମ୍ପିଅନ୍ ଦଳ ସିଧାସଳଖ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବ। ଅଗଷ୍ଟ ୮ରେ ଭାରତୀୟ ଦଳ ପର୍ଥ ଯାତ୍ରା କରିବ।

## ଇଂଲଣ୍ଡ ୭ ବର୍ଷ ହେଲା ଇଣ୍ଡିଆ ବିପକ୍ଷରେ ଜିତିନି ଟେଷ୍ଟ ସିରିଜ୍

# ଜାରି ରହିଛି ଟିମ୍ ଇଣ୍ଡିଆର ଅପରାଜେୟ ରେକର୍ଡ

**ମୁମ୍ବାଇ**

ଇଂଲଣ୍ଡର ଆଶା ପୁଣି ଧୂଳିସାତ୍। ୨୦୧୮ରୁ ଦେଖିଥିବା ସ୍ୱପ୍ନରେ ଆଜି ଯାଏଁ ହୋଇପାରୁନି ସତ। ଜାରି ରହିଛି ଟିମ୍ ଇଣ୍ଡିଆର ଅପରାଜେୟ ରେକର୍ଡ। ଘରୋଇ ହେଉ କି ବିଦେଶୀ ମାଟି। ସବୁଠି ଟିମ୍ ଇଣ୍ଡିଆର ରହିଛି ଦବ୍‌ଦବା।

ସୋମବାର ଶେଷ ହୋଇଛି ଭାରତ-ଇଂଲଣ୍ଡ ୫ଟିକିଆ ସିରିଜ୍। ଯେଉଁଥିରେ ଉଭୟ ଟିମ୍ ଟେଷ୍ଟ ସିରିଜ୍‌କୁ ୨-୨ରେ ବରାବର କରିଛନ୍ତି। ଏହି ସିରିଜ୍‌ରେ ଘରୋଇ ଇଂଲଣ୍ଡ ଭାରତ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। କିନ୍ତୁ ଘରୋଇ ଟିମ୍ ଉପରେ ଭାରି ପଡ଼ିଥିଲା ଭାରତୀୟ ଟିମ୍। ସିରିଜ୍‌ରେ ପଛରେ ଥାଇ ମଧ କମ୍‌ବ୍ୟାକ୍ କରିଥିଲା ଭ୍ରମଣକାରୀ ଦଳ। ଏପିରିକି ପଞ୍ଚମ ଟେଷ୍ଟ ବିଜୟ ପାଇଁ ଅନ୍ତିମ ଦିନରେ ୩୫ ରନ୍‌ର ଆବଶ୍ୟକ ଥିବା ବେଳେ ଭାରତୀୟ ଟିମ୍‌କୁ ୪ ୱିକେଟ୍‌ର ଆବଶ୍ୟକ ରହିଥିଲା। ଶେଷରେ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଆଗରେ ସରେଣ୍ଡର ହୋଇଥିଲା ଇଂଲଣ୍ଡ ବାହିନୀ। ଆଉ ୬ ରନ୍‌ରେ ପଞ୍ଚମ ଟେଷ୍ଟକୁ ନିଜ ନାଁରେ କରିଥିଲା ଭାରତୀୟ ଟିମ୍। ଆଉ ସିରିଜ୍‌କୁ ୨-୨ରେ ବରାବର କରିଛନ୍ତି ଉଭୟ ଟିମ୍। ତେବେ ଏହି ସିରିଜ୍ ଡ୍ର' ସହିତ ଇଂଲଣ୍ଡର ସାତ ବର୍ଷର ସ୍ୱପ୍ନ ଧୂଳିସାତ୍ ହୋଇଛି। ୨୦୧୮ରୁ ଏବେ ଯାଏଁ ଭାରତ ବିପକ୍ଷରେ ଇଂଲଣ୍ଡ କୌଣସି ବି ଟେଷ୍ଟ ସିରିଜ୍ ଜିତିନାହିଁ।




ସୂଚନାଯୋଗ୍ୟ ଯେ, ଜୁନ ୨୦ରେ ଆରମ୍ଭ ହୋଇଥିଲା ଭାରତ ଇଂଲଣ୍ଡ ଟେଷ୍ଟ ସିରିଜ୍। ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଟିମ୍ ୫ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହାପରେ ୨ୟ ଟେଷ୍ଟକୁ ଭାରତ ୩୩୬ ରନ୍‌ରେ ବିଜୟୀ ହୋଇଥିଲା। ୩ୟ ଟେଷ୍ଟକୁ ଇଂଲଣ୍ଡ ୨୨ ରନ୍‌ରେ ବିଜୟୀ ହୋଇଥିବା ବେଳେ ୪ ଟେଷ୍ଟ ଡ୍ର ରହିଥିଲା। ବାକି ପଞ୍ଚମ ଟେଷ୍ଟକୁ ଭାରତ ୬ ରନ୍‌ରେ ବିଜୟୀ ହୋଇଥିଲା। ଶେଷରେ ସିରିଜ୍‌ରେ ୨-୨ରେ ବରାବର ରହିଛି।

## ୨୦୨୫ରେ ଇଂଲଣ୍ଡ ଟୁର୍ ପରେ ଟିମ୍ ଇଣ୍ଡିଆର ଆଗାମୀ କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷରେ ଭାରତୀୟ ପୁରୁଷ କ୍ରିକେଟ ଦଳର ରୋମାଞ୍ଚକର ପାଞ୍ଚ ଟେଷ୍ଟ ସିରିଜ ୨-୨ରେ ଡ୍ର ହୋଇଛି। ଆଠ ବର୍ଷ ପରେ ଏକ ସିରିଜରେ ସମସ୍ତ ମ୍ୟାଚ ଶେଷ ଦିନ ପର୍ଯ୍ୟନ୍ତ ଖେଳାଯାଇଥିଲା। ଏହି ସିରିଜ୍‌ରେ ଅନେକ ଖେଳାଳି ଆହତ ହୋଇଥିବା ବେଳେ ମହମ୍ମଦ ସିରାଜ୍ ଏକମାତ୍ର ଦ୍ରୁତ ବୋଲର ଥିଲେ ଯିଏ ସମସ୍ତ ଇନିଂସରେ ବୋଲିଂ କରିଥିଲେ। ଖେଳାଳି, କୋଚ୍ ଓ କର୍ମଚାରୀମାନେ ଏବେ ଏକ ଦୀର୍ଘ ବିଶ୍ରାମର ଅପେକ୍ଷାରେ ଅଛନ୍ତି।

ସିରିଜ୍ ଶେଷ ହେବା ପରେ ସୋସିଆଲ ମିଡିଆରେ ପ୍ରଶଂସକମାନେ ଭାରତୀୟ ପୁରୁଷ ଦଳର ପରବର୍ତ୍ତୀ ମ୍ୟାଚ୍ କେବେ ବୋଲି ପଚାରିବା ଆରମ୍ଭ କରିଛନ୍ତି। ଅଫିସିଆଲ ସୂଚୀ ଅନୁସାରେ, ଭାରତର ପରବର୍ତ୍ତୀ ମ୍ୟାଚ୍ ହେଉଛି ୨୦୨୫ ଏସିଆ କପ୍‌ରେ ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ, ଟି-୨୦ ଫର୍ମାଟରେ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ବିପକ୍ଷରେ ଖେଳିବ। ଗ୍ରୁପ୍ ଷ୍ଟେଜ୍‌ରେ ଶୀର୍ଷ ଦୁଇରେ ରହି ସୁପର-ଫୋର ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଭାରତ ଲକ୍ଷ୍ୟ ରଖିଛି, ଯେଉଁଥିରୁ ଶୀର୍ଷ ଦୁଇ ଦଳ ଫାଇନାଲରେ ପ୍ରବେଶ କରିବ। ଏହାର ଅର୍ଥ ପ୍ରଶଂସକମାନଙ୍କୁ ଭାରତୀୟ ଦଳକୁ ପୁଣି ମଇଦାନରେ ଦେଖିବା ପାଇଁ ପ୍ରାୟ ପାଞ୍ଚ ସପ୍ତାହ ଅପେକ୍ଷା କରିବାକୁ ପଡ଼ିବ।

# ମହମ୍ମଦ ସିରାଜ୍‌ଙ୍କ ସଫଳତାର କାହାଣୀ : ମା'ଙ୍କ ଦୈନିକ ପ୍ରାର୍ଥନା ଓ ବାପାଙ୍କ କବର

ପୂରା ସିରିଜ୍‌ରେ ସିରାଜ ୧୧୧୩ ବଲ(୧୮୫.୩ ଓଭର) ବୋଲିଂ କରିଛନ୍ତି। ଏହା ଅନ୍ୟ ବୋଲରଙ୍କ ତୁଳନାରେ ସବୁଠାରୁ ଅଧିକ। ସିରାଜ ସର୍ବାଧିକ ୱିକେଟ ଦଖଲକାରୀ (୨୩ ୱିକେଟ) ସହ ଇଂଲଣ୍ଡ ଟୁର୍‌କୁ ବାଏବାଏ କହିଛନ୍ତି।

ପ୍ରତଟି କ୍ରିକେଟ ଟୁର୍ ପୂର୍ବରୁ ଓ ପରେ ବାପାଙ୍କ କବର ପାଖକୁ ଯିବା ଭାରତୀୟ ଟିମ୍‌ର ମହମ୍ମଦ ସିରାଜଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ଅଭ୍ୟାସ। କୌଣସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯିବା ପୂର୍ବରୁ ସେ ବାପାଙ୍କ କବର ପାଖକୁ ଯାଆନ୍ତି ଓ ସେଠାରେ ପ୍ରାର୍ଥନା କରି ଆଶୀର୍ବାଦ ଆଣନ୍ତି। ଏହାପରେ ଟୁର୍ଣ୍ଣାମେଣ୍ଟରୁ ଫେରିବା ପରେ ସେ ଘରକୁ ଆସିବା ବଦଳରେ ଏୟାରପୋର୍ଟରୁ ସିଧା ବାପାଙ୍କ କବର ପାଖକୁ ଯାଆନ୍ତି। ସେଠାରୁ ଘରକୁ ଆସନ୍ତି।

୨୦୨୧ରେ ସିରାଜ ତାଙ୍କ ବାପା ମହମ୍ମଦ ଗୌସେଙ୍କୁ ହରାଇ ଥିଲେ। ବାପାଙ୍କ ଦେହାନ୍ତ ବେଳେ ସିରାଜ ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିଲେ। ସେବେଠାରୁ କବରସ୍ଥାନକୁ ଯିବା ଓ ଆସିବା ସିରାଜ୍‌ଙ୍କ ଜୀବନରେ ଗୋଟିଏ ନିୟମରେ ପରିଣତ ହୋଇଯାଇଛି। ସିରାଜଙ୍କ ବାପା ଜଣେ ଅଟୋ ଚାଳକ ଥିଲେ। କିନ୍ତୁ ସିରାଜଙ୍କ କ୍ରିକେଟ ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିରାଜ ସବୁବେଳେ ତାଙ୍କ ବାପାଙ୍କ ସହ ଯୋଡ଼ି ହୋଇ ରହିବାକୁ ଚାହୁଁଥିବାରୁ ଗସ୍ତ ଆରମ୍ଭରୁ ଓ ପରେ କବରସ୍ଥାନ ଯାଆନ୍ତି।

ଜୁନ୍ ମାସରେ ଇଂଲଣ୍ଡ ଟୁର୍‌ରେ ଯିବା ପୂର୍ବରୁ ସେ ତାଙ୍କ ମା'ଙ୍କୁ କୁଣ୍ଢାଇ ଥିଲେ। ଏହି ସମୟରେ କହିଥିଲେ, "ଅମ୍ମି, ମୋ ପାଇଁ ପ୍ରାର୍ଥନା କରିବୁ। ମୁଁ ଭଲ କରିବାକୁ ଓ ଭାରତକୁ ଜିତାଇବାକୁ ଚାହେଁ।" ନିଜର ପରମ୍ପରା ଅନୁସାରେ ଏହାପରେ ସେ ବାପାଙ୍କ କବର ପାଖକୁ ଯାଇ ପ୍ରାର୍ଥନା କରିଥିଲେ ଓ ସେଠାରୁ ସିଧା ଏୟାରପୋର୍ଟ ଯାଇଥିଲେ।



ସିରାଜଙ୍କ ମା' ଶବନା ବେଗମ୍ କହିଛନ୍ତି, "ସେ ତା' ଅବୁଙ୍କୁ ବହୁତ ଭଲ ପାଏ। ତା' ବାପା ମଧ ତା'କୁ ସେତିକି ଭଲ ପାଉଥିଲେ। ତାଙ୍କ ପାଇଁ ଏ ପିଲା କିଛି ବି କରିପାରିବ। ମୋ ପ୍ରାର୍ଥନା ସବୁବେଳେ ସିରାଜ ସହ ରହିଛି। ମୋ ଛୁଆକୁ ଆଲ୍ଲା ସବୁବେଳେ ଆଶୀର୍ବାଦ କରନ୍ତୁ। ସେ ସବୁ ସଫଳତା ପାଉ।" ସିରାଜ ଖେଳୁଥିବା କୌଣସି ମ୍ୟାଚ୍ କେବେ ହେଲେ ଶବନା ମିସ୍ କରିନାହାନ୍ତି। ଇଂଲଣ୍ଡରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପ୍ରତିଟି ମ୍ୟାଚ୍ ସେ ଦେଖିଥିଲେ। ସେ ତାଳି ମାରିବା ସହ ଦୈନିକ ୫ଥର ପ୍ରାର୍ଥନା କରିଥିଲେ।

ଇସଲାମରେ ଏହି ଦୈନନ୍ଦିନ ପ୍ରାର୍ଥନା ଭୋର(ଫଜର), ମଧ୍ୟାହ୍ନ(ଧୁହର), ଅପରାହ୍ନ (ଅସର), ସୂର୍ଯ୍ୟାସ୍ତ(ମଘରିବ) ଓ ରାତି (ଇଶା)ରେ କରାଯାଏ। ଇଂଲଣ୍ଡ ଟୁର ବେଳେ ଶବନା କୌଣସି ପ୍ରାର୍ଥନା ଛାଡ଼ି ନଥିଲେ। ସମ୍ଭବତଃ ଏହି ପ୍ରାର୍ଥନା ପୂରା ଟୁରରେ ସିରାଜଙ୍କ ସହ ରହିଥିଲା।

ଦ ଓଭାଲରେ ଖେଳାଯାଉଥିବା ୫ମ ଟେଷ୍ଟରେ ଭାରତର ନାଟକୀୟ ବିଜୟରେ ସିରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଅସମ୍ଭବକୁ ସମ୍ଭବ କରିବାରୁ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିକୁ ୨-୨ରେ ଶେଷ କରି ସମ୍ମାନ ରଖିଛି। ପ୍ରଥମ ଇନିଂସରେ ୪ ଓ ଦ୍ୱିତୀୟ ଇନିଂସରେ ୫ ୱିକେଟ ନେଇଥିବା ସିରାଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସିରାଜ ଏକମାତ୍ର ଦ୍ରୁତ ବୋଲର ଯିଏ ଇଂଲଣ୍ଡ ବିପକ୍ଷ ସମସ୍ତ ୫ଟି ଯାକ ଟେଷ୍ଟ ଖେଳି ନିଜର ଦମ୍ ଦେଖାଇଛନ୍ତି।

ସିରାଜଙ୍କ ଭାଇ ମହମ୍ମଦ ଇସ୍ମାଇଲ୍ କହିଛନ୍ତି, "ଅମ୍ମି ସବୁବେଳେ ଭାଇ ପାଇଁ ପ୍ରାର୍ଥନା କରେ। ମା'ଙ୍କ ପ୍ରାର୍ଥନାରେ ବହୁତ ଶକ୍ତି ଥାଏ। ମୁଁ ଏଥିରେ ବିଶ୍ୱାସ କରେ। କାରଣ ଆମ ବାପା ମା'ଙ୍କ ଆଶୀର୍ବାଦ ପାଇଁ ଭାଇ ଭଲ ଖେଳୁଛି ଓ ଭାରତ ପାଇଁ ଭଲ କରୁଛି। ସେ ସବୁଦିନ ଭିଡିଓ କଲେ ଅମ୍ମିର ଆଶୀର୍ବାଦ ନିଏ। ଅମ୍ମି ସବୁବେଳେ ଭାଇକୁ କୁହେ, ସବୁବେଳେ ଆଗକୁ ଯିବୁ ନାଁ ରଖିବୁ। ଅବୁ ସବୁବେଳେ କହୁଥିଲେ ପୁଅ ତତେ ଗୋଟିଏ ଦିନ ନାଁ ଅର୍ଜନ କରିବାର ଅଛି। ଭାରତ ପାଇଁ ତତେ ଖେଳିବାର ଅଛି। ସେ ଯେତେବେଳେ ଚାଲିଗଲେ ଭାଇ ସେତେବେଳେ ଅଷ୍ଟ୍ରେଲିଆ ଟୁର୍‌ରେ ଥିଲା। ଖବର ଶୁଣି ସେ ପୂରା ଭାଙ୍ଗି ପଡ଼ିଥିଲା। କିନ୍ତୁ ଅମ୍ମି ତା'କୁ କହିଥିଲା ଯେ ଯାହା ହେବା କଥା ହୋଇଗଲାଣି। ଏବେ ଖେଳ ଉପରେ ଧ୍ୟାନ ଦେ।"

ସିରାଜ ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ବେଳେ ବିରାଟ କୋହଲି ଓ ରବି ଶାସ୍ତ୍ରୀ ଏହି ଦୁଃଖଦ ଖବର ଦେଇଥିଲେ। ଭାଙ୍ଗି ପଡ଼ିଥିବା ସିରାଜଙ୍କୁ ଦଳର ପ୍ରତି ସଦସ୍ୟ ମାନସିକ ସମର୍ଥନ ଦେଇଥିଲେ। ଶେଷରେ ସେ ୩ଟି ଟେଷ୍ଟରେ ୧୩ଟି ୱିକେଟ ଦଖଲ କରି ନିଜ ଜଲୱା ଦେଖାଇଥିଲେ। ଏହା ମଧ୍ୟରେ ଗୋଟିଏ ୫ ୱିକେଟ ସଫଳତା ଥିଲା। ଏହାକୁ ସେ ନିଜ ପ୍ରିୟ ବାପାଙ୍କୁ ଉତ୍ସର୍ଗ କରିଥିଲେ।

ଇଂଲଣ୍ଡ ଟୁର୍ ପୂର୍ବରୁ ଯଶପ୍ରୀତ୍ ବୁମ୍‌ରାଙ୍କ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଫୋକସ୍‌ରେ ରହିଥିଲା ଓ ସେ ୩ଟି ମ୍ୟାଚ୍ ଖେଳିବେ ବୋଲି ସ୍ଥିର ହୋଇଥିଲା। ଏହି ସମୟରେ ସିରାଜ୍‌ଙ୍କ ପାରିବା ପଣିଆ ଉପରେ ମଧ ପ୍ରଶ୍ନ ଉଠିଥିଲା। ୨୦୨୦ ପରଠାରୁ ବିରାଟ କୋହଲି, ରବୀନ୍ଦ୍ର ଜାଡ଼େଜା, ଆର ଅଶ୍ୱିନ, ଶୁବମନ ଗିଲ ଓ ବୁମ୍‌ରାଙ୍କ ଠାରୁ ସିରାଜ୍ ଭାରତ ପାଇଁ ସବୁଠାରୁ ଅଧିକ ମ୍ୟାଚ୍ ଖେଳିଛନ୍ତି।

ଯୋଜନା ଅନୁସାରେ ବୁମ୍‌ରା ଇଂଲଣ୍ଡରେ ୩ଟି ମ୍ୟାଚ୍ ଖେଳିଥିଲେ। ସିରାଜ ନିଜର ଫିଟ୍‌ନେସ୍‌ର ପ୍ରମାଣ ଦେଇ ସମସ୍ତ ୫ ମ୍ୟାଚ୍ ଖେଳିବା ସହ ବ୍ୟାଟରଙ୍କୁ ଘାଇଲା କରି ଚାଲିଥିଲେ। ପୂରା ସିରିଜ୍‌ରେ ସିରାଜ୍ ୧୧୧୩ ବଲ(୧୮୫.୩ ଓଭର) ବୋଲି କରିଛନ୍ତି। ଏହା ଅନ୍ୟ ବୋଲରଙ୍କ ତୁଳନାରେ ସବୁଠାରୁ ଅଧିକ। ସିରାଜ ସର୍ବାଧିକ ୱିକେଟ ଦଖଲକାରୀ (୨୩ ୱିକେଟ) ସହ ଇଂଲଣ୍ଡ ଟୁର୍‌କୁ ବାଏବାଏ କହିଛନ୍ତି। ଅବୁଙ୍କ ପାଇଁ ଖେଳିବାର ଅଛି ଓ ତାଙ୍କ ସ୍ୱପ୍ନକୁ ମୁଁ ପୂରଣ କରିବି। ସବୁବେଳେ ସିରାଜ ଏକଥା କୁହନ୍ତି। ତାଙ୍କ ପାଇଁ ଫିଟ୍‌ନେସ୍ ସ୍ତରରେ ପହଞ୍ଚିଛି। ଏସବୁ ବିରାଟ କୋହଲିଙ୍କ ପାଇଁ ସମ୍ଭବ ହୋଇଛି। ସେ ସବୁବେଳେ ବିରାଟ କୋହଲିଙ୍କୁ ଅନୁସରଣ କରନ୍ତି। ବିରାଟଙ୍କ ପାଖରେ ଥିବା ଉତ୍ସାହ ଓ ଖେଳିବାର ଭୋକ ଦେଖି ସିରାଜ୍ ମଧ ସେଭଳି ଆଚରଣ କରନ୍ତି। ୨୦୧୮ରେ ସିରାଜଙ୍କ ଆଇପିଏଲ ଭଲ ଯାଇ ନଥିଲା।

ଅନେକ ପ୍ରଶ୍ନ ଉଠିଥିଲା। କିନ୍ତୁ ସେହି ସମୟରେ ବିରାଟ କୋହଲି ତାଙ୍କ ପାଖରେ ଛିଡ଼ା ହୋଇଥିଲେ। ତାଙ୍କୁ ସମର୍ଥନ କରିଥିଲେ। ସିରାଜଙ୍କ ପାଖରେ ଥିବା ଦକ୍ଷତାକୁ ସେ ବୁଝିଥିଲେ। ଭାରତୀୟ ଟିମ୍ ଓ ଆରସିବିରେ ତାଙ୍କୁ ବହୁତ ସୁଯୋଗ ବିରାଟ କୋହଲି ଦେଇଥିଲେ। ସବୁ ଶ୍ରେୟ ବିରାଟ କୋହଲିଙ୍କୁ ଯାଉଛି। ସିରାଜ ବିରିୟାନୀ ଖାଇବାକୁ ବେଶ୍ ଭଲପାଆନ୍ତି। ଏବେ ସେ ବେଳେବେଳେ ବିରିୟାନୀ ଅଧିକ ମାତ୍ରାରେ ଖାଆନ୍ତି ବୋଲି ତାଙ୍କ ଭାଇ ଇସ୍ମାଇଲ୍ କହିଛନ୍ତି। ସେ କହିଛନ୍ତି, "ଏବେ ସିରାଜ ଜଣେ ଭିନ୍ନ ଖେଳାଳି। ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଚୟନ ନ ହେବାରୁ ସିରାଜ ପୂରା ଭାଙ୍ଗି ପଡ଼ିଥିଲେ। କିନ୍ତୁ ଏହା ତାଙ୍କୁ ଭିନ୍ନ ରୂପରେ ଗଢ଼ିଥିଲା। ସେ ଅଧିକରୁ ଅଧିକ ଅଭ୍ୟାସ କରିଥିଲେ।

ଅନେକ କଷ୍ଟକର ଟ୍ରେନିଂ କରିଥିଲେ। ଏହାର ଫଳ ଆପଣମାନଙ୍କ ସାମ୍ନାରେ ରହିଛି। ଚାମ୍ପିୟନ୍ସ ଟ୍ରଫି ଓ ଆଇପିଏଲ ମଧ୍ୟରେ ଥିବା ଗ୍ୟାପ ତାଙ୍କୁ ଉଭୟ ଶାରିରୀକ ଓ ମାନସିକ ଭାବେ ସଶକ୍ତ କରିଥିଲା। ଏହାପରେ ସେ ଆଇପିଏଲ ଖେଳିଥିଲେ। ସେଠାରେ ଭଲ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଇଂଲଣ୍ଡ ଟୁର୍‌ରେ ତାଙ୍କ ଜଲୱା ଦେଖିବାକୁ ମିଳିଛି।"

## ରାଜ୍ୟ ସବ ଜୁନିୟର ବାଳକ ଓ ବାଳିକା ବକ୍ସିଂ ଦଳର ଗ୍ରେଟର ନୋଇଡା ଅଭିମୁଖେ ଯାତ୍ରା



**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅଗଷ୍ଟ ମାସ ୭ ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖରେ ସମାପ୍ତ ହେବାକୁ ଥିବା ୧୫ ବର୍ଷଠୁ କମ୍ ସବ୍ ଜୁନିଅର ବାଳକ ଓ ବାଳିକା ଜାତୀୟ ବକ୍ସିଂ ପ୍ରତିଯୋଗିତା ରେ ଯୋଗ ଦେବାପାଇଁ ଓଡ଼ିଶା ରାଜ୍ୟର ୨୭ ଜଣିଆ ବକ୍ସିଂ ଦଳ ଗ୍ରେଟର ନୋଇଡା ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବୋହିଦାର ଜଣାଇଛନ୍ତି। ଏହି ପ୍ରତିଯୋଗିତା ଉତ୍ତର ପ୍ରଦେଶ ରାଜ୍ୟର ଗ୍ରେଟର ନୋଇଡାର ଗଲ୍ ଗଟିଆ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ।

ବାଳକ ବକ୍ସର ଦଳରେ- ସକଂତ ଗୌଡ, ବି ବାଲକ୍ରିଷ୍ଣା, ସଂଗ୍ରାମ ପ୍ରଧାନ, ବୁଲୁ ହନ୍ତାଳ, ରୋଷନ ମୁଣ୍ଡା, ବେଦାମ୍ବର ବେହେରା, ଦେବଦତ୍ତ ନାୟକ, ନନ୍ଦନ ବିନ୍ଧାଣି, ପ୍ରିୟାନଷ୍ଠୁ ମଲିକ, ଶଉରିୟଜିତ ଦାସ, ଅନସୂମାନ ପଟେଲ, ସ୍ମିତପ୍ରଜ୍ଞା ପଟ୍ଟନାୟକ, ଗଗନ ବେଣିୟା।

ବାଳିକା ବକ୍ସର ଦଳରେ- ଲିଜା ନାୟକ, ଯାଜ୍ଞସିନୀ ଭଇ, ଝରଣା ନାୟକ, ଦିବ୍ୟା ସାହୁ, ନିବେଦିତା ବେହେରା, ଡି କନ୍ୟାକୁମାରୀ ରେଡ଼ି, ଏ ରିମସା ଦରା, ଆଦ୍ୟଷା ବକ୍ସି , ଲିପସା ସାହୁ।

କଚ୍ ଓ ମ୍ୟାନେଜର ଭାବେ - ରାମକୃଷ୍ଣ ବେଣିଅଁ, ଏମ୍‌ଡି ସାହିଲ୍ ଅହମଦ୍ ଖାନ୍, ଅସିତ ପାଣିଗ୍ରାହୀ, ଖ୍ରୀଷ୍ଟିନା କଣ୍ଡୁଲିନା ସମେତ ଆନ୍ତର୍ଜାତିକ ବକ୍ସିଂ ରେଫେରି କମ୍ ଜଜ୍ ଶିଶିର କୁମାର ପାଣିଗ୍ରାହୀ ମଧ ଏହି ଦଳ ସହ ଯାତ୍ରା କରିଛନ୍ତି।

ଏହି ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ଆଶୀର୍ବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, କେ ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ ନାୟକ, ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାବିତ୍ ଆଶାପ୍ରକଟ କରିଛନ୍ତି।

# ମ୍ୟାଚ୍ ସରିବା ପରେ ଡ୍ରେସିଂ ରୁମ୍‌ରେ କାନ୍ଦିଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**

ଶୁବମନ ଗିଲଙ୍କ ଯୁବ ଭାରତୀୟ ଦଳ ଇଂଲଣ୍ଡ ଯାଇ ଇତିହାସ ସୃଷ୍ଟି କରିଛି। ଅଗଷ୍ଟ ୪ରେ ଓଭାଲ ଟେଷ୍ଟର ଶେଷ ଦିନରେ ଭାରତୀୟ ଦଳ ମାତ୍ର ୬ ରନରେ ଆୟୋଜକ ଦଳକୁ ପରାସ୍ତ କରିଥିଲା। ଯାହା ସହିତ ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜ ୨-୨ ଡ୍ର'ରେ ଶେଷ ହୋଇଥିଲା।

ମ୍ୟାଚ୍ ପରେ ଭାରତର ଡ୍ରେସିଂ ରୁମ୍‌ରେ ଖୁସିର ଲହରୀ ଖେଳିଯାଇଥିଲା। ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପ୍ରତିକ୍ରିୟା ଏବେ ସାମ୍ନାକୁ ଆସିଛି। ବିସିସିଆଇ ଏକ ଭିଡିଓ ଜାରି କରିଛି। ଯେଉଁଥିରେ ସେ କାନ୍ଦୁଥିବାର ଦେଖାଯାଉଛି।

ଗୌତମ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଟିମ୍ ଇଣ୍ଡିଆ ପ୍ରଥମ ଥର ପାଇଁ ବିଦେଶ ମାଟିରେ ଟେଷ୍ଟ ସିରିଜ୍ ବରାବର କରିଛି। ପୂର୍ବରୁ ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫି ସିରିଜ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଯାହା ପରେ ଗମ୍ଭୀରଙ୍କୁ ବହୁତ ସମାଲୋଚନା କରାଯାଇଥିଲା। ଏବେ ଓଭାଲ ଟେଷ୍ଟ ବିଜୟ ତାଙ୍କ ପାଇଁ ବହୁତ ଅର୍ଥ ରଖିବ। ଏହି ଯୁବ ଦଳ କେବଳ ପଞ୍ଚମ ଟେଷ୍ଟ ଜିତିନଥିଲା, ବରଂ ୧-୨ରେ ପଛୁଆ ରହିବା ପରେ ସିରିଜ୍‌କୁ ବରାବର କରି ଶେଷ କରିଥିଲା।



ବିସିସିଆଇ ସୋମବାର ଏହାର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ଅପଲୋଡ୍ କରିଛି। ଏହା ଭାରତୀୟ ଡ୍ରେସିଂ ରୁମ୍‌ର ଏକ ଭିଡିଓ। ଯେଉଁଥିରେ ମ୍ୟାଚ୍‌ର ଶେଷ ମୁହୂର୍ତ୍ତଗୁଡ଼ିକ ଦେଖାଯାଇଛି। ମହମ୍ମଦ ସିରାଜ ଗସ ଆଟକିନସନଙ୍କୁ କ୍ଲିନ ବୋଲ୍ଡ କରିବା ମାତ୍ରେ ଦଳର ସହାୟକ କର୍ମଚାରୀ ପରସ୍ପରକୁ ଆଲିଙ୍ଗନ କରିଥିଲେ। ସମସ୍ତେ ଏହାକୁ ପୂର୍ଣ୍ଣ ଉତ୍ସାହର ସହିତ ପାଳନ କରିଥିଲେ। ଏହି ଅବସରରେ ଗୌତମ ଗମ୍ଭୀରଙ୍କ ଆଖି ଓଦା ହୋଇଯାଇଥିଲା।

# ସୁନୀଲ ଛେତ୍ରୀଙ୍କୁ ଦରମା ଦେବାକୁ ମନା କଲା ଟିମ୍

**ନୂଆଦିଲ୍ଲୀ**

ଭାରତୀୟ ସୁପର ଲିଗ୍ (ଆଇଏସଏଲ) କ୍ଲବ ବେଙ୍ଗାଲୁରୁ ଏଫସି ଘରୋଇ ସିଜନର ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ଦରମା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁ ଏଫସି ସୋସିଆଲ ମିଡିଆ ଜରିଆରେ ଘୋଷଣା କରିଛି ଯେ, ଆଇଏସଏଲର ଭବିଷ୍ୟତ ଅନିଶ୍ଚିତ ଥିବାରୁ ସେମାନେ ତାଙ୍କ ଖେଳାଳି ଓ କର୍ମଚାରୀଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦରମା ଦେବା ବନ୍ଦ କରୁଛନ୍ତି।

ଚଳିତ ବର୍ଷ ଆଇଏସଏଲ ଫୁଟବଲ ସ୍ପୋର୍ଟସ ଡେଭଲପମେଣ୍ଟ ଲିମିଟେଡ (ଏଫଏସଡିଏଲ) ଏବଂ ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫଏଫ) ମଧ୍ୟରେ ମତଭେଦ ଯୋଗୁଁ ବନ୍ଦ ହୋଇଛି। ତେବେ ଆଇଏଫଏଫ ଆଠଟି କ୍ଲବର ସିଇଓଙ୍କ ସହ ଏକ ବୈଠକ କରିବ, କାରଣ ଏହି କ୍ଲବଗୁଡ଼ିକ ଭାରତୀୟ ଫୁଟବଲର "ବର୍ତ୍ତମାନ ସ୍ଥିତି ଏବଂ ଦିଗ" ନେଇ ଚିନ୍ତା ପ୍ରକାଶ କରିଛନ୍ତି।

ବେଙ୍ଗାଲୁରୁ ଏଫ୍‌ସି ଏକ ବିବୃତିରେ କହିଛି, "ଭାରତୀୟ ସୁପର ଲିଗ୍ ସିଜନର ଭବିଷ୍ୟତ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ବେଙ୍ଗାଲୁରୁ ଫୁଟବଲ କ୍ଲବ ଏକ କଠିନ ନିଷ୍ପତ୍ତି ନେଇଛି ଯେ, ପ୍ରଥମ ଦଳର ଖେଳାଳି ଏବଂ କର୍ମଚାରୀଙ୍କ ଦରମା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହିବ। ଭାରତରେ ଏକ ଫୁଟବଲ କ୍ଲବ ଚଳାଇବା ଓ ବଞ୍ଚାଇ ରଖିବା ସବୁବେଳେ ଏକ କଠିନ ଆହ୍ୱାନ ରହିଛି, ଯାହାକୁ ଆମେ ପ୍ରତି ସିଜନରେ ଅତିକ୍ରମ କରିଛୁ।"




ସେମାନେ ଆହୁରି କହିଛନ୍ତି, "ଲିଗର ଭବିଷ୍ୟତ ଅନିଶ୍ଚିତତା ଯୋଗୁଁ ଆମେ ଏହି ପଦକ୍ଷେପ ନେବାକୁ ବାଧ ହେଉଛୁ। ଆମ ଖେଳାଳି, କର୍ମଚାରୀ ଏବଂ ସେମାନଙ୍କ ପରିବାରର ଭବିଷ୍ୟତ ଓ କଲ୍ୟାଣ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ଏକ ସମାଧାନ ଅପେକ୍ଷା କରୁଥିବା ବେଳେ ସେମାନଙ୍କ ସହ ଯୋଗାଯୋଗରେ ଅଛୁ।"

ବର୍ତ୍ତମାନ ସମସ୍ତ ଖେଳାଳି, ଯେଉଁମାନଙ୍କ ମଧ୍ୟରେ ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ ମଧ ଅଛନ୍ତି, ସେମାନେ ଦରମା ପାଇବେ ନାହିଁ, କିନ୍ତୁ କ୍ଲବ କହିଛି ଯେ ସେମାନଙ୍କ ଯୁବ ଦଳ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଏହି ନିଷ୍ପତ୍ତିରେ ପ୍ରଭାବିତ ହେବ ନାହିଁ।

ବେଙ୍ଗାଲୁରୁ ଏଫସି କହିଛି, "କ୍ଲବ୍ ଖେଳର ବିକାଶ ଏବଂ ଉନ୍ନତି ପାଇଁ ପ୍ରତିବଦ୍ଧ ରହିଛି। ଆମର ଯୁବ ଦଳ - ପୁରୁଷ ଓ ମହିଳା - ଏବଂ ବିଏଫସି ସକର ସ୍କୁଲଗୁଡ଼ିକ ଏହି ନିଷ୍ପତ୍ତିରେ ଅପ୍ରଭାବିତ ରହିବ। ଆମେ ଏଆଇଏଫଏଫ ଏବଂ ଏଫଏସଡିଏଲକୁ ଏହି ଗତିରୋଧ ଶୀଘ୍ର ସମାଧାନ କରିବାକୁ ଅନୁରୋଧ କରୁଛୁ। ଏହି ଅନିଶ୍ଚିତତା କାହା ପାଇଁ ଲାଭଦାୟକ ନୁହେଁ ଏବଂ ଭାରତୀୟ ଫୁଟବଲର ଭବିଷ୍ୟତ ପାଇଁ ତୁରନ୍ତ ସମାଧାନ ଅତ୍ୟନ୍ତ ଜରୁରୀ।"

# କୋଟି କୋଟି ଟଙ୍କା ନେଇ ଚିଟ୍‌ଫଣ୍ଡ ସଂସ୍ଥା ଫେରାର୍ : ଜମାକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ସମୃଦ୍ଧ ଜୀବନ ନାମକ ଜମାକାରୀ ସଂସ୍ଥା କାର୍ଯ୍ୟାଳୟ ଖୋଲି ଆର୍ଥିକ ଦୁର୍ବଳ ବ୍ୟକ୍ତିମାନଙ୍କୁ ଅଧିକ ସୁଧ ମିଳିବା ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଆଦାୟ କରିଥିଲା। ଏବେ ସେହି ସଂସ୍ଥା କାର୍ଯ୍ୟାଳୟରେ ତାଲା ପକାଇ ଫେରାର୍ ହୋଇଯାଇଥିବା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଏହି ସମୃଦ୍ଧ ଜୀବନ ଚିଟ୍‌ଫଣ୍ଡ ସଂସ୍ଥା କାର୍ଯ୍ୟାଳୟ ଖୋଲି ସାଧାରଣ ଲୋକଙ୍କଠାରୁ ବହୁ ଅର୍ଥ ଆଦାୟ କରି କାରବାର କରୁଥିଲା। ତେବେ ଏହାର ନାମ ସରକାରୀ ସ୍ତରରେ ଠକ ଚିଟ୍‌ଫଣ୍ଡ ସଂସ୍ଥା ତାଲିକାରେ ବାହାରିବାରୁ ହଠାତ୍ ପଟ୍ଟାମୁଣ୍ଡାଇରେ ଥିବା କାର୍ଯ୍ୟାଳୟରେ ତାଲା ପକାଇ ସଂସ୍ଥା ଉଭାନ୍ ହୋଇଯାଇଛି। ଏବେ ଜମା ଦେଇଥିବା ଲୋକମାନେ ସେମାନଙ୍କ ଟଙ୍କା ଫେରି ପାଇବା ପାଇଁ କୌଣସି ବାଟ ନଥିବାରୁ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ଜମା ଟଙ୍କା କିପରି ଫେରିପାଇବେ ଏ ନେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଖଗେଶ୍ୱର ସାହୁ, ସର୍ବେଶ୍ୱର ବରାଳ, ଅକ୍ଷୟ କୁମାର ବଳ, ଗଗନ ବିହାରୀ ବେହେରା, ମରୁତ କୁମାର ସ୍ୱାଇଁ, ଅନନ୍ତ କିଶୋର ବାରିକ ପ୍ରମୁଖଙ୍କ ସମେତ ଶତାଧିକ ଜମାକାରୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ଜମା ଟଙ୍କା ଫେରସ୍ତ ପାଇବା ପାଇଁ ନିବେଦନ କରିଛନ୍ତି।



## ପୁନଃ ନିଯୁକ୍ତି ନେଇ ଡିଜିଙ୍କୁ ଭେଟିଲେ ଶତାଧିକ ଛଟେଇ ହୋମଗାର୍ଡ

**କଟକ, ନ୍ୟୁଜ୍‌ବ୍ୟୁରୋ**

ବିଭିନ୍ନ କାରଣରୁ ଛଟେଇ ହେବା ପରେ ଦୁର୍ଦ୍ଦଶା ଘେରର ହୋମଗାର୍ଡ। ସେମାନଙ୍କୁ ପୁଣି ଥରେ ନିଯୁକ୍ତି ଦିଆଯାଉ ବୋଲି ଚାକିରି ହରାଇଥିବା ହୋମଗାର୍ଡମାନେ ଦାବି କରିଛନ୍ତି। ପୁନଃ ନିଯୁକ୍ତି ନେଇ ହୋମଗାର୍ଡ ଡିଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାଜ୍ୟର ଶତାଧିକ ଛଟେଇ ହୋମଗାର୍ଡ।

ବର୍ଷ ବର୍ଷ ଧରି ବିଭିନ୍ନ କାରଣରୁ ହୋମଗାର୍ଡ ଚାକିରିରୁ ଛଟେଇ ହେବା ପରେ ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ଦାବି କରି ୩୦୦ରୁ ଅଧିକ ଛଟେଇ କର୍ମଚାରୀ ମଙ୍ଗଳବାର ଅଗ୍ନିଶମ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟିଛନ୍ତି। କେତେକ କର୍ମଚାରୀ ପିତା ମାତାଙ୍କ ଦଶକର୍ମ ପାଇଁ ଯାଇଥିଲା ବେଳେ ଚାକିରିରୁ ଛଟେଇ ହୋଇଥିବା ବେଳେ ରିଭ୍ୟୁ ସିଷ୍ଟମରେ ମଧ ଅନେକ ହୋମଗାର୍ଡଙ୍କୁ ଛଟେଇ କରାଯାଇଛି। ଏପରିକି ଅନେକ ମହିଳା କର୍ମଚାରୀ ମାତୃତ୍ୱ ଛୁଟି ନେବା କାରଣରୁ ତାଙ୍କୁ କାର୍ଯ୍ୟରୁ ଛଟେଇ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହା ସେମାନଙ୍କ ପରିବାରକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଏହି ଛଟେଇ ହୋମଗାର୍ଡ କର୍ମୀମାନେ ସେମାନଙ୍କ ଦୁର୍ଦ୍ଦଶା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଜଣାଇଥିଲେ। ମଙ୍ଗଳବାର ହୋମଗାର୍ଡ ଡିଜିଙ୍କୁ ଭେଟି ଏହି ଅଭିଯୋଗ ଦର୍ଶାଇଛନ୍ତି। ଖୁବ୍‌ଶୀଘ୍ର ଏହି ଦିଗରେ ସମାଧାନର ବାଟ ବାହାରିବ ବୋଲି ସେମାନେ ଆଶା ରଖିଥିବା କହିଛନ୍ତି।

# ଯୁଗ୍ମ ଅଭିଯୋଗ ଶୁଣାଣି : ୨୭୪ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୯ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର, ହେମନ୍ତ କୁମାର ମହନ୍ତ, ଭାରପ୍ରାପ୍ତ ତହସିଲଦାର, ଯାଜପୁର ଅଜୟ କୁମାର ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।







## ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

# ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ ।

ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୧ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ବାବୁ ସିଂ, ଗଣେଶ୍ୱର ବେହେରା ଓ ପ୍ରକାଶ ଚନ୍ଦ୍ର ସେଠୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସଦର ସଭାପତି ପ୍ରଦ୍ୟୁମ୍ନ ଶତପଥି, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ 'Speeches of Finance Minister of Odisha from 2022 to 2025-26"କୁ ଉନ୍ମୋଚନ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ୧୯୩୬ ମସିହା ଅପ୍ରେଲ ପହିଲାରେ ବ୍ରିଟିଶ ଶାସନାଧିନ ଭାରତ ବର୍ଷରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ଶାସନଗତ କ୍ଷମତା ହାସଲ କରିଥିଲା। ସ୍ୱତନ୍ତ୍ର ଓଡ଼ିଶାର (ପ୍ରାକ୍-ସ୍ୱାଧୀନତା) ପ୍ରଥମ ବିଧାନସଭା ୧୯୩୬ ମସିହାଠାରୁ ୨୦୨୦-୨୧ ମସିହା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଧାନସଭାରେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବଜେଟ ଅଭିଭାଷଣ ଗବେଷଣା ଉପବିଭାଗ ଦ୍ୱାରା ସଂଗ୍ରହ କରାଯାଇ ପୁସ୍ତକର ଅଷ୍ଟମ ଖଣ୍ଡ (ଅଷ୍ଟମ ସଂସ୍କରଣ) ପ୍ରକାଶିତ ହୋଇଛି । ଏହି ପରିପ୍ରେକ୍ଷୀରେ ୨୦୨୧-୨୨ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟର ନବମ ସଂସ୍କରଣ ମଙ୍ଗଳବାର ଉନ୍ମୋଚିତ ହୋଇଛି । କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ଶ୍ରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଭାରତ ସରକାରଙ୍କ ଯୁଗାନ୍ତକାରୀ ଶିକ୍ଷାନୀତି 'ଜାତୀୟ ଶିକ୍ଷାନୀତି - ୨୦୨୦କୁ କାର୍ଯ୍ୟକାରୀ କରିବା ଦିଗରେ ଏନ୍.ସି.ଇ.ଆର.ଟି, ବିଶେଷକରି ଏହାର ପ୍ରମୁଖ ଅଂଶବିଶେଷ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଯେଭଳି ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି ଏନ୍.ସି.ଇ.ଆର.ଟିର ନିର୍ଦ୍ଦେଶକ ପ୍ରଫେସରୀ ଦୀନେଶ ପ୍ରସାଦ ସକଲାନୀ ମତବ୍ୟକ୍ତି କରିଛନ୍ତି । ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଥିଲେ ଯେ, ଶିକ୍ଷା କେବଳ ନମ୍ବର, ସାର୍ଟିଫିକେଟ୍, ପାସ୍‌ଫେଲ୍ ବ୍ୟବସ୍ଥା ଭିତରେ ସଙ୍କୁଚିତ ବ୍ୟବସ୍ଥା ନୁହେଁ, ଏହା ଶିଶୁଟିକୁ ସାମଗ୍ରିକ ଭାବେ ବ୍ୟକ୍ତିରୁ ବ୍ୟକ୍ତିତ୍ୱ ଦିଗରେ ଅଗ୍ରସର କରାଇନିଏ, ଏହି ଅବସରରେ ସେ ପ୍ରତିଷ୍ଠାନର ବାର୍ଷିକ ମୁଖପତ୍ର 'ପ୍ରତିବିମ୍ବ'ର ଉନ୍ମୋଚନ କରିଥିଲେ, ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱଗତ ସମ୍ଭାଷଣ ପ୍ରଦାନ କରି ଗତ ବର୍ଷକ ମଧ୍ୟରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ/ଅଧ୍ୟାପିକାଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ ।




ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁ ଶିଷ୍ୟ ପରମ୍ପରା ଓ ସଂସ୍କୃତିର ବିବିଧତେ ଉପରେ ଆଲୋକପାତ କରିଥିଲେ, ଏହି ଅବସରରେ ଡ. ଜିନା କେ.ଜିଙ୍କ ମୁଖ୍ୟ ସମ୍ପାଦନା ଓ ଡ. ଦେବାଶିଷ ମହାପାତ୍ର, ଡ. ରାହୁଲ ସାହାନା, ଡ. ଦେବବ୍ରତ ବାଗୁଇ ଓ ଡ. ଚିନ୍ତାକୁନ୍ତଳା ମହେନ୍ଦ୍ରଙ୍କ ସମ୍ପାଦନାରେ ପ୍ରକାଶିତ ପ୍ରତିଷ୍ଠାନର ଇଂରାଜୀ-ହିନ୍ଦୀ-ଓଡ଼ିଆ-ବଙ୍ଗଳା ଭାଷାର ମିଳିତ ମୁଖପତ୍ର 'ପ୍ରତିବିମ୍ବ' ସଂପର୍କରେ ଅଧକ୍ଷା ପ୍ରଫେସର ଗୋସ୍ୱାମୀ ପ୍ରଶଂସା କରିଥିଲେ, ପରେ ପରେ ପ୍ରତିଷ୍ଠାନର ଅବସରପ୍ରାପ୍ତ କର୍ମଚାରୀ ବୃନ୍ଦଙ୍କୁ ତୁଳସୀଚାରା ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିବା ସହ ପୁରାତନ ଛାତ୍ର ସଂଘର କର୍ମକର୍ତ୍ତା, ସଦସ୍ୟ ସଦସ୍ୟାଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । ପରିଶେଷରେ ପ୍ରଶାସନିକ ଅଧିକାରୀ ଫୁଲଚାନ୍ଦ ମୀନା ଧନ୍ୟବାଦାର୍ପଣ କରିବା ପରେ ଓଡ଼ିଶୀ, ସମ୍ବଲପୁରୀ ସମେତ ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ପଞ୍ଜାବ, ହିମାଚଳ ପ୍ରଦେଶ ଆଦି ପ୍ରଦେଶର ନୃତ୍ୟ ପରିବେଷିତ ହୋଇଥିଲା ।

# ଯାତ୍ରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟସୀମା ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଯାତ୍ରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟସୀମା ବୃଦ୍ଧି ହୋଇଛି।
ଯାତ୍ରୀମାନଙ୍କୁ ନିରନ୍ତର ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ, ପୂର୍ବ ତଟ ରେଳପଥ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି: ବିଶାଖାପାଟଣା-ତିରୁପତି - ବିଶାଖାପାଟଣା (୦୮୫୪୭/ ୦୮୫୪୮) ଟ୍ରେନ୍ ନମ୍ବର ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି - ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣାରୁ ୨୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏବଂ ତିରୁପତିରୁ ୨୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି ।
ବିଶାଖାପାଟଣା - ଚରଲାପାଲି- ବିଶାଖାପାଟଣା (୦୮୫୭୯/ ୦୮୫୮୦) ଟ୍ରେନ୍ ନମ୍ବର ୦୮୫୭୯/୦୮୫୮୦ ବିଶାଖାପାଟଣା- ଚରଲାପାଲି- ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ୨୬ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଏବଂ ଚରଲାପାଲିରୁ ଏହା ୨୭ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି।
ଉଧନା-ଖୋର୍ଦ୍ଧା ରୋଡ୍-ଉଧନା (୦୯୦୫୯/୦୯୦୬୦) ଟ୍ରେନ୍ ନମ୍ବର ୦୯୦୫୯/୦୯୦୬୦ ଉଧନା-ଖୋର୍ଦ୍ଧା ରୋଡ୍-ଉଧନା ସ୍ୱତନ୍ତ୍ର ଟ୍ରେନ ୨୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଉଧନାରୁ ଏବଂ ଖୋର୍ଦ୍ଧା ରୋଡରୁ ୨୬ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋଟ୍ଟାଭାଲସା- ପେନ୍ଦୁର୍ତ୍ତି ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ୦୬ ଅଗଷ୍ଟ ୨୦୨୫ରୁ ୦୯ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ, ନିମ୍ନଲିଖିତ ଟ୍ରେନ ଗୁଡିକ ବାତିଲ୍ କରାଯିବ। ବିଶାଖାପାଟଣାରୁ ଛାଡିବାକୁ ଥିବା ଟ୍ରେନ ନମ୍ବର ୧୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ୦୬ ଅଗଷ୍ଟ ୨୦୨୫ରୁ ୦୮ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବାତିଲ କରାଯିବ। ବ୍ରହ୍ମପୁରରୁ ଛାଡିବାକୁ ଥିବା ଟ୍ରେନ ନମ୍ବର ୧୮୫୨୫ ବ୍ରହ୍ମପୁର- ବିଶାଖାପାଟଣା ଏକ୍ସପ୍ରେସ ୦୭ ଅଗଷ୍ଟ ୨୦୨୫ ରୁ ୦୯ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବାତିଲ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ନୀତିରୁ ଦୂରରେ...

ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି। ତଥାପି ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ପଡିବ। ଆବଶ୍ୟକ ସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସୁରକ୍ଷା ମଞ୍ଚ ଇତ୍ୟାଦିର ସହଯୋଗ କାମନା କରିଥିଲେ। ଏଥିସହିତ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।
ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡିଶା ଗଠନର ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହିତ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ।
ଦୁର୍ନୀତି ବିରୋଧରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ, ଅଧିକାରୀ ମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଦେଇଥିଲେ।
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନ ରେଖା। ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି। ଆଜି ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ।
ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ଆମ ରାଜ୍ୟ ହେଉଛି ଏକ ଜୈବ ବିବିଧତା ପୂର୍ଣ୍ଣ ରାଜ୍ୟ। ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ସହିତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ।
କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା । ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବିଭାଗର ସଫଳତା ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।
କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ବନଖଣ୍ଡର ବନ ସଂରକ୍ଷକ, ଡିଏଫ୍‌ଓ, ଏସିଏଫଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ।
ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଦଲ ଫଟା ବର୍ଷା...

କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ସହ ଫୋନ୍ ଯୋଗେ କଥା ହୋଇ ପରିସ୍ଥିତିର ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଅସହାୟମାନଙ୍କୁ ସମୟୋଚିତ ସହାୟତା ସୁନିଶ୍ଚିତ କରିବା ପାଇଁ କୌଣସି କସରତ ଛଡ଼ାଯିବ ନାହିଁ।
ଅନୁରୂପ ଭାବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉତ୍ତରାଖଣ୍ଡର ବିପର୍ଯ୍ୟୟ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ସହ ଫୋନ୍ ଯୋଗେ କଥା ହୋଇ ଘଟଣା ବିଷୟରେ ପଚାରି ବୁଝିଛନ୍ତି ।
ସୂଚନା ଅନୁଯାୟୀ, ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୭୦ କି.ମି. ଦୂରରେ ଓ ଗଙ୍ଗୋତ୍ରୀ ଧାମରୁ କେବଳ ୨୦ କି.ମି. ପୂର୍ବରେ ଅବସ୍ଥିତ ହର୍ଷିଲ୍ ଅଞ୍ଚଳର ଧରାଳି ଗାଁରେ ବାଦଲଫଟା ବର୍ଷା ହେବାରୁ ଅଚାନକ ଖୀରଗଙ୍ଗା ନଦୀରେ ବିନାଶକାରୀ ବନ୍ୟା ଆସିଛି। ଗଙ୍ଗା ପାର ମୁଖବା ଗାଁର ଲୋକେ ଏହି ବିନାଶ ଆସୁଥିବା ଦେଖି ଚିତ୍କାର କରି ଲୋକଙ୍କୁ ସତର୍କ କରିଥିଲେ। ଖବର ଅନୁସାରେ ଏହି ଅଞ୍ଚଳରେ ଅଚାନକ ଭୂସ୍ଖଳନ ଯୋଗୁ ମାଟିଅତଡା ଖସିବା ସହ ବନ୍ୟା ପାଣିରେ ଘରଦ୍ୱାର ପାଣିରେ ଭାସିଯାଇଛି। ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେନା, ଏସଡିଆରଏଫ, ଏନଡିଆରଏଫ, ଜିଲ୍ଲା ପ୍ରଶାସନ ଓ ଅନ୍ୟ ସମ୍ବନ୍ଧିତ ଟିମ୍‌ମାନେ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କ ସହିତ ଲଗାତାର ସଂପର୍କରେ ଅଛନ୍ତି ଓ ପରିସ୍ଥିତିର ନିୟମିତ ଅବଧି ଉପରେ ତଥ୍ୟ ନେଉଛନ୍ତି।

### ଉତ୍ତରାଖଣ୍ଡରେ...

ଏବଂ ଆହତମାନଙ୍କୁ ଚିକିତ୍ସା କରାଯାଉଛି। ତେବେ ଏହି ବନ୍ୟା କାରଣରୁ ଭାରତୀୟ ସେନାର ଶିବିର ଓ ଉଦ୍ଧାରକାରୀ ଦଳର କିଛି ଲୋକ ପ୍ରଭାବିତ ହୋଇଥିଲେ ।

### ୧୧ରେ ମୁଖ୍ୟମନ୍ତ୍ରୀଙ୍କ...

କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ବୁଧବାର ପୂର୍ବାହ୍ନ ୧୧ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ।
ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

### ଶ୍ରୀମନ୍ଦିର ସୁରକ୍ଷା...

ଏନବିଡବ୍ଲ୍ୟୁ ଜାରି ହେବ । ଚତୁର୍ଥ ବିନ୍ଦୁ ହେଉଛି ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ କ୍ରମେ ଶ୍ରୀମନ୍ଦିର ଆଇନ୍ ୧୯୫୫ ଅନ୍ତର୍ଗତ ଦଣ୍ଡବିଧାନ ହୋଇପାରିବ। ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମଧ୍ୟ ହୋଇପାରିବ।

### ଚଞ୍ଚକତା କରି ...

ଉଠାଇବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ଉପରେ ଦଣ୍ଡ ବିଧାନ କରାଯିବ । ଯେହେତୁ ଚକ୍ଷମାରେ ସ୍ପାଇ କ୍ୟାମେରା ଆସୁଛି । ତେଣୁ ଲୋକ ମାନେ ଯେତେବେଳେ ସିଂହ ଦ୍ୱାର କିମ୍ବା ଅନ୍ୟ ଦ୍ୱାରରେ ପ୍ରବେଶ କରୁଛନ୍ତି ପୋଲିସ ଜାଣିବା ବି କଷ୍ଟ ହେଉଛି । କେବଳ ଫଟୋ ଉଠାଇବା ସମୟରେ ଲାଇଟ୍ ଜଳିଲେ ଜାଣିହେବ ବୋଲି ସେ କହିଛନ୍ତି ।

### ଶୋଭନା ମହାନ୍ତି ...

ରେମୁଣା ବ୍ଲକ କରଞ୍ଜିଆ ଗାଁର ଶୋଭନା ମହାନ୍ତି ଏହି ପଦବୀରେ ତିନି ବର୍ଷ ରହିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟ ମହିଳା କମିଶନର ୪ ଜଣ ସଦସ୍ୟ ନିଯୁକ୍ତ କରାଯାଇଛି। ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁ ମହିଳା କମିଶନ ସଦସ୍ୟ ନିଯୁକ୍ତ ହୋଇଛନ୍ତି ।
ରାଜ୍ୟ ସରକାର ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ପଦବୀରେ ବବିତା ପାତ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିଶୁ ସୁରକ୍ଷା ଆୟୋଗରେ ଆଉ ୬ ସଦସ୍ୟଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଲେ ସୁକେଶୀ ଓରାମ, କଳ୍ପନା ଲେଙ୍କା, ଚନ୍ଦନା ଦାସ , କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ।

### ମାଓବାଦୀ ରେଳଧାରଣା ...

ପ୍ରସ୍ତୁତ କରାଯାଇଛି। ଅଧିକ ପୋଲିସ କ୍ୟାମ୍ପ ସ୍ଥାପନ ସହ ଅଧିକ ଏସଓଜି ମୁତୟନ କରାଯାଉଛି। ସମସ୍ତ ରେଳ ଲାଇନରେ ବମ୍ ଡିସପୋଜାଲ ଟିମ ଯାଞ୍ଚ କରିଛନ୍ତି। ମାଓବାଦୀ ମୁକାବିଲା ପାଇଁ ଓଡିଶା ଓ ଝାଡ଼ଖଣ୍ଡ ପୋଲିସ ପକ୍ଷରୁ ମିଳିତ ମୁକାବିଲା କରାଯିବ। ସରଣ୍ଡା ଜଙ୍ଗଲରେ ମାଓବାଦୀ ରହୁଥିବାରୁ ମାଓବାଦୀ ମୁକାବିଲା ପାଇଁ ଗୁଇନ୍ଦା ବିଭାଗକୁ ଆଧିକ ସୁଦୃଢ କରାଯିବ ବୋଲି କହିଛନ୍ତି ଏଡିଜି ସଞ୍ଜୀବ ପଣ୍ଡା ।

### ଓଡ଼ିଶାକୁ ...

ପ୍ରଭାବିତ କରିପାରେ। ଭାରତର ୧୫ଟି ସହର ବା ଅଞ୍ଚଳର ଏକ ତାଲିକା ଦିଆଯାଇଛି । ଯେଉଁମାନେ ସୁନାମୀ ପ୍ରତି ଅଧିକ ସମ୍ଭାବ୍ୟ, ଯାହା ଭାରତୀୟ ସରକାର ଏବଂ ଇନ୍‌ଡିଆନ ନ୍ୟାସନାଲ ସେଣ୍ଟର ଫର ଓସିଆନ ଇନଫର୍ମେସନ ସର୍ଭିସେସ ଦ୍ୱାରା ଚିହ୍ନଟ କରାଯାଇଛି।

# ଫାଇଲେରିଆ ନିରାକରଣ: ଅଗଷ୍ଟ ୧୦ରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ୧୦ ଅଗଷ୍ଟ (ରବିବାର) ଠାରୁ ଆରମ୍ଭ ହେବ । ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୧କୋଟି ୭ ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ । କାର୍ଯ୍ୟସୂଚୀ ଅନୁଯାୟୀ, ଅନୁଗୋଳ,ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର,ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ କୃମିନାଶକ ଦିବସ(ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଫାଇଲେରିଆ ନିରାକରଣ ପାଇଁ ଏହି ୧୨ଟି ଜିଲ୍ଲାର ୧୧୫ଟି କାର୍ଯ୍ୟାନ୍ୱୟନ ୟୁନିଟ ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ । ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା – ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ । ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ କୁ ଖାଇବାକୁ ବାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୪୧ ,୦୦୦ ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୪୧୦୦ ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।




ଆଶା, ଅଙ୍ଗନୱାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି। ସେମାନେ ପ୍ରତ୍ୟେକ ଘରକୁ ଘର ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ଅନ୍ତତଃ ୯୦ ପ୍ରତିଶତ ଲୋକ ଡ୍ରଗ ଆଡମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମସ୍ତଙ୍କୁ ଔଷଧ ଖୁଆଇବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥିବାରୁ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ, ସହଯୋଗ, ସମର୍ଥନ ନିହାତି ଆବଶ୍ୟକ ବୋଲି ସେ କହିଥିଲେ । ସମ୍ମିଳନୀରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ, ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତିଙ୍କ ସହିତ ବିଭାଗୀୟ ଅଧିକାରୀ, ବୈଦ୍ୟୁତିକ ଏବଂ ମୁଦ୍ରଣ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏମ୍‌ଡିଏ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଏବଂ ଶିଶୁ ବିକାଶ, ଶିଳ୍ପ, ଇସ୍ପାତ ଏବଂ ଖଣି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ଗୃହ ଓ ନଗର ଉନ୍ନୟନ ଇତ୍ୟାଦି ବିଭାଗକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି।

# ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ନୂଆଦିଲ୍ଲୀରେ ଅନୁଷ୍ଠିତ ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଯୋଗଦାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦୟ ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଅନୁଷ୍ଠିତ ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଆଜି ଯୋଗଦେଇଛନ୍ତି । ଭାରତରେ ୬୦ ନିଯୁତ ହେକ୍ଟରରୁ ଅଧିକ ଅନୁର୍ବର କିମ୍ବା ଅବ୍ୟବହୃତ ଜମି ଅଛି ଏବଂ ଏଥିରୁ ପ୍ରାୟ ୨୦ ନିଯୁତ ଜୈବିକ କୃଷି ପାଇଁ ଉପଯୁକ୍ତ। ଜୈବିକ ଉତ୍ପାଦର ବିଶ୍ୱ ଚାହିଦା ବୃଦ୍ଧି ପାଇବା ସହିତ, ଏହା ଆମର କୃଷକମାନଙ୍କ ପାଇଁ ସ୍ଥାୟୀ କୃଷି କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ନେବାର ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି ।
ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ବଳଭଦ୍ର ଜୈବିକଚାଷ ମିଶନ ସହିତ, ଆମେ ଆମର ପ୍ରାଚୀନ ଆଦିବାସୀ ଅଞ୍ଚଳଗୁଡ଼ିକୁ ଜୈବିକ କ୍ଲଷ୍ଟରରେ ପରିଣତ କରିବା ଆରମ୍ଭ କରିଛୁ। ଆମର ଚାଷଯୋଗ୍ୟ ଜମିର ପ୍ରାୟ ୩୨ ପ୍ରତିଶତରେ ସର୍ବନିମ୍ନ ରାସାୟନିକ ବ୍ୟବହାର ହେଉଛି। ଏବେ, ଆମେ ଗୋଟିଏ ଜିଲ୍ଲା - ଗୋଟିଏ ଜୈବିକ କ୍ଲଷ୍ଟର, ଆମ୍ବ, ହଳଦୀ, ବାଜରା ଏବଂ ଅଦା ପାଇଁ କୃଷି-ପ୍ରକ୍ରିୟାକରଣ ୟୁନିଟ୍, ରପ୍ତାନି-ମୁଖୀ କୃଷି ପାର୍କ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏଫପିଓ ସହିତ ଜଡିତ ହୋଇ ଜୈବିକ ମୂଲ୍ୟ ଶୃଙ୍ଖଳ, ମାଣ୍ଡିଆ ଓ ବାଜରା-ଭିତ୍ତିକ ଉଦ୍ୟୋଗ ଏବଂ ଇକୋ-କୃଷି ହବ୍ ବୃଦ୍ଧି କରୁଛୁ।
ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା ମଧ୍ୟ କହିଛନ୍ତି ଯେ, ନିବେଶକ ଏବଂ ଉଦ୍ଭାବକମାନଙ୍କ ପାଇଁ ଓଡ଼ିଶା ଦୃଢ଼ ନୀତି, ଜମି, ବିଦ୍ୟୁତ୍, ସବସିଡି, ପୁଞ୍ଜି ପ୍ରୋତ୍ସାହନ ଏବଂ ଫାଷ୍ଟ-ଟ୍ରାକ୍ ମଞ୍ଜୁରୀ ପ୍ରଦାନ କରୁଛି । ବିଶ୍ୱସ୍ତରୀୟ ଅଂଶୀଦାର ଓ କୃଷି ଉଦ୍ୟୋଗୀମାନଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରି ଏହି ପରିବର୍ତ୍ତନରେ ଭାଗୀଦାର ହେବାକୁ କହିଛନ୍ତି । ସମ୍ମିଳନୀରେ ନରୱେର କୃଷି ଉଦ୍ୟୋଗୀ ଓଡ଼ିଶାର ପରିବେଶ-କୃଷି କ୍ଷେତ୍ରକୁ ପ୍ରଶଂସା କରିଥିଲେ। ସମ୍ମିଳନୀରେ ଉଦୟ ଇଣ୍ଡିଆ ପତ୍ରିକାର ସମ୍ପାଦକ ଶ୍ରୀ ଦୀପକ କୁମାର ରଥ, ନୀତି ନିର୍ଦ୍ଧାରକ, କୃଷି-ବ୍ୟବସାୟୀ ନେତା, ଚାଷୀ ସଂଗଠନ, ଭୂମି ସଂସ୍କାର ରପ୍ତାନି ଏବଂ ବିକାଶ ସଂସ୍ଥା ପ୍ରମୁଖ ଯୋଗଦେଇଥିଲେ ।

ଭୁବନେଶ୍ୱର
୦୬ ଅଗଷ୍ଟ,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମର ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର,୫।୮
ନ୍ୟୁଜ ବ୍ୟୁରୋ



ଲୋକସେବା ଭବନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ। ଏହି ବିଦ୍ୟାଳୟ ଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖା ଯାଇଛି ବୋଲି ବୈଠକରୁ ଜଣାପଡିଛି। ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ହେଉଥିବ, ସେହି ସ୍କୁଲ ଗୁଡିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ। ବୈଠକରେ ମୁଖ୍ୟମନ୍ତ୍ରୀ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ହେଡକ୍ୱାର୍ଟର୍ସରେ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଲେଖାଏଁ ଆଦର୍ଶ ସ୍କୁଲ ନିର୍ମାଣ କରାଯିବ। ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା ଏବଂ ଛାତ୍ରଛାତ୍ରୀଙ୍କ ଯିବା ଆସିବା ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଦୁର୍ଗମ ଓ ଦୂର ଅଞ୍ଚଳରେ ରହୁଥିବା ପିଲାଙ୍କ ଯିବା ଆସିବା ପାଇଁ ମାଗଣାରେ ପରିବହନ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପର୍ଯ୍ୟାପ୍ତ ଜମି ଥିବା ସ୍କୁଲଗୁଡ଼ିକୁ ଚୟନ କରାଯାଇ ଭବିଷ୍ୟତରେ ହାଇସ୍କୁଲ ସ୍ତରକୁ ଅପଗ୍ରେଡ୍ ପାଇଁ ଏହାକୁ ଉନ୍ନତିକରଣ କରାଯିବ। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷା ଫଳାଫଳକୁ ଉନ୍ନତ କରିବା ଏବଂ ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା ଏବଂ ଅଭିଭାବକ, ପୂର୍ବତନ ଛାତ୍ର ଓ ସ୍ଥାନୀୟ ଅଂଶୀଦାରଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା। ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱୟ ରଖି, ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ଶିକ୍ଷାଗତ ଦକ୍ଷତା ହାସଲ କରିବା ପାଇଁ ମୂଳଦୁଆ ସାକ୍ଷରତା ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଙ୍କ ସର୍ବାଙ୍ଗୀନ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ସୃଜନଶୀଳତା, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ଜୀବନ କୌଶଳକୁ ଉତ୍ସାହିତ କରିବା ପାଇଁ ରାଜ୍ୟସରକାରଙ୍କ ପ୍ରୟାସ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଯାମିନୀ ଷଡ଼ଙ୍ଗୀ, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି କର୍ତ୍ତବ୍ୟ ଭବନର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୫/୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାରରେ ସେଣ୍ଟ୍ରାଲ ଭିଷ୍ଟାର ନୂତନ କୋଠା 'କର୍ତ୍ତବ୍ୟ ଭବନ'ର ଉଦ୍‌ଘାଟନ କରିବେ । ଏହି କୋଠା ସରକାରୀ କାର୍ଯ୍ୟ ପାଇଁ ନିର୍ମିତ ହୋଇଛି। ଏଥିରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ, କାର୍ମିକ ଏବଂ ତାଲିମ ବିଭାଗ ଭଳି ଅନେକ ସରକାରୀ କାର୍ଯ୍ୟାଳୟ ରହିବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ଅଗଷ୍ଟ ୬ ସନ୍ଧ୍ୟା ୬ଟାରେ କର୍ତ୍ତବ୍ୟ ଭବନର ଉଦ୍‌ଘାଟନ କରିପାରନ୍ତି । ସେଣ୍ଟ୍ରାଲ ଭିଷ୍ଟା ଏକ ବଡ଼ ପ୍ରକଳ୍ପ । ଏହା ଅଧୀନରେ ଭାରତର ପାୱାର କରିଡର ନିର୍ମାଣ କରାଯାଉଛି । ଏଥିରେ ଏକ ନୂତନ ସଂସଦ ଭବନ, ଏକ କେନ୍ଦ୍ରୀୟ ସଚିବାଳୟ ଏବଂ ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ତିନି କିଲୋମିଟର ଲମ୍ବ କର୍ତ୍ତବ୍ୟ ପଥ (ପୂର୍ବରୁ ରାଜପଥ) ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି । ବର୍ତ୍ତମାନ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ଅନେକ ନୂତନ କୋଠା ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ଗୋଟିଏ ହେଉଛି 'କର୍ତ୍ତବ୍ୟ ଭବନ'। ଏଥିରେ ଗୃହ ମନ୍ତ୍ରଣାଳୟ ସମେତ ଅନେକ ସରକାରୀ କାର୍ଯ୍ୟାଳୟ ରହିବ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ନୂତନ କୋଠା ଏବଂ ରାସ୍ତା ନିର୍ମାଣ କରାଯାଉଛି । କର୍ତ୍ତବ୍ୟ ପଥକୁ ମଧ୍ୟ ଏକ ନୂତନ ରୂପ ଦିଆଯାଉଛି, ଯାହା ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଲମ୍ବିଛି । ରାଷ୍ଟ୍ରପତି ଭବନ ନିକଟରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ପ୍ରିନସେସ୍ ପାର୍କ ଅଞ୍ଚଳ ଏହି ପ୍ରକଳ୍ପ ଅଧୀନରେ ଆସେ । ରାଷ୍ଟ୍ରପତି ଭବନ, ସଂସଦ, ନର୍ଥ ବ୍ଲକ୍, ସାଉଥ୍ ବ୍ଲକ୍, ଉପରାଷ୍ଟ୍ରପତିଙ୍କ ଘର ସେଣ୍ଟ୍ରାଲ୍ ଭିଷ୍ଟା ଅଧୀନରେ ଆସେ । ଏହା ବ୍ୟତୀତ, ଜାତୀୟ ସଂଗ୍ରହାଳୟ, ଜାତୀୟ ଅଭିଲେଖାଗାର, ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର, ଉଦ୍ୟୋଗ ଭବନ, ବିକାନେର ହାଉସ୍, ହାଇଦ୍ରାବାଦ ହାଉସ୍, ନିର୍ମାଣ ଭବନ ଏବଂ ଜବାହର ଭବନ ମଧ୍ୟ ସେଣ୍ଟ୍ରାଲ୍ ଭିଷ୍ଟାର ଅଂଶ।

# ଆରବିଆଇ ମୁଦ୍ରାନୀତି ବୈଠକ : ୨୫ ବେସିସ୍ ପଏଣ୍ଟ ଖସିପାରେ ରେପୋ

ନୂଆଦିଲ୍ଲୀ,୦୫/୦୮

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଆରମ୍ଭ ହୋଇଛି । ୩ ଦିନ ଧରି ଏହି ବୈଠକରେ ଆଲୋଚନା ହେବ। ୬ ତାରିଖ ଅର୍ଥାତ ବୁଧବାର ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲ୍‌ହୋତ୍ରା ନିଷ୍ପତ୍ତି ଘୋଷଣା କରିବେ । ଚଳିତ ଥର କେନ୍ଦ୍ରୀୟ ବ୍ୟାଙ୍କ୍ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ (୦.୨୫%) ହ୍ରାସ କରିପାରେ । ଆମେରିକାର ଟାରିଫ୍ ୱାର ଏବଂ ବିଶ୍ୱ ବଜାରର ଅନିଶ୍ଚିତତା ଯୋଗୁ ଦେଶର ଜିଡିପି ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଏହାକୁ ଧ୍ୟାନରେ ରଖି ଆରବିଆଇ ସୁଧହାରରେ ହ୍ରାସ କରିପାରେ। ଏହା ଦ୍ୱାରା ଅଭିବୃଦ୍ଧିକୁ ବଳ ମିଳିବ ବୋଲି କହିଛନ୍ତି ବିଶେଷଜ୍ଞ। ଆରବିଆଇ ଚଳିତ ଥର ୩ଥର ରେପୋ ରେଟ୍ ହ୍ରାସ କଲାଣି। ଏହି ଅବଧିରେ ରେପୋ ୧% ହ୍ରାସ ହୋଇଛି । ଫେବ୍ରୁୟାରୀରେ ହୋଇଥିବା ବୈଠକରେ ରେପୋ ୬.୫୦%ରୁ ହ୍ରାସ ହୋଇ ୬.୨୫% ସ୍ତରକୁ ଖସିଥିଲା । ପ୍ରାୟ ୫ ବର୍ଷ ପରେ ଆରବିଆଇ ରେପୋ ହାରରେ ଏଭଳି ହ୍ରାସ କରିଥିଲା। ସେହିଭଳି ଏପ୍ରିଲରେ ହୋଇଥିବା ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ପୁଣି ଥରେ ୦.୨୫% ରେପୋ ହ୍ରାସ କଲା। ଜୁନ୍ ମାସରେ ତୃତୀୟ ଥର ଲାଗି ହୋଇଥିଲା ସୁଧହାର ହ୍ରାସ । ରେପୋ ହେଉଛି ସେହି ସୁଧହାର ଯେଉଁହାରରେ ବ୍ୟାଙ୍କ ଆରବିଆଇ ଠାରୁ ଋଣ ନେଇଥାନ୍ତି । ରେପୋ ହ୍ରାସ ହେଲେ ବ୍ୟାଙ୍କ୍ ଗୁଡ଼ିକୁ ଶସ୍ତାରେ ଋଣ ପ୍ରଦାନ କରନ୍ତି । ଫଳରେ ବ୍ୟାଙ୍କ୍ ଗୁଡ଼ିକ ଏହାର ଲାଭ ଗ୍ରାହକଙ୍କୁ ପ୍ରଦାନ କରିଥାନ୍ତି । ଏହାକୁ ଦେଖିଲେ ଆଗାମୀ ଦିନରେ ବାସଗୃହ ଏବଂ ଅଟୋମୋବାଇଲ ବର୍ଗରେ ଋଣ ୦.୫୦% ଯାଏ ଶସ୍ତା ହୋଇପାରେ। ରେପୋ କମିଲେ ବ୍ୟାଙ୍କ୍ ଗୁଡ଼ିକ ହାଉସିଂ ଏବଂ ଅଟୋ ଋଣ ଉପରେ ସୁଧହାର କମ୍ କରିପାରନ୍ତି । ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିଥାଏ। ସୁଧହାର କମ୍ ରହିଲେ ଘର ଚାହିଦା ବଢ଼ିଥାଏ। ଅଧିକ ଲୋକ ରିୟଲ ଇଷ୍ଟେଟରେ ନିବେଶ କରିଥାନ୍ତି ।

## ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

# ତାରକସି ହବ୍‌କୁ ମିଳିବ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା: ଉପମୁଖ୍ୟମନ୍ତ୍ରୀ

କଟକ, ୫/୮ ନ୍ୟୁଜ ବ୍ୟୁରୋ



ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ନିମନ୍ତେ କଟକଠାରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମଙ୍ଗଳବାର କଟକ ସିଡିଏ ସେକ୍ଟର ୬ ସ୍ଥିତ ବିଡାନାସୀ ପେଟାନାଳଠାରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି କେନ୍ଦ୍ର କଟକର ପରମ୍ପରାକୁ ସଂରକ୍ଷଣ କରିବା ସହିତ ନବସୃଜନକୁ ଆପଣାଇ ତାରକସି କାରିଗରମାନଙ୍କୁ ସଶକ୍ତ କରିବା ସହ କଟକ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ । ପ୍ରାୟ ସାଢେ ଆଠ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୨୦ ହଜାର ବର୍ଗଫୁଟ ଆୟତନର ଏହି ସୁବିଧା କେନ୍ଦ୍ରରେ ଆଧୁନିକ ଉପକରଣ, କାରିଗରମାନଙ୍କୁ ତାଲିମ ଓ ବଜାର ସୁବିଧା ସବୁକିଛି ଗୋଟିଏ ଛାତ ତଳେ ଯୋଗାଇ ଦିଆଯିବ । ଏହା କେବଳ ଏକ କୋଠା ନୁହେଁ ଏହା ଆଗାମୀ ପିଢ଼ିର କାରିଗରମାନଙ୍କ ପାଇଁ ଏକ ପ୍ରୟୋଗଶାଳା ହେବ । ଆଜି କଟକ ସହରରେ ୫୦୦ କାରିଗର ଥିବାବେଳେ ଆଗକୁ ୫୦୦୦ କାରିଗର ପରିବାର ଯେପରି ସୃଷ୍ଟି ହୋଇପାରିବେ ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟକ୍ରମ ହାତକୁ ନିଆଯିବ । କଟକର ସ୍ୱାଭିମାନ କଟକ ତାରକସିର ଚମକ ଯେଭଳି ବିଶ୍ୱ ଦରବାରରେ ସ୍ଥାନ ପାଇବ ସେ ଦିଗରେ ଏହି ସୁବିଧା କେନ୍ଦ୍ର କାର୍ଯ୍ୟ କରିବ । ଏହା ଷ୍ଟାର୍ଟ ଅପ୍ ମାନଙ୍କୁ ମଧ୍ୟ ଦିଗଦର୍ଶନ ଦେବ । 'ଭୋକାଲ ଫର ଲୋକାଲ ଏବଂ ଲୋକାଲ ଟୁ ଗ୍ଲୋବାଲ' ମନ୍ତ୍ରରେ ଏହି ସୁବିଧା କେନ୍ଦ୍ରକୁ ଏକ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରାଯିବ। ଯେଉଁଠାରେ ଦର୍ଶକ ସ୍ୱଚକ୍ଷୁରେ ତାରକସି ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀ ଦେଖିପାରିବେ । ତାରକସି ଭଳି ଏକ କଠିନ କାର୍ଯ୍ୟକୁ କିଭଳି ଆମ କାରିଗର ମାନେ ପିଢି ପରେ ପିଢି ବଞ୍ଚାଇ ରଖିଛନ୍ତି ତାହା ଏହି ସୁବିଧା କେନ୍ଦ୍ରରେ ସଂରକ୍ଷିତ ହୋଇ ରହିବ । କଟକର ଏହି ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରକୁ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ଆଠ ମାସ ମଧ୍ୟରେ ଏହି ସୁବିଧା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମତୀ ପରିଡା ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ବାରବାଟୀ କଟକ ବିଧାୟିକା ଇଂ ସୋଫିଆ ଫିରଦୋସ କହିଥିଲେ ତାରକସି କେବଳ ଆଭୂଷଣରେ ସୀମିତ ହୋଇ ରହିବ ନାହିଁ ଏହା ଆମ କାରିଗର ପରିବାରମାନଙ୍କୁ ଓ କଟକକୁ ଏହାର ଚମକରେ ଋଦ୍ଧିମନ୍ତ କରିବ । ଏହାଦ୍ୱାରା ପ୍ରତ୍ୟେକ କଟକବାସୀଙ୍କ ସ୍ୱପ୍ନ ପୂରଣ ହେବ। ତେଲଙ୍ଗାନାର କରିମ ନଗର ଓ ବଡ ବଜାର ଭଳି ରୌପ୍ୟ ତାରକସି ପାଇଁ ଏହି ସୁବିଧା କେନ୍ଦ୍ର ନିଜର ପରିଚୟ ସୃଷ୍ଟି କରିବ । କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି କମନ ଫାସିଲିଟି ସେଣ୍ଟର କାରିଗରମାନଙ୍କ ତାଲିମ କ୍ଷେତ୍ରରେ ଲାଭଦାୟକ ହୋଇପାରିବ ବୋଲି କହିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କଟକ ତାରକସିର ଅନନ୍ୟ ହସ୍ତଶିଳ୍ପକୁ ସଂରକ୍ଷଣ କରିବା ଏବଂ କାରିଗରମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହି ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ସେ କହିଥିଲେ କଟକର ତାରକସି କାରିଗରମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ତାଲିମ ଦେଇ ଏହି କାଳଜୟୀ କଳାର ସ୍ଥାୟିତ୍ୱ ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତି ଦିଗରେ ଉଦ୍ୟମ କରାଯିବା ନିମନ୍ତେ ଏହି କେନ୍ଦ୍ରରେ ଉନ୍ନତମାନର ଉପକରଣ ଯୋଗାଇ ଦିଆଯିବ । ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖୁବ୍‌ଶୀଘ୍ର ଏହି ସୁବିଧା କେନ୍ଦ୍ର କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶେଷରେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋଟା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଣି ୪ ସାଂଗଠନିକ ଜିଲ୍ଲା ସଭାପତିଙ୍କୁ ନିଯୁକ୍ତ କଲା ବିଜେଡି

ଭୁବନେଶ୍ୱର, ୫/୮ ନ୍ୟୁଜ ବ୍ୟୁରୋ

ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଦଳର ଆଉ ଚାରି ଜଣ ସାଂଗଠନିକ ଜିଲ୍ଲା ସଭାପତିଙ୍କୁ ନିଯୁକ୍ତ କରିଛନ୍ତି। ଏହି ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, କେନ୍ଦ୍ରାପଡ଼ା, କଳାହାଣ୍ଡି ଏବଂ କଟକ। ଦଳ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ବିକ୍ରମ ପଣ୍ଡାଙ୍କୁ ଗଞ୍ଜାମ ଜିଲ୍ଲାର ସଭାପତି ଭାବରେ ନିଯୁକ୍ତ କରାଯାଇଛି, ସେହିପରି ଶିବ ପ୍ରସାଦ ଭୋଳଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ନେତୃତ୍ୱ ନିଆଯାଇଛି। ପ୍ରଦୀପ କୁମାର ଦିଶାରିଙ୍କୁ କଳାହାଣ୍ଡି ଏବଂ ପ୍ରଫୁଲ୍ଲ ସିଂହଙ୍କୁ କଟକ ଜିଲ୍ଲାର ସଭାପତି ଭାବରେ ନିଯୁକ୍ତ କରାଯାଇଛି। ପୂର୍ବରୁ ଦଳ ୨୪ ଜଣ ସାଂଗଠନିକ ଜିଲ୍ଲା ସଭାପତିଙ୍କୁ ନିଯୁକ୍ତ କରିଥିଲା।

## ସବୁ ବିଭାଗକୁ ମୁଖ୍ୟ ଶାସନ ସଚିବଙ୍କ ଚିଠି

# କାମ କରିନପାରିଲେ ବିଦା ହେବେ ଅପାରଗ ବାବୁ




ଭୁବନେଶ୍ୱର, ୦୫/୦୮
ନ୍ୟୁଜ ବ୍ୟୁରୋ

ସରକାରଙ୍କ ନିୟମ ଅନୁଯାୟୀ କାମ କରିନପାରିଲେ ବିଦା ହେବେ ସରକାରୀ ବାବୁ। ସଚିବସ୍ତରୀୟ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ନେଇ ରିପୋର୍ଟ ମାଗିଲେ ମୁଖ୍ୟ ଶାସନ ସଚିବ। କେଉଁ ବିଭାଗରେ କେତେ ଅଧିକାରୀ ଓ କର୍ମଚାରୀ ଅପାରଗ ଅଛନ୍ତି ସେମାନଙ୍କ ତଥ୍ୟ ମଗାଯାଇଛି। ଏନେଇ ସମସ୍ତ ବିଭାଗକୁ ମୁଖ୍ୟ ଶାସନ ସଚିବଙ୍କ ଦପ୍ତରରୁ ଚିଠି କରାଯାଇଛି। ୭ ତାରିଖ ସୁଦ୍ଧା ସମସ୍ତ ତଥ୍ୟ ସରକାରଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଟିକିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁ ନାହାନ୍ତି ତଥା ଅପାରଗ ବୋଲି ବିବେଚିତ ହେବେ ସେମାନଙ୍କୁ ବିଦା କରାଯିବ। ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ସମ୍ପୃକ୍ତ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ।

# ରାଜସ୍ୱ କାର୍ଯ୍ୟାଳୟରେ ବାୟମେଟ୍ରିକ ଉପସ୍ଥାନ ଲାଗୁ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଚିଠି



ଭୁବନେଶ୍ୱର, ୫/୮ ନ୍ୟୁଜ ବ୍ୟୁରୋ

ପ୍ରତ୍ୟେକ ଜିଲ୍ଲାର ସମସ୍ତ ରାଜସ୍ୱ କାର୍ଯ୍ୟାଳୟରେ ବାୟମେଟ୍ରିକ ଉପସ୍ଥାନ ଲାଗୁ କରିବା ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ପ୍ରେରଣ କରିଛନ୍ତି। ସମସ୍ତ ରାଜସ୍ୱ କାର୍ଯ୍ୟାଳୟର ତଳ କର୍ମଚାରୀଙ୍କଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଇଁ ବାୟମେଟ୍ରିକ ଉପସ୍ଥାନ ଲାଗୁ ହେବ। ଏହାଫଳରେ ସମସ୍ତ କର୍ମଚାରୀ ଠିକ୍ ସମୟରେ ଅଫିସରେ ପହଞ୍ଚିବେ ବୋଲି ଆଶା କରାଯାଉଥିବା ଏହି ଚିଠିରେ କୁହାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜୁଲାଇ ୨୧ ତାରିଖରେ କଟକର ଏକ କାର୍ଯ୍ୟାଳୟରେ କେତେକ କର୍ମଚାରୀ ବିଳମ୍ବରେ ଅଫିସ୍‌କୁ ଆସୁଥିବାର ଲକ୍ଷ୍ୟ କରିଥିଲେ। ତାଙ୍କ ଆଦେଶକ୍ରମେ ପ୍ରତ୍ୟେକ ଜିଲ୍ଲାର ସମସ୍ତ ରାଜସ୍ୱ କାର୍ଯ୍ୟାଳୟରେ ବାୟମେଟ୍ରିକ ଉପସ୍ଥାନ ଲାଗୁ କରିବା ଲାଗି ନିଷ୍ପତ୍ତି ହୋଇଛି।

# ସେପ୍ଟେମ୍ବର ୧ରୁ ବନ୍ଦ ହେବ ପ୍ରତୀକାତ୍ମକ ପଞ୍ଜିକୃତ ଡାକ ସେବା




ନୂଆଦିଲ୍ଲୀ, ୫/୮

ଭାରତୀୟ ଡାକ ବିଭାଗ ସେପ୍ଟେମ୍ବର ୧ରୁ ଏହାର ପ୍ରତୀକାତ୍ମକ ପଞ୍ଜିକୃତ ଡାକ ସେବା ବନ୍ଦ କରିବା ନେଇ ଭାରତୀୟ ଡାକ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଫଳରେ ୫୦ ବର୍ଷରୁ ଅଧିକ ପୁରୁଣା ଏହି ଐତିହ୍ୟକୁ ବିଦାୟ ଦେବ ଭାରତୀୟ ଡାକ ବିଭାଗ। ଆସନ୍ତା ସେପ୍ଟେମ୍ବର ୧ରୁ ଏହା କାର୍ଯ୍ୟକାରୀ କରିବ ଭାରତୀୟ ଡାକ ବିଭାଗ। ଆଧୁନିକୀକରଣ କରିବା ଲକ୍ଷ୍ୟରେ ସ୍ପିଡ୍ ପୋଷ୍ଟ ସହିତ ଏକ ରଣନୈତିକ ସମନ୍ୱୟର ଅଂଶ ଭାବରେ ଏହି ସେବାକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ଡାକ ବିଭାଗ ସୂତ୍ରରୁ ଜଣାପଡିଛି।

# ପୂର୍ବତନ ମୁଖ୍ୟ ଶାସନ ସଚିବ ସୁବାଷ ପାଣିଙ୍କ ପରଲୋକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ, ସୁ-ସାହିତ୍ୟିକ, ଜଗନ୍ନାଥ ସଂସ୍କୃତି ଗବେଷକ ତଥା ରାଜ୍ୟ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁବାଷ ପାଣିଙ୍କର ସୋମବାର ସହିଦ ନଗର ସ୍ଥିତ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଦୁଇ କନ୍ୟା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତଥା ପ୍ରଶାସନିକ ଅଧିକାରୀମାନେ ସ୍ୱର୍ଗତ ପାଣିଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। ୧୯୭୨ ବ୍ୟାଚ ଆଇଏଏସ୍ ଅଧିକାରୀ ସ୍ୱର୍ଗତ ପାଣି ଉଭୟ ରାଜ୍ୟ ଓ କେନ୍ଦ୍ର ସ୍ତରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ନିଷ୍ଠା ଓ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ଭାରତୀୟ ନିର୍ବାଚନ କମିଶନରେ ଉପ-ନିର୍ବାଚନ କମିଶନର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ସେ ସିଷ୍ଟମ୍, ଆଇଟି, ଶିଳ୍ପ, ଭିତ୍ତିଭୂମି, ବାଣିଜ୍ୟ ପ୍ରୋତ୍ସାହନ ଏବଂ ନିର୍ବାଚନ ଭଳି ବିଭିନ୍ନ କ୍ଷେତ୍ରରେ ଜଣେ ବିଶିଷ୍ଟ ବିଶେଷଜ୍ଞ ଥିଲେ। ତାଙ୍କର ଏକ ଉଲ୍ଲେଖନୀୟ ସଫଳତା ହେଉଛି ଭୁବନେଶ୍ୱର ସଫ୍ଟୱେର୍ ପ୍ରଯୁକ୍ତିବିଦ୍ୟା ପାର୍କ ପ୍ରତିଷ୍ଠା, ଯାହା ଓଡ଼ିଶାରେ ଆଇଟି କ୍ଷେତ୍ରର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେ ୧୯୯୬, ୧୯୯୮ ଏବଂ ୧୯୯୯ ମସିହାରେ ତିନୋଟି ଜାତୀୟ ନିର୍ବାଚନ ସମେତ ଅନେକ ଜାତୀୟ ଏବଂ ରାଜ୍ୟ ବିଧାନସଭା ନିର୍ବାଚନକୁ ସଫଳତାର ସହିତ ପରିଚାଳନା କରିଥିଲେ, ଯାହା ନିର୍ବାଚନ ପରିଚାଳନାରେ ତାଙ୍କର ଦକ୍ଷତାକୁ ପ୍ରଦର୍ଶନ କରିଥିଲା। ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହିତ ସାଂସ୍କୃତିକ ଚେତନା ଜାଗ୍ରତ କରିବାରେ ତାଙ୍କର ଜୀବନବ୍ୟାପୀ ସାଧନା ରହିଥିଲା, ଯାହା ତାଙ୍କର ବ୍ୟାପକ ପୁସ୍ତକ ଏବଂ ପ୍ରବନ୍ଧ ସଂଗ୍ରହରୁ ପ୍ରମାଣିତ। ସେ ୨୦୦୮ ମସିହାରେ ସାରେଗାମା ଦ୍ୱାରା ପ୍ରକାଶିତ 'ସମ୍ପୂର୍ଣ୍ଣ ଗୀତଗୋବିନ୍ଦ' ଅଡିଓ ସିଡି ପାଇଁ ସଙ୍ଗୀତ ରଚନା କରିଥିଲେ, ଯାହା ଏବେ ବହୁ ପସନ୍ଦିତ ସଂଗ୍ରହଣୀୟ ସାମଗ୍ରୀ ପାଲଟିଛି। ଏହା ବ୍ୟତୀତ, ସେ ଜୟପୁରର କୁମାର ଉତ୍ସବ, ଭୁବନେଶ୍ୱରର ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଏବଂ ଦିଲ୍ଲୀର ଅଷ୍ଟପଦୀ ମହୋତ୍ସବ ସମେତ ବିଭିନ୍ନ ସାଂସ୍କୃତିକ ଉତ୍ସବର ପରିକଳ୍ପନା ଏବଂ ସଂଯୋଜନା କରିଥିଲେ। ଏହା ସହିତ ସ୍ୱର୍ଗତ ପାଣି ପୁରୀରେ ରଥଯାତ୍ରା ମହୋତ୍ସବର ସିଧା ପ୍ରସାରଣ ପାଇଁ ଦୂରଦର୍ଶନରେ ଏକ ଟେଲିଭିଜନ ଭାଷ୍ୟକାର ଭାବରେ ପ୍ରାୟତଃ କାର୍ଯ୍ୟ କରିଥିଲେ। ଆଇଟି ଏବଂ ସିଷ୍ଟମ କ୍ଷେତ୍ରରେ ତାଙ୍କର ଅବଦାନକୁ ୨୦୦୯ ମସିହାରେ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ସମ୍ମାନଜନକ ଫେଲୋସିପ୍ ସହିତ ସ୍ୱୀକୃତି ଦିଆଯାଇଥିଲା। ସେ ଇଣ୍ଡିଆନ୍ ନ୍ୟାସନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ୍ କଲଚରାଲ୍ ହେରିଟେଜ୍‌ର ଆଜୀବନ ସଦସ୍ୟ ମଧ୍ୟ ଥିଲେ, ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପ୍ରତି ତାଙ୍କର ଉତ୍ସର୍ଗୀକୃତ ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ସାର୍ବଜନୀନ କ୍ଷେତ୍ର ଏବଂ ଭାରତର ସାଂସ୍କୃତିକ ଦୃଶ୍ୟପଟ୍ଟ ଉଭୟରେ ସ୍ୱର୍ଗତ ପାଣି ଏକ ସ୍ଥାୟୀ ଐତିହ୍ୟ ଛାଡିଯାଇଛନ୍ତି। ତାଙ୍କ ଦ୍ୱାରା ରଚିତ 'ବ୍ଲୁ ହିଲ୍ - ଜଗନ୍ନାଥଙ୍କ ସ୍ତୁତି' ଏକ ଲୋକପ୍ରିୟ ପୁସ୍ତକ, ଯାହା ସଂସ୍କୃତ ଏବଂ ଓଡ଼ିଆରୁ ଅନୁବାଦ କରାଯାଇଛି।

ଏବେ ବଜାରରେ ଉପଲବ୍ଧ...

'କଥାକଳିକା'ର ଅଗଷ୍ଟ-୨୦୨୫ ସଂଖ୍ୟା
(ଦେଶ ପ୍ରେମ ସ୍ୱତନ୍ତ୍ର)




ଏଥର ଚର୍ଚ୍ଚିତ ସଂଖ୍ୟାରେ ଆମର ପ୍ରିୟ କଥାକାର ଗଣ...

ଗାଳ୍ପିକ ରବିପଣ୍ଡା- ପରିଚୟ, ରମେଶ ପଟ୍ଟନାୟକ-ପହେଲିଗାମ୍, ସଂଯୁକ୍ତା ଦାଶ- ଉପତ୍ୟକାରେ ଆତଙ୍କ, ସୋମାନନ୍ଦ-ମାଟି, ମା/ମା-ମାଟି, ରେବା ପଟ୍ଟନାୟକ-ସେ' କାହାର ହେବ, ସୁଷମା ପରିଜା-ଫେରିଆ ଧନ ମୋର, ପ୍ରଫୁଲ୍ଲ ବାରିକ-ରୂପସୀରୁ ରକ୍ତ ତୀର୍ଥ, ବିଦ୍ୟାଧରଗୁରୁ-ସ୍ୱପ୍ନଭଙ୍ଗ, ଚନ୍ଦ୍ରକଳାନାୟକ-ପାରୁଲର ଦେଶପ୍ରେମ, ସ୍ନିଗ୍ଧା ନାୟକ-ପହେଲିଗାମ୍‌ର ପ୍ରଥମ ତୁଷାର ପାତ, ମଧୁସ୍ମିତା ମିଶ୍ର- ନିର୍ମୋହୀ, ସନ୍ତୋଷୀ ସ୍ୱାଇଁ-ବୀର ଶହୀଦର ସିନ୍ଦୁର, ନମିତା ଦାଶ-କେମିତି ଫେରିବି, ପ୍ରଭାତୀ ଜେନା-ପିନ୍ଧୁ, ବିନୋଦିନୀ ଗନ୍ତାୟତ-ପ୍ରତିଛବି, ସୁଷମାଲେଙ୍କା- ଶହୀଦ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଚାଲିଛି ମହାନ ଅଭିଯାନ : ଶିବରାଜ

ନୂଆଦିଲ୍ଲୀ,୫/୮



କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ସର୍ବାଧିକ ଚାଷୀଙ୍କୁ ପଞ୍ଜୀକରଣ କରିବା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟ ଭଉଣୀମାନଙ୍କୁ ଅଧିକ ଋଣ ଦେବା ସମ୍ପର୍କରେ ସମସ୍ତ ବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କ ଏକ ଭର୍ଚ୍ୟୁଆଲ୍ ବୈଠକ କରିଛନ୍ତି। ସେ ସମସ୍ତ ବ୍ୟାଙ୍କଗୁଡ଼ିକୁ ମହିଳାମାନଙ୍କୁ ଋଣ ଦେବା ଉପରେ ଧ୍ୟାନ ଦେଇ କଭରେଜ୍ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଦୂରଦୂରାନ୍ତ ଓ ଗ୍ରାମୀଣ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ଉତ୍ତମ ଫଳାଫଳ ହାସଲ କରାଯାଇପାରିବ। ଶିବରାଜ ସିଂହ ନିଷ୍ପତ୍ତି ନେଇଥିଲେ ଯେ ଚଳିତ ଖରିଫ ଋତୁରେ ଫସଲ ବୀମା ଅଧୀନରେ ସର୍ବାଧିକ ସଂଖ୍ୟକ ଚାଷୀଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଅଗଷ୍ଟ ୧୬ରୁ ୩୦ ପର୍ଯ୍ୟନ୍ତ ସାରା ଦେଶରେ ଏକ ଅଭିଯାନ ଚାଲିବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଭାରତ ନିର୍ମାଣ ପାଇଁ ଏକ ମହାନ ମିଶନ ଚାଲିଛି। ସେ କହିଛନ୍ତି ଯେ ଆମ ଦେଶର ବିକାଶର ଗତି ଏବଂ ଦିଗ ଦେଖି ବିଶ୍ୱ ଆଶ୍ଚର୍ଯ୍ୟ ଏବଂ କିଛିଟା ଚିନ୍ତିତ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ଅନେକ ଲକ୍ଷ୍ୟ ହାସଲ କରିଛୁ। ଆଜି ଆମେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଏବଂ ତୃତୀୟ ହେବା ଦ୍ୱାରରେ ଅଛୁ। ଏହି ସଫଳତା ପଛରେ ଆମର ଦୁଇଟି ବିଭାଗ (କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ) ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଶିବରାଜ ସିଂହ କହିଛନ୍ତି ଯେ ଯେପରି ଭାରତକୁ ଗାଁ ବିନା ଜାଣିହେବ ନାହିଁ, ସେହିପରି ଆମ ଦେଶକୁ କୃଷି ବିନା ଜାଣିହେବ ନାହିଁ। କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ଏହାର ଆତ୍ମା ଏବଂ ଜୀବନ। ମୋଦୀ ସରକାର କୃଷକ, ବିଶେଷକରି ଗରିବ, ଗ୍ରାମୀଣ ଏବଂ ମହିଳାମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ। ବ୍ୟାଙ୍କଗୁଡ଼ିକୁ ଅଭିନନ୍ଦନ ଜଣାଇ ଶିବରାଜ ସିଂହ କହିଛନ୍ତି ଯେ ଏହି ଦୁଇଟି ବିଭାଗରେ ଆମେ ଯେଉଁ ସଫଳତା ହାସଲ କରୁଛୁ ସେଥିରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଯଦି ଆମେ ଏନ୍‌ଆର୍‌ଏଲ୍‌ଏମ୍ ବିଷୟରେ କଥା ହେବା, ତେବେ ୯୦ ଲକ୍ଷ ୯୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ଯାହା ସହିତ ୧୦ କୋଟିରୁ ଅଧିକ ଭଉଣୀ ଜଡିତ। ବ୍ୟାଙ୍କଗୁଡ଼ିକର ପ୍ରଶଂସା କରି ଶିବରାଜ ସିଂହ କହିଛନ୍ତି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୧୧ ଲକ୍ଷ କୋଟି ଟଙ୍କାର ଋଣ ପାଇଛନ୍ତି। ଆଜି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଶକ୍ତିକରଣ ପାଇଁ ଏକ ଆନ୍ଦୋଳନ ଏବଂ 'ଲକ୍ଷପତି ଦିଦି'ର ଆଲୋଚନା ସବୁଠି ଶୁଣାଯାଉଛି। ପ୍ରଧାନମନ୍ତ୍ରୀ ୩ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଥିଲେ, ଆମେ ବହୁତ ପୂର୍ବରୁ ଦେଢ଼ କୋଟିର ସଂଖ୍ୟା ଅତିକ୍ରମ କରିଛୁ ଏବଂ ଏବେ ନିରନ୍ତର ଏବଂ ଦ୍ରୁତ ଗତିରେ ଆଗକୁ ବଢ଼ୁଛୁ। ବ୍ୟାଙ୍କଗୁଡ଼ିକ ବହୁତ ସହଯୋଗ କରିଛନ୍ତି, ଏଥିପାଇଁ ବ୍ୟାଙ୍କ ଗୁଡିକୁ ଶ୍ରୀ ସିଂହ ଧନ୍ୟବାଦ ଦେଇଛନ୍ତି। କୃଷି ସଚିବ ଦେବଶେ ଚତୁର୍ବେଦୀ ଏବଂ ଗ୍ରାମୀଣ ବିକାଶ ସଚିବ ଶୈଳେଶ ସିଂହ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ ଏବଂ ସେମାନେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ। ଏହା ସହିତ, ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏବଂ ରାଜ୍ୟର ଉଚ୍ଚ ପଦାଧିକାରୀମାନେ ମଧ୍ୟ ସେମାନଙ୍କର ମତାମତ ବାଣ୍ଟିଥିଲେ।